ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୪/୨୦୨୩ (୧୪ ପୃଷ୍ଠା) Bhubaneswar, Monday, July 24/2023 Page 14 ₹ 7.00

୪୯ଶ ଭାଗ ୨୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 239 ମୂଲ୍ୟ ₹୭/-

ସିରାଜଙ୍କୁ ୫ ଉଇକେଟ

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ମହମ୍ମଦ ସିରାଜ ୫ଉଇକେଟ ସଫଳତା ପାଇଛନ୍ତି।

୧୪ ୦୨

ବିବାଦୀୟ ସାକ୍ଷାତ୍କାର ପରେ ସନି ଲିଓନଙ୍କୁ ମିଳିଥିଲା ସମର୍ଥନ

ଅଭିନେତ୍ରୀ ସନି ଲିଓନ ୨୦୧୬ରେ ଦେଇଥିବା ସାକ୍ଷାତ୍କାରକୁ ନେଇ ବିବାଦ ଦେଖାଯାଇଥିଲା। ପରେ ବଲିଉଡ୍‌ରୁ ତାଙ୍କୁ ସମର୍ଥନ ମିଳିଥିଲା।

ହୀରାକୁଦ ଡ୍ୟାମ୍‌ର ୫ଟି ଗେଟ୍ ଦେଇ ରବିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେଉଛି।

ସାପ କାମୁଡ଼ାରେ ୩ ଛାତ୍ରୀଛାତ୍ର ମୃତ

କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ(ମହେଶ୍ୱର ଦାଶ),୨୩।୭

ଘରୋଇ କୋଚିଂ ସେଣ୍ଟରରେ ଅଘଟଣ

- ୫ ଦିନ ପୂର୍ବେ ଅନ୍ୟ ଏକ ଛାତ୍ରାବାସରେ ଜଣଙ୍କ ମୃତ୍ୟୁ ହୋଇଥିଲା
- ବିନା କାଗଜପତ୍ରରେ ଚାଲିଥିବା ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଜାଲି ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଥିବା ଏକ ଘରୋଇ ଛାତ୍ରାବାସରେ ଅଭାବନୀୟ ଘଟଣା ଘଟିଯାଇଛି। ଶନିବାର ରାତିରେ ଛାତ୍ରୀଛାତ୍ର ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ାରେ ୩ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଛାତ୍ରୀ, ଜଣେ ଛାତ୍ର ଥିବା ଜଣାପଡ଼ିଛି। ମୃତ ଛାତ୍ରୀଛାତ୍ର ହେଲେ ଘଟଗାଁ ବ୍ଲକ୍ ବଡ଼ବେରବେଡ଼ା ଗ୍ରାମର ଗୋବର୍ଦ୍ଧନ ନାଏକଙ୍କ ଝିଅ ଏଲିନା ନାଏକ(୮), ଯୋଡ଼ା ବ୍ଲକ ଉଚ୍ଚବାଲି ଗ୍ରାମର ଛତିଶ କୁମାର ନାଏକଙ୍କ ଝିଅ ସ୍ନେହାଶ୍ରୀ ନାଏକ(୯) ଓ ବାମେବାରୀ ଥାନା ନୟାଗଡ଼ ଅଞ୍ଚଳର ମନୋଜ କୁମାର ନାଏକଙ୍କ ପୁଅ ରାଜା ନାଏକ(୧୦)। ଗୁରୁତର ଛାତ୍ର ହେଲେ ବଡ଼ବିଲ ଥାନା ଠାକୁରାଣୀ ଗ୍ରାମର ରଞ୍ଜନ ନାଏକଙ୍କ ପୁଅ ଆକାଶ ନାଏକ(୧୨)। ବେଆଇନ ଭାବେ ଛାତ୍ରାବାସ ଚାଲୁଥିବା ଅଭିଯୋଗ ହେଉଥିବା ବେଳେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ଅନେକ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରକୁ ନେଇ ପଳାଇଛନ୍ତି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ମହାନ୍ତଙ୍କ ନିଶ୍ଚିନ୍ତପୁର ଗ୍ରାମରେ ଏକ ଘରୋଇ କୋଚିଂ ସେଣ୍ଟର ରହିଛି। ସେଠାକାର ଛାତ୍ରାବାସରେ ୧୧୬ ଜଣ ଅନ୍ତେବାସୀ ରହୁଛନ୍ତି। ସମସ୍ତ ଅନ୍ତେବାସୀଙ୍କ ଶୋଇବା ପାଇଁ ଖଟ ଦିଆଯାଇ ନ ଥିବାରୁ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

କ୍ଷତି ଭାରତର, ଲାଭ ଚାଇନାର

ମନଇଚ୍ଛା ପାଣି ଛାଡୁଛି ଛତିଶଗଡ଼

ସମନ୍ୱୟ ଅଭାବରୁ ବସିପାରୁନି ମହାନଦୀ ଜଳ ପରିଚାଳନା ବୈଠକ

ସମ୍ବଲପୁର, ୨୩।୭(ଶୁଭାଶିଷ ପାଢ଼ୀ)

ମହାନଦୀ ପାଣିକୁ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଆନ୍ତଃରାଜ୍ୟ ଜଳ ବିବାଦ ଲାଗିରହିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ବ୍ୟାରେଜ ନିର୍ମାଣ କରିଥିବାରୁ ତଳମୁଣ୍ଡରେ ଜଳ ପ୍ରବାହ ଠିକ୍ ଭାବେ ହୋଇପାରୁ ନାହିଁ। ବିଶେଷକରି ଅଣମୌସୁମୀ ସମୟରେ ମହାନଦୀ ଶୁଖିଲା ପଡୁଥିବାବେଳେ ମୌସୁମୀ ସମୟରେ ଛତିଶଗଡ଼ ମନଇଚ୍ଛା ଗେଟ ଖୋଲି ବନ୍ୟା ସ୍ଥିତି ସୃଷ୍ଟି କରୁଛି। ଉଭୟ ରାଜ୍ୟ ମଧ୍ୟରେ ଥିବା ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରୁ ନାହିଁ। ବିଶେଷକରି ବନ୍ୟାଜଳ ପରିଚାଳନାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବାରୁ ବୈଠକ ମଧ୍ୟ ଠିକ୍ ଭାବେ ବସିପାରୁ ନାହିଁ। କେବଳ ଜ୍ଞାନକୌଶଳ, ଆଇଏମ୍‌ଡିର ପୂର୍ବସୂଚନା ଆଧାରରେ ଅନୁମାନ କରି ହୀରାକୁଦ ନଦୀବନ୍ଧ ଯୋଜନାର ଜଳ ପରିଚାଳନା କରାଯାଉଛି ବୋଲି ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି।

ମୁଖ୍ୟଯନ୍ତ୍ରୀଙ୍କ କହିବା ହେଲା, ୨୦୧୯ ଅଗଷ୍ଟ ପରଠାରୁ ବନ୍ୟାଜଳ ନିଷ୍କାସନ ଓ ପରିଚାଳନା ନେଇ ଛତିଶଗଡ଼ ରାଜ୍ୟ ଅସହଯୋଗ କରିଆସୁଛି। ଦୀର୍ଘ ୪ବର୍ଷ ହେଲା ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ସମନ୍ୱୟ ରହୁନାହିଁ। ଜାତୀୟ ଡ୍ୟାମ୍ ସୁରକ୍ଷା କମିଟି କିମ୍ବା ଆନ୍ତଃରାଜ୍ୟ ଉପକମିଟି ବୈଠକ ଉଭୟ ରାଜ୍ୟ ଭିତରେ ହୋଇପାରୁ ନାହିଁ। ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ବାରମ୍ବାର ବୈଠକ ପାଇଁ ଚିଠି କରିବା ପରେ ମଧ୍ୟ ଛତିଶଗଡ଼ ଉତ୍ତର ଦେଉନି କିମ୍ବା ବୈଠକ ବସିପାରୁନି। ଏପରି କି ଛତିଶଗଡ଼ରେ ଥିବା ଡ୍ୟାମ୍‌ଗୁଡ଼ିକର ଗେଟ୍ ଖୋଲିବା, ବର୍ଷା ପରିମାଣ, କେତେ ପରିମାଣ ପାଣି ଜଳଭଣ୍ଡାରକୁ ପ୍ରବେଶ କରିବ ସେ ନେଇ ଛତିଶଗଡ଼ ସୂଚନା ଦେଉନାହିଁ। ଜଳଭଣ୍ଡାରରେ ଜଳରଖିବା କ୍ଷମତା ଓ ସମୟକୁ ନେଇ ରୁଲକର୍ଭ ନିୟମ ରହିଛି। ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ଏହି ନିୟମ ହୋଇଥିଲା। ହେଲେ ଛତିଶଗଡ଼ ଏହାର ଖୋଲା ☞ପୃଷ୍ଠା–୪

ହୀରାକୁଦରୁ ଛଡ଼ାଗଲା ପ୍ରଥମ ବନ୍ୟାଜଳ

୫ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୨୩।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ରବିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ଧାର୍ଯ୍ୟ ସମୟ ଓ ଲଗ୍ନ ଅନୁସାରେ ପୂଜାର୍ଚ୍ଚନା ପରେ ପ୍ରଥମେ ବାମପାର୍ଶ୍ୱର ୭ ନମ୍ବର ସ୍ଲୁଇସ ଗେଟ୍ ଖୋଲାଯାଇଥିଲା । ପରେ ବାମପଟର ୨ ଓ ଡାହାଣ ପାର୍ଶ୍ୱର ଅନ୍ୟ ୨ ଏପରି ମୋଟ ୫ ଗେଟ୍ ଖୋଲାଯାଇଥିଲା। ସକାଳ ୬ଟାରୁ ୯ଟା ୪୦ମିନିଟ ମଧ୍ୟରେ ଶୁଭବେଳା ରହିଥିବାବେଳେ ଠିକ୍ ୯ଟା ସମୟରେ ଗେଟ୍ ଖୋଲିଥିଲା। ଏବେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ☞ପୃଷ୍ଠା–୪

ଜେଇ ସିଭିଲ ମେନ୍ ପରୀକ୍ଷା ରଦ୍ଦ

ସେପ୍ଟେମ୍ବର ୩ରେ ସାନି ପରୀକ୍ଷା

ଭୁବନେଶ୍ୱର/ବାଲେଶ୍ୱର ଅଫିସ, ୨୩।୭ (ଅନୁରାଧା ମହାରଣା /ମାନସ ବିଶ୍ୱାଳ)

- ପ୍ରଶ୍ନପତ୍ର ଲିକ୍: ବାଲେଶ୍ୱର ଏସ୍‌ପିଙ୍କ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ

ଗତ ୧୬ ତାରିଖରେ ହୋଇଥିବା ଜେଇ ସିଭିଲ ମେନ୍ ପରୀକ୍ଷାକୁ ରଦ୍ଦ କରାଯାଇଥିବା ଓଡ଼ିଶା ଷ୍ଟାଫ୍ ସିଲେକ୍‌ସନ କମିଶନ (ଓଏସ୍‌ଏସ୍‌ସି) ଅଧ୍ୟକ୍ଷ ଅଭୟ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗର ତଦନ୍ତ କରି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଦେଇଥିବା ରିପୋର୍ଟ ଅନୁସାରେ ଏହି ପରୀକ୍ଷାକୁ ରଦ୍ଦ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ସାନି ପରୀକ୍ଷା ହେବା ନେଇ ଓଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି। ରବିବାର ଅପରାହ୍ନରେ ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ☞ପୃଷ୍ଠା–୪

ବିଦେଶ ଯାଉଛନ୍ତି, ମଣିପୁର ଆସନ୍ତୁ

ମେଇତି ସମ୍ପ୍ରଦାୟ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମଣିପୁର ହାଇକୋର୍ଟଙ୍କ ଏ ସମ୍ପର୍କିତ ରାୟ ଉତ୍ତର–ପୂର୍ବ ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ମେ' ୩ରୁ ଜାତିଆଣ ହିଂସା ଏବଂ ଯୌନହିଂସାରେ ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବେଠୁ ଅଦ୍ୟାବଧି ୭ ଦେଶ ଗସ୍ତ କଲେଣି। ଏହି ଉଚ୍ଚସ୍ତରୀୟ ଗସ୍ତବେଳେ ୧.୭୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସରକାରୀ ଭାବେ କୁହାଯାଉଛି, ଯାହାକି ପ୍ରକୃତରେ ଆହୁରି ଅଧିକ ହୋଇପାରେ। ଇତିମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁର ଗସ୍ତ କରିସାରିଥିବାବେଳେ ଦେଶର ପ୍ରଧାନମନ୍ତ୍ରୀ କାହିଁକି ହିଂସା ପ୍ରଭାବିତ ରାଜ୍ୟକୁ ଯାଉନାହାନ୍ତି ବୋଲି ଅନେକ ବିରୋଧୀ ନେତା, ସାମାଜିକ କର୍ମୀ ଓ ଅଧିକାର କର୍ମୀ ପ୍ରଶ୍ନ କରିଛନ୍ତି।

ଇମ୍ଫାଲ/କୋଲକାତା/ନୂଆଦିଲ୍ଲୀ, ୨୩।୭

- ପ୍ରଧାନମନ୍ତ୍ରୀଙ୍କ ତତ୍କାଳ ହସ୍ତକ୍ଷେପ ଲୋଡ଼ିଲେ ଲୌହମାନବୀ ଇରୋମ ଶର୍ମିଲା

ଭାଜପା ଶାସିତ ଜାତିଆଣ ହିଂସା ଓ ଯୌନ ହିଂସା ପ୍ରଭାବିତ ମଣିପୁରରେ ଆଦିବାସୀ ମହିଳାମାନଙ୍କୁ ଉଲଗ୍ନ ପରେଡ୍ ଏବଂ ଗଣବଳାତ୍କାର କରାଯିବା ଘଟଣାକୁ ରବିବାର ନାଗରିକ ଅଧିକାର କର୍ମୀ ଇରୋମ ଚାନୁ ଶର୍ମିଲା ଅତ୍ୟନ୍ତ ଅମାନବୀୟ ବୋଲି ଅଭିହିତ କରିଛନ୍ତି। ତାଙ୍କ ରାଜ୍ୟର ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳ ହସ୍ତକ୍ଷେପ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। କେବଳ ଏତିକି ନୁହେଁ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂ ନିଜ ବିଫଳତା ସ୍ୱୀକାର ☞ପୃଷ୍ଠା–୪

୭ ଦେଶ ବୁଲି ୧.୭୯ କୋଟି ଖର୍ଚ୍ଚ କରିଛନ୍ତି ପ୍ରଧାନମନ୍ତ୍ରୀ

ବେଙ୍ଗାଲୁରୁ, ୨୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ଏବଂ ଜୁଲାଇ ମାସରେ ଆମେରିକା, ଫ୍ରାନ୍ସ ସମେତ ୭ ରାଷ୍ଟ୍ର ଗସ୍ତ କରିଥିଲେ। ଏ ବାବଦରେ କେନ୍ଦ୍ର ସରକାର ୧.୭୯ କୋଟି ଟଙ୍କା ବ୍ୟୟ କରିଛନ୍ତି। ☞ପୃଷ୍ଠା–୪

ଖୁବ୍‌ଶୀଘ୍ର ପୃଥିବୀ କକ୍ଷ ଛାଡ଼ିବ ଚନ୍ଦ୍ରୟାନ–୩

ବେଙ୍ଗାଲୁରୁ, ୨୩।୭

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପ୍ରେରଣ କରିଥିବା ଚନ୍ଦ୍ରୟାନ–୩ ଖୁବ୍‌ଶୀଘ୍ର ପୃଥିବୀ କକ୍ଷ ଛାଡ଼ି ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିବା ପାଇଁ ଅଗ୍ରସର ହେଉଛି। ଧୀରେ ଧୀରେ ଏହା ଚନ୍ଦ୍ରର ନିମ୍ନ କକ୍ଷପଥକୁ ଯିବା ସହ ଅଗଷ୍ଟ ୨୩ରେ ସଫ୍ଟ ଲ୍ୟାଣ୍ଡିଂ କରିବ ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଗତ ୧୪ ତାରିଖରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ☞ପୃଷ୍ଠା–୪

ସେକ୍ସ ସିନ୍ ବେଳେ ଭଗବଦ୍ ଗୀତା ପାଠ

ନୂଆଦିଲ୍ଲୀ, ୨୩।୭

ବିବାଦରେ ଫିଲ୍ମ 'ଓପେନ୍‌ହାଇମର'

ବିଶ୍ୱର ପ୍ରଥମ ପରମାଣୁ ବୋମାର ମାଷ୍ଟରମାଇଣ୍ଡ ରବର୍ଟ ଓପେନ୍‌ହାଇମରଙ୍କ ବାୟୋପିକ୍ (ଆତ୍ମଜୀବନୀ ଚଳଚ୍ଚିତ୍ର) ଶୁକ୍ରବାର ରିଲିଜ୍ ହୋଇଛି। ଏହା ଭଲ ରେଟିଂ ହାସଲ କରିବା ସହ ବକ୍ସ ଅଫିସ୍‌ରେ ଚହଳ ସୃଷ୍ଟି କରିଛି। କିନ୍ତୁ ଏହାର ଏକ ବିବାଦୀୟ ସିନ୍ ଅନେକ ଭାରତୀୟ ଦର୍ଶକଙ୍କୁ ମର୍ମାହତ କରିଛି। ଖ୍ରୀଷ୍ଟୋଫର ନୋଲନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ 'ଓପେନ୍‌ହାଇମର'ରେ ଏକ ସେକ୍ସ ସିନ୍‌ରେ ଭଗବଦ୍ ଗୀତା ପଢ଼ିବା ନେଇ 'ସେଭ୍ କଲ୍‌ଚର ସେଭ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ବିରୋଧ କରାଯାଇଛି।

ରବର୍ଟ ଓପେନ୍‌ହାଇମର ଭୂମିକାରେ ଅଭିନୟ କରୁଛନ୍ତି ସିଲିୟନ ମର୍ଫି। ଫିଲ୍ମର ଏକ ଦୃଶ୍ୟରେ ଜଣେ ମହିଳା ଓପେନ୍‌ହାଇମରଙ୍କ ସହ ସମ୍ଭୋଗ କରୁଛନ୍ତି। ଏହି ସମୟରେ ମହିଳା ଜଣକ ଓପେନ୍‌ହାଇମରଙ୍କ ☞ପୃଷ୍ଠା–୪

୨୮% ସମର୍ଥନ ହରାଇଲେ କିଶିଦା

ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ କ୍ୟାବିନେଟ୍ ପ୍ରତି ୨ ମାସ ମଧ୍ୟରେ ୧୭% ଜନ ସମର୍ଥନ ହ୍ରାସ ପାଇଛି। ମାତ୍ର ୨୮% ଜାପାନୀ ଏବେ କିଶିଦା ସରକାରଙ୍କୁ ସମର୍ଥନ କରୁଥିବା ନେଇ ରବିବାର 'ମାଇନିଚି ଶିମ୍ବୁନ୍' ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଗତ ଫେବୃୟାରୀରୁ ଅଦ୍ୟାବଧି ଜନ ସମର୍ଥନ ୩୦% ତଳକୁ ଖସିବାରେ ଏହା ହେଉଛି ପ୍ରଥମ। ସମର୍ଥନ ହରାଉଥିବା କିଶିଦା ଆଗକୁ ନିଜ କ୍ୟାବିନେଟରେ ଅଦଳବଦଳ ପାଇଁ ଚିନ୍ତା କରୁଛନ୍ତି।

ଇଶାକ୍ ହେବେ ପାକ୍‌ର ଅନ୍ତରୀଣ ପ୍ରଧାନମନ୍ତ୍ରୀ

ଆର୍ଥିକ ଦୁର୍ଗତି ଓ ରାଜନୈତିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଶାସକ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ପାର୍ଟି ଅର୍ଥମନ୍ତ୍ରୀ ଇଶାକ୍ ଡାରଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ବାଛିପାରେ। ନ୍ୟାଶନାଲ ଆସେମ୍ବ୍ଲିରେ ସରକାରଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୧୪ରେ ଶେଷ ହେଉଥିବାରୁ ତାଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେବା ପାଇଁ ବିଚାର କରାଯାଉଛି। ପରବର୍ତ୍ତୀ ନିର୍ବାଚନ ତାରିଖ ନିର୍ବାଚନ କମିଶନ ଘୋଷଣା କରିବେ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ରବିବାର ସୂଚନା ଦେଇଛନ୍ତି।

ହାରିଯିବେ କି ପେଡ୍ରୋ

ସ୍ପେନ୍‌ରେ ନୂଆ ସରକାର ଗଠନ ପାଇଁ ରବିବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ୨୦୧୮ ଜୁନ୍‌ରୁ ପ୍ରଧାନମନ୍ତ୍ରୀ ଥିବା ପେଡ୍ରୋ ସାନ୍‌ଚେଜ୍(୫୧)ଙ୍କ ସୋସିଆଲିଷ୍ଟ ସରକାର ବିରୋଧରେ ଜନମତ ଗଲେ ୫୦ ବର୍ଷ ମଧ୍ୟରେ ଦକ୍ଷିଣପନ୍ଥୀ ଦଳ ପ୍ରଥମ ଥର ପାଇଁ କ୍ଷମତାଚ୍ୟୁତ ହେବ। ବିରୋଧୀ ନେତା ଆଲ୍‌ବର୍ଟୋ ନୁନେଜ୍ ଫେଇଜୁଙ୍କ ପିପୁଲ୍ସ ପାର୍ଟି ସପକ୍ଷରେ ଫଳାଫଳ ଆସିପାରେ ବୋଲି ଓପିନିୟନ୍ ପୋଲ୍‌ଗୁଡ଼ିକ ଭବିଷ୍ୟବାଣୀ କରିଛନ୍ତି। ପ୍ରକାଶ ଯେ, ୧୯୭୦ ଦଶକରେ ଫ୍ରାନ୍ସିସ୍କୋ ଫ୍ରାଙ୍କୋଙ୍କ ଏକଚ୍ଛତ୍ରବାଦୀ ଶାସନର ଅନ୍ତ ଘଟିବା ପରେ ସୋସିଆଲିଷ୍ଟ ୱାର୍କର୍ସ ପାର୍ଟି କ୍ଷମତାସୀନ ହୋଇଥିଲା।

ପୁଅକୁ କ୍ଷମତା ଦେବେ ହୁନ୍

୧୯୯୮ରୁ ନିରବଚ୍ଛିନ୍ନ ଭାବେ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା ହୁନ୍ ସେନ୍ ସାଧାରଣ ନିର୍ବାଚନରେ ନିଜ ଦଳ କାମ୍ବୋଡିଆନ୍ ପିପୁଲ୍ସ ପାର୍ଟି (ସିପିପି) ଅଭୂତପୂର୍ବ ବିଜୟ ହାସଲ କରିଥିବା ରବିବାର ଦାବି କରିଛନ୍ତି। ଆସିଥିବା ୮୪% ଫଳାଫଳରୁ ଜନମତ ହୁନ୍‌ଙ୍କ ସପକ୍ଷରେ ଯାଇଥିବା କୁହାଯାଉଛି। ସେ ନିଜ ବଡ଼ପୁଅ ହୁନ୍ ମନେଟ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଇବାକୁ ଯାଉଛନ୍ତି। କିନ୍ତୁ ଏହା ପୂର୍ବରୁ ମନେଟ୍‌ଙ୍କୁ କୌଣସି ନ୍ୟାଶନାଲ ଆସେମ୍ବ୍ଲି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଜିତିବାକୁ ପଡ଼ିବ।

ସଂକ୍ଷେପରେ

ଟୁଇଟର ବ୍ରାଣ୍ଡ, ଲୋଗୋ ବଦଳିବ

ନୂଆଦିଲ୍ଲୀ,୨୩।୭: ଟୁଇଟରର ବ୍ରାଣ୍ଡ ଏବଂ ଲୋଗୋକୁ ଖୁବ୍‌ଶୀଘ୍ର ବିଦାୟ ଦିଆଯିବ ବୋଲି ଏହାର ମାଲିକ ଏଲନ୍ ମସ୍କ ରବିବାର କହିଛନ୍ତି। ସେ ଏହି ପ୍ଲାଟ୍‌ଫର୍ମକୁ ପୁନଃ ନାମକରଣ କରିବାକୁ ଯୋଜନା କରୁଛନ୍ତି। ଚାଇନାର ୱେଚାଟ୍ ଭଳି ସୁପର ଆପ୍ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେ ଅନ୍ୟ ଏକ ଟୁଇଟ୍‌ରେ ପୋଷ୍ଟ କରିଥିବା X ଲୋଗୋ ଯଦି ଭଲ ହୁଏ, ତେବେ ସୋମବାର ସାରା ବିଶ୍ୱରେ ଏହାକୁ ଲୋଗୋ ଭାବେ ବ୍ୟବହାର କରାଯିବ ବୋଲି ମସ୍କ କହିଛନ୍ତି।

ଅନୁପ୍ରବେଶ ଉଦ୍ୟମ: ୨ ଚାଇନା ନାଗରିକ ଗିରଫ

ପାଟନା,୨୩।୭: ବିହାରର ପୂର୍ବ ଚମ୍ପାରନ ଜିଲା ଅନ୍ତର୍ଗତ ଭାରତ-ନେପାଳ ସୀମାରୁ ୨ ଜଣ ଚାଇନା ନାଗରିକଙ୍କୁ ଗିରଫ କରାଯାଇଛି। ସେମାନେ ବିନା କାଗଜପତ୍ରରେ ବେଆଇନ ଭାବେ ଭାରତରେ ପ୍ରବେଶ ଉଦ୍ୟମ କରୁଥିଲେ। ସେମାନଙ୍କ ଅନୁପ୍ରବେଶ ଉଦ୍ଦେଶ୍ୟ ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ୍ୟ ଗୁପ୍ତଚର ଗିରି ସନ୍ଦେହ କରାଯାଉଛି। ସେମାନଙ୍କ ନାଁ ଝାଓ ଜିଙ୍ଗ୍ ଏବଂ ଏଫ୍‌ୟୁ କଙ୍ଗ ଓ ଘର ଜିଆଙ୍ଗଜି ପ୍ରଦେଶରେ ବୋଲି ଜଣାପଡ଼ିଛି। ଶନିବାର ରାତିରେ ରକ୍ସାଉଲ୍ ସହରରେ ଥିବା ଭାରତୀୟ ସୀମାଶୁଳ୍କ କାର୍ଯ୍ୟାଳୟ ନିକଟରୁ ସେମାନଙ୍କୁ ଗିରଫ କରାଯାଇଛି।

ବିମାନରେ ପରିସ୍ରା କଲେ ମହିଳା

ୱାଶିଂଟନ,୨୩।୭: ବିମାନ ଯାତ୍ରୀମାନଙ୍କ ବିଶୃଙ୍ଖଳିତ ଆଚରଣ ଗତ କିଛି ମାସ ହେଲା ବାରମ୍ବାର ସାମ୍ନାକୁ ଆସୁଛି। କେଉଁଠି ଜଣେ ଯାତ୍ରୀ ଅନ୍ୟ ଜଣକ ଉପରେ ପରିସ୍ରା କଲାଣି ତ ପୁଣି କେଉଁଠି ଯାତ୍ରୀ ବିମାନର ଜରୁରୀ ଡୋର୍ ଖୋଲିଦେଲାଣି। ଏଭଳି ଆଉ ଏକ ଘଟଣା ଆମେରିକାର ସ୍ପିରିଟ୍ ଏୟାରଲାଇନ୍ସ ବିମାନରେ ଘଟିଛି। ବିମାନ କର୍ମଚାରୀମାନେ ଜଣେ ମହିଳା ଯାତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଷ୍ଟରୁମ୍ ବ୍ୟବହାର କରିବାକୁ ନ ଦେବାରୁ ସେ ବିମାନରେ ପରିସ୍ରା କରିବାକୁ ବାଧ୍ୟ ହୋଇଛନ୍ତି। ମହିଳା ଜଣକ ୨ ଘଣ୍ଟା ଅପେକ୍ଷା କରିବା ପରେ ଆଉ ରହିପାରିଲେ ନାହିଁ ବୋଲି କହିଛନ୍ତି। ସେ ବିମାନ ଚଟାଣରେ ପରିସ୍ରା କରୁଥିବାବେଳେ ଜଣେ କ୍ୟାବିନ୍ କ୍ରିଉ ଏହାର ଭିଡିଓ ରେକର୍ଡ କରିଥିଲେ।

ଭାରତରେ 'ଅକିରା' ଆତଙ୍କ

ନୂଆଦିଲ୍ଲୀ,୨୩।୭

ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଡେଟା ଚୋରି ପରେ ଲୋକଙ୍କଠାରୁ ଅର୍ଥ ଅସୁଲ ପାଇଁ ବ୍ୟବହୃତ ଇଣ୍ଟରନେଟ୍ ରାନ୍‌ସମୱେର ଭାଇରସ୍ 'ଅକିରା'କୁ ନେଇ ଦେଶବିଦେଶରେ ଆତଙ୍କ ସୃଷ୍ଟି ହୋଇଛି। ଭାରତରେ ମଧ୍ୟ ଏହାର ପ୍ରାଦୁର୍ଭାବ ବଢୁଥିବାରୁ ଦେଶର ସଂଘୀୟ ସାଇବର ସିକ୍ୟୁରିଟି ଏଜେନ୍ସି ସିଇଆର୍‌ଟି-ଇନ୍ ପକ୍ଷରୁ ରବିବାର ସତର୍କ କରାଯାଇଛି।

ସଦ୍ୟ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, ଅକିରା ଭାଇରସ୍ ଏକ ବିପଜ୍ଜନକ ମାଲ୍‌ୱେର, ଯାହାକି ୱିଣ୍ଡୋଜ୍ ଏବଂ ଲାଇନକ୍ସଭିତ୍ତିକ କମ୍ପ୍ୟୁଟର ସିଷ୍ଟମ୍‌ଗୁଡ଼ିକୁ ଟାର୍ଗେଟ କରିଥାଏ। ସାଇବର ସ୍ପେସ୍‌ରେ ଏହି ମାଲ୍‌ୱେର ଦ୍ରୁତଗତିରେ ମାଡ଼ିଚାଲିଛି। ଏକ ହ୍ୟାକର୍ ଗୋଷ୍ଠୀ ଏହାକୁ ବ୍ୟବହାର କରି ପ୍ରଥମେ ଲୋକଙ୍କ କମ୍ପ୍ୟୁଟରରୁ ସେମାନଙ୍କ ତଥ୍ୟ ଚୋରି କରୁଛନ୍ତି। ପରେ ତାକୁ ସିଷ୍ଟମ୍‌ରେ ଡେଟା ଏନ୍‌କ୍ରିପ୍ଟ କରି ଏଭଳି ଦାବି କରୁଛନ୍ତି ଯେ, ସେଥିରେ ଲୋକେ ଭୟଭୀତ ହୋଇ ଅର୍ଥ ଦେବାକୁ ବାଧ୍ୟ ହେଉଛନ୍ତି। ଏହାର ଶିକାର ହୋଇଥିବା ବ୍ୟକ୍ତି ଦାବି ମୁତାବକ ଟଙ୍କା ନ ଦେଲେ ହ୍ୟାକରମାନେ ତାଙ୍କ ଡେଟାକୁ ଡାର୍କ ୱେବ୍ ବ୍ଲଗ୍‌ରେ ଛାଡ଼ିଦେଉଛନ୍ତି ବୋଲି ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ପକ୍ଷରୁ ଇଣ୍ଟରନେଟ୍ ୟୁଜର୍ସଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦିଆଯାଇଛି। ସାଇବର ଆକ୍ରମଣର ମୁକାବିଲା ଏବଂ ଫିଶିଙ୍ଗ୍ ତଥା ହ୍ୟାକିଂ ଆସଲ୍ଟ ନିରୋଧୀ କେନ୍ଦ୍ରୀୟ କାରିଗରି ସଂସ୍ଥା ଆହୁରି କହିଛି ଯେ, ରାନ୍‌ସମୱେର ଗ୍ରୁପ୍ ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍) ସର୍ଭିସ୍ ଜରିଆରେ ଟାର୍ଗେଟ ବ୍ୟକ୍ତିଙ୍କ ପରିବେଶକୁ ଆୟତ୍ତ କରିବାରେ ସକ୍ଷମ। ବିଶେଷକରି ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେଶନ୍‌କୁ ଏନେବଲ୍ କରି ନ ଥିବା ୟୁଜର୍ସ ଏହାର ଶିକାର ହେଉଛନ୍ତି। ରାନ୍‌ସମୱେର ହେଉଛି ଏକ କମ୍ପ୍ୟୁଟର ମାଲ୍‌ୱେର, ଯାହାକି ୟୁଜର୍ସଙ୍କୁ ନିଜ ଡେଟା ବ୍ୟବହାର କରିବାକୁ ଦେଇ ନ ଥାଏ। ଏନିଡେସ୍କ, ୱିନ୍-ରାର୍ ଏବଂ ପିସିହଣ୍ଟର ଭଳି ଟୁଲ୍ସ ଜରିଆରେ ଡେଟାକୁ ସଂକ୍ରମିତ କରି ଏହାର ବ୍ୟବହାରକୁ ବ୍ଲକ୍ କରିଦେବା ଫଳରେ ସିଷ୍ଟମ୍ ଅଚଳ ହୋଇଯାଇଥାଏ। କିନ୍ତୁ କମ୍ପ୍ୟୁଟର ଅଚଳ ହେବା ପୂର୍ବରୁ ଅକିରା ସମ୍ପୃକ୍ତ ସିଷ୍ଟମ୍‌ରେ ଚଳାଉଥିବା ପ୍ରାଦୁର୍ଭାବକୁ ୟୁଜର୍ସ ଜାଣିପାରି ନ ଥାନ୍ତି।

ସତର୍କ କରାଇଲା ସିଇଆର୍‌ଟି-ଇନ୍

- ମାଲୱେର୍ ବ୍ୟବହାର କରି ସିଷ୍ଟମ୍‌ରୁ ଡେଟା ଚୋରି
- ଦାବି ମୁତାବକ ଅର୍ଥ ନ ଦେଲେ ଡାର୍କ ୱେବ୍‌ରେ ପୋଷ୍ଟ

⇨ଅକିରା ହେଉଛି ରାନ୍‌ସମୱେର ଫାମିଲିର ନୂଆ ସଦସ୍ୟ। ୨୦୧୭ର ଅକିରା ସାମ୍ନାକୁ ଆସିଥିବାବେଳେ ୨୦୨୩ ମାର୍ଚ୍ଚରେ ୧୬ କମ୍ପାନୀ ଉପରେ ସାଇବର ଆକ୍ରମଣ ପାଇଁ ଏହାକୁ ପ୍ରଥମ ଥର ବ୍ୟବହାର କରାଯାଇଥିଲା।

⇨ଏହା ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ଚୋରି ପରେ ୟୁଜର୍ସଙ୍କୁ ଅନେକ ନିୟୁତ ଡଲାର ଦାବି କରାଯାଇଥାଏ। ଅର୍ଥ ନ ଦେଲେ ତଥ୍ୟ ଲିକ୍ କରିଥାନ୍ତି ହ୍ୟାକର୍ସ।

⇨ବିଶ୍ୱବ୍ୟାପୀ କର୍ପୋରେଟ୍ ନେଟ୍‌ୱର୍କରେ ଏହାକୁ ପ୍ରବେଶ କରାଇ ସେମାନେ ଶିକ୍ଷା, ଫାଇନାନ୍ସ, ରିଅଲ ଇଷ୍ଟେଟ୍, ମାନୁଫାକ୍ଚରିଂ ଏବଂ କନ୍‌ସଲ୍ଟିଂ କମ୍ପାନୀଗୁଡ଼ିକରୁ ବହୁ ଅର୍ଥ ଆଦାୟ କରିଥିବା ଜଣାପଡ଼ିଛି।



ଅକିରା ମାଲ୍‌ୱାର ଜରିଆରେ ଏନ୍‌କ୍ରିପ୍ଟ କରାଯାଇଥିବା ଏକ ସିଷ୍ଟମର ଫାଇଲ୍।

'ପରୋକ୍ଷ ଦଣ୍ଡ ପାଇଁ ଜାମିନ ଅଗ୍ରାହ୍ୟ ମନା'

ନୂଆଦିଲ୍ଲୀ,୨୩।୭ (ପି.ଟି.)

ଜଣେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହେବା ପୂର୍ବରୁ ପରୋକ୍ଷ ଦଣ୍ଡ ଭାବେ ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀର ଏକ ଅଦାଲତ କହିଛନ୍ତି। ୧୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ରଷି ରାଜ ନାମକ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅବସରରେ କୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଫୌଜଦାରି ଆଇନ ବ୍ୟବସ୍ଥାର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ଅଭିଯୁକ୍ତ ଦୋଷୀ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ସ୍ୱତନ୍ତ୍ର ବିଚାରପତି ସୁନେନା ଶର୍ମା କହିଥିଲେ। ଏପରିକି ଅଭିଯୁକ୍ତ ଦୋଷୀ ବୋଲି ପ୍ରାଥମିକ ଅନୁଧ୍ୟାନରୁ ବିଶ୍ୱାସ କରାଗଲେ ମଧ୍ୟ ତାଙ୍କ ଜାମିନକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅଭିଯୁକ୍ତ ମାସେରୁ ଊର୍ଦ୍ଧ୍ୱ ବିଚାର ବିଭାଗୀୟ ହାଜତରେ ରହିଲେଣି ଏବଂ ଅଭିଯୋଗ ସମ୍ପର୍କିତ ଅଡିଓ ଏବଂ ଭିଡିଓ ରେକର୍ଡ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହସ୍ତଗତ ହୋଇସାରିଛି। ଅଭିଯୁକ୍ତ ଜଣେ ସରକାରୀ ଚାକିରିଆ। ଲାଞ୍ଚ ମାମଲାରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲେ ମଧ୍ୟ ପୂର୍ବରୁ ତାଙ୍କ ନାଁରେ କୌଣସି ଅପରାଧ ମାମଲା ନାହିଁ। ଏଭଳି ସ୍ଥିତିରେ ଅଭିଯୁକ୍ତ ଖସି ପଳାଇଯିବେ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗ ଭିତ୍ତିହୀନ ବୋଲି ବିଚାରପତି କହିଥିଲେ।

ପୁଣି ବିପଦ ସଙ୍କେତ ଟପିଲା ଯମୁନା

ଦିଲ୍ଲୀରେ ବନ୍ୟା ସତର୍କତା ଜାରି

ନୂଆଦିଲ୍ଲୀ,୨୩।୭

ହରିୟାଣାର ହାଥନିକୁଣ୍ଡ ବ୍ୟାରେଜରୁ ୨ ଲକ୍ଷ କ୍ୟୁସେକ୍ ଜଳ ଛଡ଼ାଯିବା ପରେ ଦିଲ୍ଲୀରେ ଯମୁନା ଜଳସ୍ତର ପୁଣିଥରେ ବିପଦ ସଙ୍କେତ ଅତିକ୍ରମ କରିଛି। ରବିବାର ଅପରାହ୍ନ ୩ଟାରେ ଜଳସ୍ତର ୨୦୬.୨୬ ମିଟର ହୋଇଥିବାବେଳେ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଜଳସ୍ତର ବଢ଼ିବାରୁ ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯିବା ସହ ତଳିଆ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି। ଦିଲ୍ଲୀ ସରକାର ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ମନ୍ତ୍ରୀ ଆତିଶି କହିଛନ୍ତି। ଜଳସ୍ତର ୨୦୬.୭ ମିଟର ଅତିକ୍ରମ କଲେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବନ୍ୟା ହେବ। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଲାଗି ସରକାର ପୂର୍ଣ୍ଣ ପ୍ରସ୍ତୁତିରେ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ରିଲିଫ କ୍ୟାମ୍ପ ଖୋଲାଯିବା ସହ ବନ୍ୟା ଆଶଙ୍କା ଥିବା ଯମୁନା ବଜାର ଏବଂ ଯମୁନା ଖଦାର ଆଦି ଅଞ୍ଚଳରେ ସତର୍କ ରହିବା ଲାଗି ନିୟମିତ ପ୍ରଚାର କରାଯାଉଛି। ମନ୍ତ୍ରୀ ସୌରଭ ଭରଦ୍ୱାଜ ରବିବାର ଅପରାହ୍ନରେ ଓ୍ୱାଜିରାବାଦ ଓ୍ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଗତ ସପ୍ତାହରେ ଏହି ପ୍ଲାଣ୍ଟ ପାଇଁ ଦିଲ୍ଲୀରେ ବନ୍ୟା ହୋଇଥିଲା ଓ ରାଜଧାନୀର ବିଭିନ୍ନ ଅଞ୍ଚଳକୁ ଜଳଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିଲା।

ଟୋଲ୍ ପ୍ଲାଜାରେ ଏମ୍‌ଏନ୍‌ଏସ୍ କର୍ମୀଙ୍କ ଭଙ୍ଗାରୁଜା

ନାଶିକ,୨୩।୭

ରାଜ୍ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍)ର ୧୦ରୁ ୧୨ ଜଣ କର୍ମୀ ଶନିବାର ରାତି ୨ଟା ୯ ମିନିଟରେ ସମୃଦ୍ଧି ମହାମାର୍ଗର ସିନ୍ନାରଠାରେ ଥିବା ଏକ ଟୋଲ୍ ପ୍ଲାଜାରେ ଭଙ୍ଗାରୁଜା କରିଛନ୍ତି। ରାଜଙ୍କ ପୁଅ ତଥା ଏମ୍‌ଏନ୍‌ଏସ୍ ଛାତ୍ର ସଂଗଠନର ସଭାପତି ଅମିତ୍ ଠାକ୍‌ରେ ଶନିବାର ରାତିରେ କାର୍ ଯୋଗେ ଅହମ୍ମଦନଗରରୁ ସିନ୍ନାର ଯାଉଥିବାବେଳେ ୯ଟା ୧୫ରେ ଟୋଲ୍ ପ୍ଲାଜା ଅତିକ୍ରମ କରିଥିଲେ। ଫାଷ୍ଟାଗ୍ ସମୟ ଅତିକ୍ରାନ୍ତ ହୋଇଥିବାରୁ ଟୋଲ୍ ପ୍ଲାଜାର ରୁମ୍ କାମ କରି ନ ଥିଲା। ଫଳରେ ଅମିତଙ୍କୁ ଟୋଲ୍ ପ୍ଲାଜାରେ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଏଥିରେ ଉତ୍କ୍ଷିପ୍ତ ଦଳୀୟ କର୍ମୀମାନେ ଟୋଲ୍ ପ୍ଲାଜା ଭଙ୍ଗାରୁଜା କରିଥିବା ପୋଲିସ କହିଛି।

ମଦ କିଣିବା ପାଇଁ ୬ ମାସର ଶିଶୁକୁ ବିକିଦେଲେ ଦମ୍ପତି

କୋଲକାତା,୨୩।୭

ମା' ବାପାଙ୍କ ସହ ଜେଜେବାପା ଗିରଫ

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ପାଣିହାତି ଅଞ୍ଚଳରେ ଏକ ଦମ୍ପତି ସେମାନଙ୍କର ୬ ମାସର ଶିଶୁକୁ ବିକ୍ରି କରିଦେଇଛନ୍ତି। ମଦ କିଣିବାକୁ ଟଙ୍କା ଯୋଗାଡ଼ କରିବା ପାଇଁ ସେମାନେ ଶିଶୁ ବିକ୍ରି କରିଥିଲେ। ପୋଲିସ ରବିବାର ସେମାନଙ୍କୁ ଗିରଫ କରିଛି। ଏହି ବିକ୍ରିରେ ମଧ୍ୟସ୍ଥି ଭୂମିକା ନେଇଥିବା ଶିଶୁର ଜେଜେବାପାଙ୍କୁ ମଧ୍ୟ ଗିରଫ କରାଯାଇଛି। ଶିଶୁଟିକୁ ପୋଲିସ ଏପର୍ଯ୍ୟନ୍ତ ଉଦ୍ଧାର କରି ନ ଥିବାବେଳେ ଏହା ପଛରେ ପିଲା ଚୋର ର୍ୟାକେଟ ସମ୍ପୃକ୍ତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଗିରଫ ଜୟଦେବ ଚୌଧୁରୀ(ବାପା), ସଥୀ ଚୌଧୁରୀ (ମାଆ) ଏବଂ କନାଇ ଚୌଧୁରୀ (ଜେଜେବାପା) ଶିଶୁଟିକୁ କାହାକୁ ବିକିଲେ ଜାଣିବା ପାଇଁ ପୋଲିସ ସେମାନଙ୍କୁ ଜେରା କରୁଛି। କିଛିଦିନ ହେଲା ଶିଶୁଟିକୁ ନ ଦେଖି ପଡୋଶୀ ପଚାରିବାରୁ ସେ ସମ୍ପର୍କୀୟଙ୍କ ଘରେ ରହିଥିବା ମାଆବାପା କହିଥିଲେ। ଏଥିରେ ସନ୍ଦେହ କରି ଗାଁ ଲୋକେ ସ୍ଥାନୀୟ କାଉନ୍‌ସିଲରଙ୍କୁ ଜଣାଇବା ପରେ ସେ ପୋଲିସକୁ ଖବର ଦେଇଥିଲେ।

ଫୁରସତ୍

ଟ୍ରକ୍ ଚୋରି କରି ୧.୬ ଲକ୍ଷର ଟମୋଟୋ ବିକିଦେଲେ

ବେଙ୍ଗାଲୁରୁ

ଦେଶର ପ୍ରଯୁକ୍ତି ରାଜଧାନୀ ଭାବେ ପରିଚିତ ବେଙ୍ଗାଲୁରୁରେ ରହସ୍ୟଜନକ ଭାବେ ଟମାଟୋ ଟ୍ରକ୍ ଡକାୟତି ହୋଇଛି। ଟମାଟୋ ବୋଝେଇ ଟ୍ରକ୍ ଅପହରଣ କରିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ପୋଲିସ ଗିରଫ କରିଛି। ଶୀଘ୍ର ଅର୍ଥ ଉପାର୍ଜନ କରିବା ଲାଗି ତାମିଲନାଡୁ ଦମ୍ପତି ଏମ୍. ଭାସ୍କରନ୍ (୩୮) ଓ ସିନ୍ଧୁଜା (୩୫) ଚୋରି ଟ୍ରକ୍‌ରୁ ୧.୬ ଲକ୍ଷ ଟଙ୍କାର ଟମାଟୋ ବିକ୍ରି କରିଦେଇଥିବା ପୋଲିସ କହିଛି। ଖବର ଅନୁଯାୟୀ, ଗତ ୮ ତାରିଖ ରାତିରେ ଟ୍ରକ୍ ଡ୍ରାଇଭର ଏ. ଶିବାନ୍ନ ଆର୍‌ଏମ୍‌ସି ୟାର୍ଡ ଥାନାରେ ପହଞ୍ଚି ତାଙ୍କ ମିନିଟ୍ରକ୍‌କୁ ଅଜଣା ବ୍ୟକ୍ତି ନେଇଯାଇଥିବା ଅଭିଯୋଗ କରିଥିଲେ। ଟ୍ରକ୍‌ରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨୧୦ ଟ୍ରେ ଟମାଟୋ ବୋଝେଇ ହୋଇଥିଲା। ଗୋରାଗୁଣ୍ଟେପାଲ୍ୟା ଜଙ୍କ୍‌ଶନରେ ଟ୍ରକ୍‌ଟି ସେମାନଙ୍କ କାର୍‌ରେ ଘଷି ହୋଇଯାଇଥିବା ମିଛ ଅଭିଯୋଗ କରି ଅଭିଯୁକ୍ତ ଦମ୍ପତି ଡ୍ରାଇଭରଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଶିବାନ୍ନ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଟ୍ରକ୍ ନେଇଯାଇଥିଲେ। ପୋଲିସ ଅଭିଯୁକ୍ତ ଓ ସେମାନଙ୍କ କାର୍‌କୁ ଧରିବା ପାଇଁ ୨୦୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତାମିଲନାଡୁର ଭାନିୟାମ୍ବାଡ଼ି ଆଡକୁ କାର୍‌ଟି ଯାଉଥିବା ଜାଣିବାକୁ ପାଇଥିଲେ। ତେବେ ପୋଲିସକୁ ଚକ୍‌ମା ଦେବା ପାଇଁ

କୋବ୍ରା ବାଟାଲିୟନ ଯବାନଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସୁନାବେଡା: ସୁନାବେଡାସ୍ଥିତ କୋବ୍ରା ବଟାଲିୟନର ବାରାକରେ ରବିବାର ଜଣେ ଯବାନ ବେକରେ ରଶିବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ଉତ୍ତର ପ୍ରଦେଶ ଇତହା ଜିଲା ନଗଲାକୁଆ ଗ୍ରାମର ଓମ୍ ବାବୁଙ୍କ ପୁଅ ଅମରପାଲ ସିଂ ବୋଲି ଜଣାପଡିଛି । ଯବାନ ଜଣକ କିଛିଦିନ ତଳେ ଏଠାରେ ନୂଆ କରି ଯୋଗ ଦେଇଥିବା ବେଳେ ସେ କେଉଁ ପରିସ୍ଥିତିରେ ଏପରି ଚରମ ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି। ସୁନାବେଡା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛନ୍ତି। ୨୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଜାରି ରଖିଛନ୍ତି। ବଟାଲିୟନର ସମସ୍ତ ଅଧିକାରୀ ପହଞ୍ଚିଛନ୍ତି। ଅମରପାଲଙ୍କ ପରିବାର ଲୋକଙ୍କ ନିକଟକୁ ଖବର ପଠାଯାଇଛି।

ସଂକ୍ଷେପରେ

ମଝି ଆକାଶରେ ବିମାନଯାତ୍ରୀଙ୍କ ମୃତ୍ୟୁ

ଚିକିତ୍ସା ପାଇଁ ହାଇଦ୍ରାବାଦ ଯାଉଥିଲେ

ଭୁବନେଶ୍ୱର,୨୩।୭ (ସୂର୍ଯ୍ୟକାନ୍ତ ବେହେରା): କୋଲକାତାରୁ ହାଇଦ୍ରାବାଦ ଯାଉଥିବା ଏକ ବିମାନରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତନ କର୍ମାକର। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଅଧିକ ଚିକିତ୍ସା ପାଇଁ ପୁଅ ଓ ସମ୍ପର୍କୀୟଙ୍କ ସହ ଶନିବାର ରାତିରେ ଇଣ୍ଡିଗୋ ବିମାନ (ନଂ.୬ଇ୭୭୫)ରେ କୋଲକାତାରୁ ହାଇଦ୍ରାବାଦ ଯାଉଥିଲେ। ହେଲେ ମଝି ଆକାଶରେ ରତନ ଅଧିକ ଅସୁସ୍ଥ ହୋଇପଡିଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବିମାନକୁ ବିଳମ୍ବିତ ରାତିରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ପରେ ତୁରନ୍ତ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହା ଜାଣିବାକୁ ଏୟାରପୋର୍ଟ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

ସମୁଦ୍ରରେ ଭୁଟୁଭୁଟି ବୁଡ଼ିଯିବା ଘଟଣା

ପହଁରି ପହଁରି ଜୀବନ ବଞ୍ଚାଇଲେ ୬

ରୂପସା, ୨୩।୭(ବାଞ୍ଛାନିଧି ଦେ): ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମାଛଧରା କେନ୍ଦ୍ରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଭୁଟୁଭୁଟି ବୁଡ଼ିଯିବାରୁ ଜଣେ ମତ୍ସ୍ୟଜୀବୀ ନିଖୋଜ ଥିଲେ। ତାଙ୍କ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୩) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ମତ୍ସ୍ୟଜୀବୀ ହେଲେ ସିଂଲା ଥାନା ସାଉଡ଼ିହି ଗ୍ରାମର ଜିତେନ୍ଦ୍ର ପାତ୍ର (୫୦)। ପ୍ରକାଶ ଯେ, ନାରାୟଣୀ ନାମକ ଭୁଟୁଭୁଟିରେ ନାବିକ ସମେତ ମୋଟ୍ ୭ଜଣ ମତ୍ସ୍ୟଜୀବୀ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏହି ମାଛଧରା କେନ୍ଦ୍ରରୁ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯାଇଥିଲେ। ଜେଟି ଅଞ୍ଚଳଠାରୁ ପ୍ରାୟ ୭ ଶହ ମିଟର ଦୂରରେ ଯାଉଥିବା ବେଳେ ଶନିବାର ପୂର୍ବାହ୍ନ ୯ଟା ସମୟରେ ହଠାତ୍ ପୂର୍ବ ଦିଗରୁ ଜୋର୍‌ରେ ପବନ ବୋହିଥିଲା। ଫଳରେ ଢେଉ ମାଡ଼ରେ ଭୁଟୁଭୁଟି ଭାରସାମ୍ୟ ହରାଇ ସମୁଦ୍ରରେ ବୁଡ଼ିଯାଇଥିଲା। ସେଥିରେ ଥିବା ସମସ୍ତ ମତ୍ସ୍ୟଜୀବୀ ଜୀବନବିକଳରେ କୂଳ ଅଭିମୁଖେ ପହଁରିବା ଆରମ୍ଭ କରିଥିଲେ। ମନୋରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ଜେନା, ଶଙ୍କର ମଣ୍ଡଳ, ଜଗା ମଣ୍ଡଳ, ମାଲୁ ମଣ୍ଡଳ ଓ ଭୁବନ ଜେନା ପ୍ରାଣମୂର୍ଚ୍ଛା ପହଁରି ପହଁରି କୂଳରେ ପହଞ୍ଚିବାରେ ସମର୍ଥ ହୋଇଥିବା ବେଳେ ଜିତେନ୍ଦ୍ର ପାତ୍ର ନିଖୋଜ ହୋଇଯାଇଥିଲେ ବୋଲି ଭୁଟୁଭୁଟି ମାଲିକ ବିକାଶ ବାରୋଇ ସାମୁଦ୍ରିକ ଥାନାରେ ଜଣାଇଥିଲେ। ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ପହଞ୍ଚି ତଦନ୍ତ ଜାରି ରଖିଥିଲେ। ସମୁଦ୍ର ନିକଟ ଦୁବୁଲାଗଡ଼ି ବେଳାଭୂମି ନିକଟରେ ରବିବାର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

୪ କଲରାପତରିଆ ବାଘ ଚମଡ଼ା ଜବତ

ଜବତ ୪ ବାଘ ଚମଡ଼ା।

- ୩ ଅଭିଯୁକ୍ତ କୋର୍ଟଚାଲାଣ
- ବିକ୍ରି ପାଇଁ ଡିଲ୍ ବେଳେ ମାଡ଼ିବସିଲା ବନ ବିଭାଗ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଢୁଆଳ), ୨୩।୭

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଡୁକୁରା ରେଞ୍ଜ ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମରେ ବନ ବିଭାଗ ଚଢ଼ାଉ କରି ୪ କଲରାପତରିଆ ବାଘ ଚମଡ଼ା ଜବତ କରିଛି। ଏହି ଘଟଣାରେ ଜଡ଼ିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ମଙ୍ଗଳ ସିଂ(୩୨), ବୁଦ୍ଧୁରାମ ସିଂ(୪୦), ରୂପୟ ମାରାଣ୍ଡି (୫୦)। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ୍ ଆକ୍ଟ ଅନୁଯାୟୀ ଏକ ମାମଲା(ନଂ.୩୭ବିଏ/୨୩) ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, କଲରାପତରିଆ ବାଘ ଚମଡ଼ା ବିକ୍ରି ପାଇଁ ଡିଲ୍ ଚାଲୁଥିବା ଖବରପାଇ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ମିଳିତ ଭାବେ ଚଢ଼ାଉର ରୂପରେଖ ସ୍ଥିର କରିଥିଲେ। ଉଭୟଙ୍କ ଅଧୀନରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସମେତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ଓ ରାଇରଙ୍ଗପୁର ଡିଭିଜନର କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଶିମିଳିପାଳ ପାଦଦେଶରେ ଥିବା ଡୁକୁରା ରେଞ୍ଜ୍ ଖୁଣ୍ଟା ଥାନା ବହଳଦା ଗ୍ରାମରେ ଚଢ଼ାଉ କରି ବାଘ ଚମଡ଼ା ଜବତ କରିଥିଲା। ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ତେବେ ଏହି ବାଘଗୁଡ଼ିକୁ ଅଭିଯୁକ୍ତମାନେ ଶିକାର କରିଛନ୍ତି ନା ଅନ୍ୟ କିଏ ଶିକାର କରିଛି ତାହାକୁ ନେଇ ତଦନ୍ତ ଜାରି ରହିଛି। ମୃତ ବାଘଗୁଡ଼ିକର ବୟସ ୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ନମୁନା ସଂଗ୍ରହ ପରେ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପରୀକ୍ଷାଗାରକୁ ପଠାଯିବ। ସେଠାରୁ ରିପୋର୍ଟ ଆସିବା ପରେ ବାଘଗୁଡ଼ିକର ଲିଙ୍ଗ ଓ ବୟସ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଖୁଣ୍ଟା ଥାନା ଭୋଳାଗଡ଼ିଆ ଓ ଝାରପୋଖରିଆ ଥାନା କତରା ପୋଲ ଟାୱାର ନିକଟରୁ ପୋଲିସ ୨ଟି କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଗତ ୭ ମାସ ମଧ୍ୟରେ ୬ବାଘ ଚମଡ଼ାକୁ ପୋଲିସ ଓ ବନ ବିଭାଗ ଜବତ କରିଛନ୍ତି। ତେବେ ପ୍ରତିଦିନ ଚାଲିଥିବା ଶିକାରକୁ ରୋକିବା ସହ ଶିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ବନଜନ୍ତୁଶୂନ୍ୟ ହୋଇପଡ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।

ମୋବାଇଲ ଚୋରି ଅଭିଯୋଗରେ ହାତଗୋଡ଼ ବାନ୍ଧି ଅଭିଯୁକ୍ତଙ୍କୁ ମାଡ଼

ଅଭିଯୁକ୍ତଙ୍କୁ ବାନ୍ଧି ରାସ୍ତାରେ ଯୁବକମାନେ ମାଡ଼ ମାରୁଛନ୍ତି।

ସୋସିଆଲ ମିଡିଆରେ ଭାଇରାଲ

ପାରାଦୀପ,୨୩।୭(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଭୂତମୁଣ୍ଡାଇ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ନିର୍ଯାତନା ଦିଆଯାଇଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିନ୍ତୁ ନିର୍ଯାତନା ସମ୍ପର୍କରେ ଲକ୍ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ଅପରପକ୍ଷେ ମୋବାଇଲ ଚୋରି ଘଟଣାରେ ରବିବାର ଲକ୍ ଥାନାରେ ଏକ ମାମଲା (୨୯୧/୨୩)ରୁଜୁ ହୋଇଛି। ଉକ୍ତ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କର ବେହେରା। ପୋଲିସ ସୂଚନା ଅନୁଯାୟୀ, ଶଙ୍କରଙ୍କ ସମେତ ଏହି ମୋବାଇଲ ଚୋରି ଘଟଣାରେ ଆଉ ୨ ଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ମଧ୍ୟରେ ନିର୍ଯାତନା ପାଇଥିବା ଯୁବକ ଜଣକ ଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ଭିଡିଓରେ ଦେଖିବାକୁ ମିଳିଛି ଯେ, ନିର୍ଯାତନା ଦିଆଯାଇଥିବା ଅଭିଯୁକ୍ତଙ୍କୁ ଅର୍ଦ୍ଧ ଉଲଗ୍ନ କରି ଗଛରେ ବାନ୍ଧି ତାଙ୍କୁ ମାଡ଼ ମରାଯାଉଛି। ଏଥିସହ ଟ୍ରକ କ୍ୟାବିନ ଆଗରେ ବାନ୍ଧି ଦିଆଯାଇଛି। ଏହି ଘଟଣାର ପୀଡ଼ିତ ଏପର୍ଯ୍ୟନ୍ତ ଥାନାକୁ ଆସିନାହାନ୍ତି ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି। ପୂର୍ବରୁ ଏଭଳି ଘଟଣା ଏକାଧିକ ଥର ଏହି ରାଜପଥରେ ଦେଖିବାକୁ ମିଳିଛି।

ଆସୁଛି ଆଉ ଏକ ଲଘୁଚାପ, ବଢ଼ିବ ବର୍ଷା

ଭୁବନେଶ୍ୱର,୨୩।୭ (ଅନୁରାଧା ମହାରଣା)

ଜୁନ୍, ଜୁଲାଇରେ ୧୩% କମ୍ ବର୍ଷା

ଚଳିତ ମୌସୁମୀ ଋତୁରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଜୁନ ୧ରୁ ଜୁଲାଇ ୨୩ ସୁଦ୍ଧା ରାଜ୍ୟରେ ୪୦୧.୩ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୪୫୮.୮ ମିମି ତୁଳନାରେ ୧୩ ପ୍ରତିଶତ କମ୍ ରହିଛି। ଏହି ସମୟ ମଧ୍ୟରେ ମାଲକାନଗିରି ଜିଲାରେ ସର୍ବାଧିକ ୬୮୪.୪ ମିମି ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକ ବର୍ଷାଠାରୁ ୪୨ ପ୍ରତିଶତ ଅଧିକ ରହିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ସର୍ବନିମ୍ନ ୨୨୧.୮ ମିମି ଅର୍ଥାତ୍ ସ୍ୱାଭାବିକ ବର୍ଷାଠାରୁ ୩୬ ପ୍ରତିଶତ କମ୍ ହୋଇଥିବା ସୂଚନା ଦିଆଯାଇଛି।

ସାରା ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଖରା, ଗୁଳୁଗୁଳି ଭିତରେ ତୁହାକୁ ତୁହା ବର୍ଷୁଛି। ଶନିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ରବିବାର ଦକ୍ଷିଣ ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୩.୧ କିମି ଉଚ୍ଚତାରେ ବାୟୁମଣ୍ଡଳରେ ସକ୍ରିୟ ରହିଛି। ତେବେ ସୋମବାର ପଶ୍ଚିମ-କେନ୍ଦ୍ରୀୟ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ୨୫ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ବିସ୍ତୃତ ଭାବେ ବର୍ଷିବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ତେବେ ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ରାୟଗଡ଼ା, ଗଞ୍ଜାମ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଉକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୫ ତାରିଖରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ହେବ। ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀର ଜିଲାକୁ ଅଧିକ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ୨୬ ତାରିଖରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇପାରେ। କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ସୋନପୁର, ବୌଦ୍ଧ, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ୨୭ ଓ ୨୮ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନୁଗୋଳ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବୌଦ୍ଧ, ନୟାଗଡ଼, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଆଦି ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିବା ସହ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଛେଳିଆ(କ) ପଞ୍ଚାୟତ ଗଙ୍ଗାହାର ନଦୀର ଖଡ଼ିକାପଦା ପୋଲ ଉପରେ ପ୍ରବାହିତ ବର୍ଷାଜଳ।

ଖଡ଼ିକାପଦା ପୋଲ ଉପରେ ୩ ଫୁଟ ପାଣି

ବଡ଼ସାହି,୨୩।୭(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଛେଳିଆ(କ) ପଞ୍ଚାୟତ ଅଧୀନ ଗଙ୍ଗାହାର ନଦୀର ଖଡ଼ିକାପଦା ପୋଲ ଉପରେ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଏହି ରାସ୍ତା ଚାନ୍ଦଡ଼ିହାସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଦେଇ କୁଆମରାକୁ ସଂଯୋଗ କରୁଥିବା ବେଳେ ପାଖାପାଖି ୩୦ ଗ୍ରାମର ଲୋକେ ଗମନାଗମନ ପାଇଁ ଏହା ଉପରେ ନିର୍ଭର କରନ୍ତି। ପୋଲଟିର ଉଚ୍ଚତା କମ୍ ଥିବାରୁ ସାମାନ୍ୟ ବର୍ଷା ହେଲେ ତାହା ବୁଡ଼ିଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ତଳେ ନିର୍ମାଣ ହୋଇଥିବା ଏହି ପୋଲ ଦୁର୍ବଳ ହେବା ସହିତ ଭାରିଯାନ ଚଳାଚଳ ହେଲେ ପୋଲ ଦୋହଲୁଛି। ପୋଲର ଦୁଇ ପାର୍ଶ୍ୱ ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ତେବେ ପୋଲ ଉପରେ ପାଣି ଚାଲୁଥିବା ବେଳେ ସ୍ଥାନୀୟ ଯୁବକମାନେ ମିଳିତ ହୋଇ ଟିନିଚକିଆ ରିକ୍ସା ସାହାଯ୍ୟରେ ବାଟୋଇମାନଙ୍କୁ ପାରି କରି ପରିଶ୍ରମର ମୂଲ୍ୟ ବାବଦକୁ କିଛି ଟଙ୍କା ନେଉଥିବା ଦେଖିବାକୁ ମିଳିଛି।

ଭଡ଼ାଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଜବତ

ସାଲେପୁର ସିଏଚ୍‌ସିରେ କାର୍ଯ୍ୟରତ ଥିଲେ

କଟକ,୨୩।୭ (କାର୍ତ୍ତିକ ସାହୁ)

ଡାକ୍ତରଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅନୁସନ୍ଧାନ କରୁଛି।

ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏକ ଭଡ଼ା ଘରୁ ଡ. ମାଲାଦି ଭେଙ୍କଟ ଚନ୍ଦ୍ରଶେଖର(୫୩)ଙ୍କ ଗଳିତ ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ସେ କଟକ ଜିଲା ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ କାର୍ଯ୍ୟରତ ଥିଲେ। ପୋଲିସ ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଥାନା ଅଧୀନ ସିଲ୍‌ଭର୍ ସିଟି ହସ୍ପିଟାଲ ସମ୍ମୁଖରେ ଥିବା ଅବସରପ୍ରାପ୍ତ ଡାକ୍ତର ହରିପ୍ରସାଦ ମହାନ୍ତିଙ୍କ ଘରେ ଭେଙ୍କଟ ଚନ୍ଦ୍ରଶେଖର ୪ ବର୍ଷ ହେବ ଭଡ଼ାରେ ରହୁଥିଲେ। ସେ ସାଲେପୁର ସିଏଚ୍‌ସିରେ ଚାକିରି କରିଥିବାରୁ ଏଠାରେ ରହି ଯିବାଆସିବା କରନ୍ତି। ସେ ଅବିବାହିତ ଥିଲେ। ଏଥିସହ ସେ ଦୀର୍ଘଦିନ ହେବ ହୃଦ୍‌

ଆଜିର ମନ୍ତବ୍ୟ

ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପରିଚାଳନା ଓ ମିଳିତ ନେତୃତ୍ୱରେ କଂଗ୍ରେସ ଛତିଶଗଡ଼ ବିଧାନସଭା ନିର୍ବାଚନ ଲଢ଼ିବା ଦଳ ଜିତିଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ବଘେଲଙ୍କ ନାଁକୁ ପ୍ରଥମେ ବିଚାରକୁ ନିଆଯିବା। **-ଟି.ଏସ୍. ସିଂଦେଓ, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ**

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଝାଟି ମାଟି ଚାଳଘର
ନିଆଁ ପାଣିକୁ ସଦା ଡର ।

ସାଧାରଣତଃ ଝାଟିମାଟିରେ ତିଆରି ହୋଇଥିବା ଚାଳ ଘରଟିରେ ନିଆଁ ଲାଗିଯିବାର ଭୟ ରହିଥାଏ । ଠିକ୍ ସେମିତି ବର୍ଷା ପାଣିରେ ଚାଳ ଘରଟି ସମ୍ପୂର୍ଣ୍ଣ ଓଦା ହୋଇଯାଉଥିବା କାରଣରୁ ଏହା ଶୀଘ୍ର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଥାଏ । ତେଣୁ ଏଭଳି ଘରେ ବାସ କରୁଥିବା ବ୍ୟକ୍ତି ସଦାବେଳେ ଆତଙ୍କିତ ଅବସ୍ଥାରେ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଝଡ଼ି ବରଷା
କାଠ ଚାଉଳ ଥିଲେ ଭରସା।

ଝଡ଼ି ବର୍ଷା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥାଏ । ଫଳସ୍ୱରୂପ ହୁସିଆର ବ୍ୟକ୍ତି ବହୁ ପୂର୍ବରୁ ଘର ମଧ୍ୟରେ ଖାଦ୍ୟପେୟ ତଥା ଜାଳେଣି ସାମଗ୍ରୀମାନ ମହଜୁଦ କରି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

ସାପ କାମୁଡ଼ା ମୃତ୍ୟୁରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର,୨୩।୭(ଅଭିଜିତ ଦାସ)

- **୩ ବର୍ଷରେ ଯାଇଛି ୨,୮୩୯ ଜୀବନ, ମୟୂରଭଞ୍ଜରେ ସର୍ବାଧିକ**
- **କେବଳ ଜୁଲାଇ ୨୩ ଦିନରେ ୧୧ଜଣଙ୍କ ମୃତ୍ୟୁ ସୂଚନା**
- **ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନାହିଁ ଉନ୍ନତ ଚିକିତ୍ସା**

ଓଡ଼ିଶାରେ ସାପ କାମୁଡ଼ା ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ବର୍ଷାଦିନ ଆସିଲେ ସାପକୁ ନେଇ ବିଶେଷକରି ଗ୍ରାମାଞ୍ଚଳରେ ଭୟ ବଢୁଛି। ଉନ୍ନତ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସାପ କାମୁଡ଼ା ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ରିପୋର୍ଟ ଅନୁଯାୟୀ, ସାପ କାମୁଡ଼ା ମୃତ୍ୟୁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପ୍ରତିବର୍ଷ ରାଜ୍ୟରେ ଏହି ମୃତ୍ୟୁହାର ପ୍ରାୟ ୨.୨ ପ୍ରତିଶତ ବଢ଼ିଚାଲିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ, ଗତ ୩ ବର୍ଷରେ ରାଜ୍ୟରେ ୨ ହଜାର ୮୩୯ ଜଣଙ୍କ ଜୀବନ ଯାଇଛି। ପ୍ରାକୃତିକ ଦୁର୍ବିପାକରେ ହୋଇଥିବା ମୃତ୍ୟୁସଂଖ୍ୟାର ଏହା ହେଉଛି ୩୮%। ତେବେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୩୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ ଜିଲାରେ ୧୯୭ ଜଣଙ୍କ ଜୀବନ ନେଇଛି ସାପ। ସେହିପରି କେନ୍ଦୁଝରରେ ୧୮୯, ମାଲକାନଗିରିରେ ୧୬୨ ଓ ବାଲେଶ୍ୱରରେ ୧୫୬ ଜଣ ସାପ କାମୁଡ଼ାରେ ଆଖି ବୁଜିଛନ୍ତି। ତେବେ ଚଳିତବର୍ଷର ସାପ କାମୁଡ଼ା ମୃତ୍ୟୁର ସ୍ପଷ୍ଟ ଚିତ୍ର ଆସି ନ ଥିଲେ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାପକାମୁଡ଼ା ଘଟଣା ସାମ୍ନାକୁ ଆସିଛି। କେବଳ ଜୁଲାଇ ମାସର ୨୩ ତାରିଖ ପର୍ଯ୍ୟନ୍ତ ସାପ କାମୁଡ଼ାରେ ୧୧ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

ପୂର୍ବତନ ପିସିସିଏଫ୍ ବିଜୟ କେତନ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ସାପ କାମୁଡାରେ ଓଡ଼ିଶାରେ ଯେତେ ଲୋକଙ୍କ ମୃତ୍ୟୁ ଘଟୁଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଗ୍ରାମାଞ୍ଚଳର କୃଷକ ଓ ମହିଳା। ସାଧାରଣତଃ ଜୁନ୍‌ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ସର୍ବାଧିକ ସାପ କାମୁଡାଜନିତ ଅପମୃତ୍ୟୁ ଦେଖାଯାଏ। ବର୍ଷାଋତୁ ଓ ବନ୍ୟା ସମୟରେ ସାପଙ୍କୁ ଦେଖିବାକୁ ମିଳିଥାଏ। ସାପ କାମୁଡା ମୃତ୍ୟୁ ହାରକୁ ଦେଖିଲେ ଅନ୍ୟୂନ ୭୭% ମୃତ୍ୟୁ ଆଧୁନିକ ବା ଉନ୍ନତ ଚିକିତ୍ସା ଅଭାବରୁ ହେଉଥିବା ଜଣାପଡୁଛି। ଅନ୍ୟପକ୍ଷରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ କହିଛନ୍ତି, ସାପ କାମୁଡ଼ା ମୃତ୍ୟୁକୁ କେନ୍ଦ୍ର ସରକାର ତାଙ୍କ ଜାତୀୟ ପ୍ରାକୃତିକ ଦୁର୍ବିପାକଜନିତ ମୃତ୍ୟୁ ଭାବେ ଗ୍ରହଣ କରୁ ନ ଥିବାବେଳେ ଓଡ଼ିଶା ସରକାର ଏହାକୁ ଏକ ବିପର୍ଯ୍ୟୟଜନିତ ମୃତ୍ୟୁ ଭାବେ ତାଲିକାଭୁକ୍ତ କରିଛନ୍ତି। ସାପ କାମୁଡ଼ାରେ କାହାର ମୃତ୍ୟୁ ହେଲେ ଷ୍ଟେଟ୍ ସ୍ପେସିଫିକ ଡିଜାଷ୍ଟର ଆକ୍ଟରେ ରାଜ୍ୟ ସରକାର ୪ ଲକ୍ଷ ଟଙ୍କାର କ୍ଷତିପୂରଣ ମୃତକଙ୍କ ପରିବାରକୁ ଦେଉଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା, ରାଜ୍ୟର ଅଧିକାଂଶ ହସ୍ପିଟାଲରେ ସାପ କାମୁଡ଼ା ରୋଗୀଙ୍କ ଲାଗି ଆବଶ୍ୟକ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନାହିଁ। କେତେକ ହସ୍ପିଟାଲରେ ଆଣ୍ଟି ଭେନମ୍ ଇଞ୍ଜେକ୍ସନ ରଖାଯାଉଥିଲେ ମଧ୍ୟ ଉନ୍ନତମାନର ଚିକିତ୍ସା ବା ଆଇସିୟୁ ସୁବିଧା, ଠିକ୍ ଡାଇଗ୍ନୋସିସ୍ ହୋଇପାରୁ ନ ଥିବାରୁ ଅକାଳରେ ଜୀବନ ଚାଲିଯାଉଛି। ଗ୍ରାମାଞ୍ଚଳରେ ଅଧିକାଂଶ ସାପ କାମୁଡ଼ା ଘଟଣା ଦେଖାଯାଉଛି। ପୀଡିତଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ମାତ୍ର ସେଠାରେ ଆବଶ୍ୟକ ଚିକିତ୍ସା ମିଳି ନ ଥାଏ। ଜିଲା ବା ରାଜ୍ୟର ବଡ଼ ବଡ଼ ହସ୍ପିଟାଲକୁ ନିଆଯିବାବେଳକୁ ବିଳମ୍ବ ହୋଇଯାଉଥିବାରୁ ରୋଗୀଙ୍କ ଜୀବନ ବଞ୍ଚାଇବା ପ୍ରାୟତଃ କଷ୍ଟକର ହୋଇପଡିଥାଏ। ଆଉ କେତେକ କ୍ଷେତ୍ରରେ ଲୋକେ ସାପ କାମୁଡ଼ିଲେ ଝଡ଼ାଫୁଙ୍କାକୁ ବିଶ୍ୱାସ କରି ଅଯଥା ବିଳମ୍ବ କରିଦେଇଥାନ୍ତି। ରୋଗୀ ସଙ୍କଟାପନ୍ନ ହେଲେ ଡାକ୍ତରଖାନା ନେଉଛନ୍ତି। ତେଣୁ ଆବଶ୍ୟକ ସଚେତନତା ସହ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହେଉଛି।

ସାପ କାମୁଡ଼ାରେ ...

ପ୍ରଥମ ପୃଷ୍ଠାରୁ...

ସବୁଦିନ ପରି ଅନେକ ଛାତ୍ରୀଛାତ୍ର ଶନିବାର ମଶିଣା ପକାଇ ତଳେ ଶୋଇଥିଲେ। କିଛି ଅନ୍ତେବାସୀ ରାତି ୩ଟାରେ ବାହାରକୁ ପରିସ୍ରା ପାଇଁ ଉଠିଥିବା ବେଳେ ଛାତ୍ର ଶୋଇଥିବା କୋଠରି ମଧ୍ୟରୁ ଏକ ବିଷାକ୍ତ ସାପ ବାହାରକୁ ଆସୁଥିବା ଦେଖିଥିଲେ। ଏ ବିଷୟରେ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଅବଗତ କରିବା ପରେ କର୍ମଚାରୀମାନେ ମିଳିତ ଭାବରେ ସାପଟିକୁ ବାଡେଇ ମାରିଦେଇଥିଲେ। ସାପଟିକୁ ମାରିଦେବା ପରେ ଜଣକ ପରେ ଜଣେ ତୃତୀୟ ଶ୍ରେଣୀରେ ପଢୁଥିବା ଏଲିନା, ସ୍ନେହାଶ୍ରୀ, ପଞ୍ଚମ ଶ୍ରେଣୀରେ ପଢୁଥିବା ରାଜା ଓ ଆକାଶ ଗୁରୁତର ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଏଲିନା, ସ୍ନେହାଶ୍ରୀ ଓ ରାଜାଙ୍କୁ ମୃତ ଘୋଷଣା କରିଥିଲେ। ଆକାଶଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରିଥିଲେ। ଖବର ପାଇ ପରିବାର ଲୋକେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ବାରିଆ ପୋଲିସ ୩ ଛାତ୍ରୀଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଭାବକ ଦମୟନ୍ତୀ ନାଏକ କହିଛନ୍ତି, ଝିଅ ଏଲିନା ସହ ଶନିବାର କଥା ହୋଇଥିଲି। ୩୦ ତାରିଖରେ ଘରକୁ ଆସିବ ବୋଲି କହିଥିଲା। ଆଜି ସକାଳେ ଝିଅର ବାନ୍ତି ହେଉଥିବା ନେଇ କୋଚିଂ ସେଣ୍ଟାରୁ ଫୋନ ଆସିଥିଲା। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ଘଟିଥିଲା। ଦ୍ରୌପଦୀ ନାଏକ କହିଛନ୍ତି, ଝିଆରୀ ଉକ୍ତ ଛାତ୍ରାବାସରେ ରହି ପଢୁଥିଲେ। ଝିଆରୀଙ୍କୁ ସାପ କାମୁଡ଼ିଥିବା କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ତାଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଲେ ବୋଲି କହିଥିଲେ। ଛତିଶ ନାଏକ କହିଛନ୍ତି, ଭଲ ପାଠ ପଢ଼ିବ ବୋଲି ଝିଅକୁ ଛାତ୍ରାବାସକୁ ପଠାଇଥିଲି। କର୍ତ୍ତୃପକ୍ଷଙ୍କ ଅବହେଳାକୁ ଝିଅର ଜୀବନ ଚାଲିଗଲା ବୋଲି କହିଛନ୍ତି। ବର୍ଷକୁ ଛାତ୍ରୀଛାତ୍ର ଜଣକ ପିଛା ୨୦ ହଜାର ଟଙ୍କା ଛାତ୍ରାବାସକୁ ଦେଉଥିଲେ। ମାତ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଆକ୍‌ବେଷ୍ଟସ୍ ଘରେ ଅନ୍ତେବାସୀମାନେ ବିପଦପୂର୍ଣ୍ଣ ଭାବେ ରହୁଥିଲେ ବୋଲି ଅନ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଘଟଣାରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ତଦନ୍ତ ଆଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ସହକାରୀ ଜିଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ନାଏକ ଓ ଭୂଇଁପୁର ରାଜସ୍ୱ ନିରୀକ୍ଷକ ଅଲେଖ ମାଝି ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଘଟଣା ସମ୍ବନ୍ଧରେ ଅନୁଧ୍ୟାନ କରିଛନ୍ତି। ଏପରିକି ଉକ୍ତ ଛାତ୍ରାବାସରେ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ତଦନ୍ତ ରିପୋର୍ଟ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝିଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀ ରମେଶ ଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ସରକାରୀ ଏବଂ ଘରୋଇ ଛାତ୍ରବାସଗୁଡ଼ିକର ଯାଞ୍ଚ କରି ଏହାର ଏକ ତାଲିକା ପ୍ରସ୍ତୁତ କରାଯିବ। ଏହାସହିତ ବେସରକାରୀ ଛାତ୍ରାବାସ ଏବଂ କୋଚିଂ ସେଣ୍ଟର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଅଣାଯିବ। କୋଚିଂ ସେଣ୍ଟରର ମାଲିକ ଖଗେଶ୍ୱର ମହାନ୍ତ କହିଛନ୍ତି, ସେ ପିଲାମାନଙ୍କ ସହିତ ତଳେ ସବୁଦିନ ଭଳି ଶୋଇଥିଲେ। ତେବେ ଦୁର୍ଭାଗ୍ୟର ବିଷୟ ଏଭଳି ଅଘଟଣ ଘଟିଗଲା। ସେ ଅନ୍ୟ ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଚିତି ସାପକୁ ଦେଖି ମାରି ଦେଇଥିଲେ। ସବୁଦିନ ଫିନାଇଲ ପକାଇବା ସହ ସତର୍କତା ପଦକ୍ଷେପ ନିଆଯାଇଥାଏ ବୋଲି କହିଥିଲେ। ମାତ୍ର ଛାତ୍ରାବାସ ପାଇଁ ଶିକ୍ଷା ବିଭାଗ କିମ୍ବା ସ୍ଥାନୀୟ ପୋଲିସଠାରୁ କୌଣସି ଅନୁମତି ନିଆଯାଇନାହିଁ ବୋଲି ନିଜେ ମାଲିକ ମଧ୍ୟ ସ୍ୱୀକାର କରିଛନ୍ତି।

ଅନ୍ୟପକ୍ଷେ ବିନା ସରକାରୀ ସ୍ୱୀକୃତିରେ ଉକ୍ତ ଛାତ୍ରାବାସରେ ଉନ୍ନତମାନର ଶିକ୍ଷା ସହ କୋଚିଂ ଦେବାର ପ୍ରଲୋଭନ ଦେଖାଇ ଜିଲାର ବିଭିନ୍ନ ସ୍ଥାନରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଆଣି ଏଠାରେ ରଖାଯାଇଥିଲା। ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇଥିଲେ ହେଁ ସ୍କୁଲ ଯାଉ ନ ଥିଲେ। କେବଳ ପରୀକ୍ଷାରେ ଗାଁ ସ୍କୁଲକୁ ଯାଉଥିଲେ। କୋଚିଂ ସେଣ୍ଟର ନାମରେ ଛାତ୍ରାବାସ କରି ଛୋଟ ଶିଶୁମାନଙ୍କୁ ରଖାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲାରେ ଛତୁ ଫୁଟିବା ଭଳି ଶତାଧିକ ବେସରକାରୀ ଛାତ୍ରାବାସ ଏବଂ କୋଚିଂ ସେଣ୍ଟର ଚାଲିଥିଲେ ହେଁ ଶିକ୍ଷା ବିଭାଗ ନିକଟରେ ଏହାର ସୂଚନା ନାହିଁ। ଶିଶୁମାନଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଛି। ଫଳରେ ବହୁ ଛାତ୍ରୀଛାତ୍ର ନିର୍ଯାତିତ ହେଉଥିଲେ ହେଁ ଘଟଣା ପଦାକୁ ଆସିପାରୁନାହିଁ। ଗତ ୧୮ ତାରିଖ ରାତିରେ ଟାଉନ ଥାନା ଅନ୍ତର୍ଗତ ଗୁମୁରା ଗ୍ରାମରେ ଅନୁରୂପ ଭାବେ ମାନସୀ କୋଚିଂ ସେଣ୍ଟରରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଭାବକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରବାସ ମାଲିକଙ୍କ ଅବହେଳା ଏବଂ ବିଳମ୍ବରେ ଚିକିତ୍ସା ପାଇଁ ପୁତ୍ରର ମୃତ୍ୟୁ ହୋଇଥିବା ପରିବାର ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଅଘଟଣ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ଘଟଣାର ପୁନରାବୃତ୍ତି ଘଟିଛି।

ବିଦେଶ ଯାଉଛନ୍ତି, ମଣିପୁର ...

କରି ଉତ୍ତର–ପୂର୍ବ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି 'ଲୌହମାନବୀ' ନାମରେ ପରିଚିତତା ୫୧ ବର୍ଷୀୟା ପୁରସ୍କାର ବିଜୟିନୀ ଇରୋମ ଦାବି କରିଛନ୍ତି। ଅତୀତରେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ଉଚ୍ଛେଦ ଦାବିରେ ଦୀର୍ଘ ୧୬ ବର୍ଷ ଧରି ଅନଶନ କରିଥିବା ମଣିପୁର ବାସିନ୍ଦା ଇରୋମ ଶର୍ମିଲା ଏକ ସାକ୍ଷାତ୍‌କାରରେ କହିଛନ୍ତି, ମେ' ୪ରେ କାଗ୍‌ପୋକ୍‌ପି ଜିଲାରେ ୨ ଜଣ ମହିଳାଙ୍କ ଦେହରୁ ପୋଷାକ କାଢ଼ି ସେମାନଙ୍କୁ ଉଲଗ୍ନ ବୁଲାଯିବାବେଳର ଭିଡିଓ ଦେଖିବା ପରେ କାନ୍ଦି ପକାଇଥିଲେ। ଜୁଲାଇ ୧୯ରେ ସାମ୍ନାକୁ ଆସିଥିବା ଏହି ଦୃଶ୍ୟ ଅମାନବୀୟ ଏବଂ ବିଚଳିତ କରିଦେବା ଭଳି, ଯାହାକୁ ଦେଖି ସେ ଚକିତ, ମର୍ମାହତ। ଏହା ସ୍ପଷ୍ଟ ଯେ ମଣିପୁରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ସ୍ଥିତି ନିୟନ୍ତ୍ରଣ ବାହାକୁ ଚାଲିଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ନୀରବ ରହିଛନ୍ତି ? ସେ ମଣିପୁରବାସୀଙ୍କୁ ସୁରକ୍ଷା ଦେବା ଉଚିତ। ମଣିପୁର ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ନେଇ ସେ ଚିନ୍ତିତ ଥିଲେ ଏଥିରେ ନିଶ୍ଚିତ ଭାବେ ହସ୍ତକ୍ଷେପ କରିବେ। ଗୁଜରାଟ ଜନତାଙ୍କ ଭଳି ମଣିପୁରୀମାନେ ମଧ୍ୟ ତାଙ୍କ ନେତୃତ୍ୱ ଆବଶ୍ୟକ କରୁଛନ୍ତି। ଆଇରନ୍ ଲେଡି ଇରୋମଙ୍କ ମତରେ ମୁଖ୍ୟମନ୍ତ୍ରୀ ବିରେନ୍ ସିଂ ମତଭେଦ ଦୂର କରି ରାଜ୍ୟର ସମସ୍ତ ୬୦ ବିଧାୟକଙ୍କ ସହ ଆଲୋଚନା କରିବା ଉଚିତ। ଜଣ ଜଣ କରି ସମସ୍ତଙ୍କ ମତାମତ ନେଇ ମେଇତି–କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ହିଂସାରେ ପୂର୍ଣ୍ଣଚ୍ଛେଦ ପକାଇବା ହେଉଛି ବର୍ତ୍ତମାନ ସମୟର ସର୍ବୋଚ୍ଚ ପ୍ରାଥମିକତା ବୋଲି ଇରୋମ କହିଛନ୍ତି। ଇତିମଧ୍ୟରେ ମଣିପୁର ସରକାରଙ୍କ ଦାଗିଦ୍‌କୁ ଭ୍ରୂକ୍ଷେପ ନ କରି ଦିଲ୍ଲୀ ମହିଳା ଆୟୋଗ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିଆଲ ଇମ୍ଫାଲରେ ପହଞ୍ଚିଛନ୍ତି। ଯୌନହିଂସାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଭେଟି ସେ ଆଇନଗତ ସହାୟତା ପ୍ରଦାନ କରିବେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ଯିବେ। ଏନେଇ ସ୍ୱାତୀ କହିଛନ୍ତି, ପୀଡ଼ିତାଙ୍କୁ ଭେଟିବା ପାଇଁ ଦୟାକରି ମୋତେ ଅନୁମତି ଦିଆଯାଉ। ମୁଁ ଏଠାକୁ ରାଜନୀତି କରିବାକୁ ଆସିନାହିଁ। ପ୍ରଧାନମନ୍ତ୍ରୀ ମୋଦି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମଣିପୁର ଗସ୍ତ କରନ୍ତୁ। ମୁଁ ରାଜ୍ୟପାଳଙ୍କୁ ମଧ୍ୟ ଭେଟିବାକୁ ଚେଷ୍ଟା କରିବି ବୋଲି ଇମ୍ଫାଲ ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ସେ ସୂଚନା ଦେଇଛନ୍ତି। ଇମ୍ଫାଲ ଗସ୍ତ ପୂର୍ବରୁ ରାଜ୍ୟ ସରକାର ଆଇନ ଶୃଙ୍ଖଳା ଆଳ ଦେଖାଇ ତାଙ୍କୁ ସେଠାକୁ ଯିବାକୁ ବାରଣ କରିଥିଲେ।

- **ଯୌନହିଂସାର ଶିକାର ପୀଡ଼ିତାଙ୍କୁ ଭେଟିବା ପାଇଁ ଇମ୍ଫାଲରେ ସ୍ୱାତୀ ମାଲିଆଲ**

ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଉଦାସୀନତାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏନ୍. ବିରେନ୍ ସିଂ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ମଣିପୁରକୁ ଶାନ୍ତି ଫେରିବ ନାହିଁ। ପ୍ରଧାନମନ୍ତ୍ରୀ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରର ପତନକୁ ଘଣ୍ଟ ଘୋଡ଼ାଇବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକୁ ନିନ୍ଦିତ କରନ୍ତୁ ନାହିଁ। ମଣିପୁର ପ୍ରସଙ୍ଗରେ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ୨ ଦିନ ବେକାର ଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିରୋଧୀ ଦଳଗୁଡ଼ିକୁ ହାତଯୋଡ଼ି ଗୃହ ଚଳାଇବାକୁ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜନୀତି କରା ନ ଯାଉ ବୋଲି ଅନୁରାଗ କହିଛନ୍ତି। ସୋମବାର ମଣିପୁର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ମିଳିତ ବିକ୍ଷୋଭ କରିବାକୁ ଥିବାବେଳେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଏହି ମନ୍ତବ୍ୟ ଦେଇଛନ୍ତି।

୭ ଦେଶ ବୁଲି ୧.୭୯ କୋଟି...

ବହିର୍ବ୍ୟାପାର ମନ୍ତ୍

କବି ଜୟନ୍ତ ମହାପାତ୍ର ଅସୁସ୍ଥ

କଟକ,(କାର୍ତ୍ତିକ ସାହୁ): କବି ଜୟନ୍ତ ମହାପାତ୍ର ରବିବାର ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଏବେ କଟକ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନରେ ରହି ଚିକିତ୍ସିତ ହେଉଛନ୍ତି। ହୃଦ୍‌ରୋଗ ବିଭାଗର ଡାକ୍ତର ତାଙ୍କ ବାସଭବନକୁ ଆସି ପରୀକ୍ଷାନିରୀକ୍ଷା କରି ଔଷଧ ପ୍ରଦାନ କରିବା ସହ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ମହାପାତ୍ରଙ୍କ ଅସୁସ୍ଥ ଖବର ପ୍ରଚାରିତ ହେବା ପରେ ତାଙ୍କ ପ୍ରଶଂସକମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସଂକ୍ଷେପରେ

ହାତୀ ଆକ୍ରମଣରେ ପୁଣି ଜଣେ ମହିଳା ମୃତ

ଟେନ୍‌ସା,୨୩।୭(ସମୀର କୁମାର ପାଢ଼ୀ): ସୁନ୍ଦରଗଡ଼ ଜିଲା କୋଇଡ଼ାରେ ୫ ରୁ ୭ ଟିକିଆ ହାତୀ ପଲଙ୍କ ଉପଦ୍ରବ କମିବାର ନାଁ ନେଉନାହିଁ। ଶନିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ପୁଣି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଆରତୀ ମୁଣ୍ଡା। ଖବର ଲେଖା ହେବା ସୁଦ୍ଧା(୭ଟା) ପୋଲିସ କୌଣସି ମାମଲା ରୁଜୁ କରିନାହିଁ। ସୂଚନାଯୋଗ୍ୟ, ହାତୀ ପଲ କନ୍ତରକୋଇଡ଼ା ରୁଙ୍ଗୁଟା କଲୋନୀ ଗେଟ୍ ସାମ୍ନାରେ ଥିବା ଶାନ୍ତି ମୁଣ୍ଡାଙ୍କ ଘର ଭାଙ୍ଗିବା ସହିତ ଚାଉଳ ଖାଇଥିଲେ। ଏହା ଜାଣିବାପରେ ସ୍ଥାନୀୟ ଲୋକେ ହାତୀଙ୍କୁ ଘଉଡ଼ାଇଥିଲେ। ଏହି ସମୟରେ ଆରତୀ ଘରୁ ବାହାରି ଦୌଡ଼ି ପଳାଉଥିବା ସମୟରେ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ଆରତୀଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁଘଟିଥିଲା। ପରେ ହାତୀପଲ ନିକଟସ୍ଥ ଧୋବାଲାବେଡ଼ା ଗ୍ରାମରେ ପଶି ଦଶରୁ କିଷାନଙ୍କ ଘର ଭାଙ୍ଗିବା ସହିତ ରୋଶନ କିଷାନ ଓ କମଳ କିଷାନଙ୍କ ବାଡ଼ିରେ ପଶି ମକା ଫସଲ ନଷ୍ଟ କରିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ସପ୍ତାହ ମଧ୍ୟରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଲାଣି।

ଗିଳିଥିବା ୧୦ ବତକଙ୍କୁ ଓଗାଳିଲା ଅଜଗର

ଢେଙ୍କାନାଳ,୨୩।୭(ରତନ ନାୟାର): ଢେଙ୍କାନାଳ ଜିଲା ସଦର ଥାନା ଲମ୍ବୋଦରପୁର ଗ୍ରାମସ୍ଥିତ ଏକ ଫାର୍ମ ହାଉସରୁ ରବିବାର ଏକ ୮ ଫୁଟ୍ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ସାପଟି ବତକ ଖାଉଥିବା ଦେଖି ଫାର୍ମ ହାଉସ କର୍ମଚାରୀମାନେ ମାଲିକ ମନୋଜ ସାମଲଙ୍କୁ ସୂଚନା ଦେଇଥିଲେ। ମନୋଜଙ୍କଠାରୁ ଖବରପାଇ ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳ ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା, ତରଣୀ ନାୟକ, ଶଙ୍କର ନାୟକ ପ୍ରମୁଖ ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ସାପଟି ଗିଳିଥିବା ୧୦ଟି ବତକକୁ ଓଗାଳି ଦେଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଅଜଗରକୁ ବନବିଭାଗ ଉପସ୍ଥିତିରେ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା।

୬ ଘଣ୍ଟା ଅଟକ ରହିଲା ପୋଲିସ

ଉଦଳା,୨୩।୭(ସନ୍ତୋଷ କୁମାର ବାଲ୍ଲିନୀ)

ବେପରୁଆ ଗାଡ଼ି ଚାଳନାରୁ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ କେନ୍ଦ୍ରକରି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢୋ ଗ୍ରାମରେ ଘଟିଛି ତୁମୁଳକାଣ୍ଡ। ଉତ୍ତ୍ୟକ୍ତ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓରେ ନିଆଁ ଲଗାଇ ଦେଇଥିବା ବେଳେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସ କର୍ମଚାରୀ ୬ ଘଣ୍ଟା ପର୍ଯ୍ୟନ୍ତ ଅଟକ ରହିବା ସହ ନାକେଦମ ହେବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ରାଢ଼ୋ ଗ୍ରାମର ରାଜେଶ କୁମାର ବେହେରା ଦ୍ରୁତ ଗତିରେ ସ୍କର୍ପିଓ ଚଲାଇ ଯାଉଥିବା ବେଳେ ନିଜ ଘର ବାହାରେ ଛିଡ଼ା ହୋଇଥିବା ସେହି ଗ୍ରାମର ରବୀନ୍ଦ୍ର ପାତ୍ର(୬୦)ଙ୍କ ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ରାଜେଶ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ସ୍କର୍ପିଓରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ରାତିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିବା ସହିତ ରାଜେଶଙ୍କ ଘର ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଏନେଇ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ରାଜେଶଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରି ଗ୍ରାମବାସୀ ପୋଲିସକୁ ୬ ଘଣ୍ଟାରୁ ଅଧିକ ସମୟ ଧରି ଗାଁରେ ଅଟକ ରଖିଥିଲେ। ରାତି ପ୍ରାୟ ୩ଟା ସମୟରେ ଘଟଣାର ସମାଧାନ ହେବା ସହିତ ପୋଲିସ ଘଟଣାସ୍ଥଳରୁ ଫେରିଥିଲା। ରାତିରେ ପୋଲିସ ଚଢ଼ାଉ କରି ଫେରାର ଥିବା ରାଜେଶଙ୍କୁ କପ୍ତିପଦା ଅଞ୍ଚଳରୁ ଗିରଫ କରିଥିଲା। ତେବେ ରବିବାର ରବୀନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ପୁଣି ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ମୃତଦେହ ନେଇ ଯାଇଥିବା ସ୍ୱର୍ଗରଥ ଗାଡ଼ିକୁ ଅଟକ ରଖିବା ସହିତ ଶବ ରଖି ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଘର ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହା ସହିତ ରାଢ଼ୋ ଚନ୍ଦନ ପୋଖରୀ ଛକ ନିକଟରେ କାଠଗଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସମେତ ଉଦଳା, କପ୍ତିପଦା, ଖୁଣ୍ଟା ଥାନା ଆଇଆଇସି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଦୁର୍ଘଟଣା ଘଟାଇଥିବା ରାଜେଶଙ୍କ ବାପା ପହଞ୍ଚି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ସତ୍କାର ପାଇଁ ନିଆଯାଇଥିଲା। ଏନେଇ ଉଦଳା ପୋଲିସ ଏକ ମାମଲା(ନଂ.୨୩୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ସ୍କର୍ପିଓ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

ମୃତଦେହ ରଖି ବିକ୍ଷୋଭ କଲେ ଗ୍ରାମବାସୀ

ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୨୩।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି।

ପ୍ରକାଶ ଯେ, ବିଜାପୁର ଜିଲା ଜାଙ୍ଗଲା ଥାନା ଅନ୍ତର୍ଗତ ପୋଟେନର ଓ କେସାମୁଣ୍ଡି ମଧ୍ୟରେ ଥିବା ଜଙ୍ଗଲରେ ବହୁସଂଖ୍ୟକ ମାଓବାଦୀ ଏକ ବୈଠକ କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ସିଆରପିଏଫ ଯବାନମାନେ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ। ତେବେ ଯବାନମାନେ ଆସୁଥିବା ଖବର ପାଇ ମାଓବାଦୀମାନେ ଆଗରୁ ଭେରମଗଡ ଜଙ୍ଗଲ ନିକଟରେ ଜଗି ବସିଥିଲେ। ଯବାନମାନେ ଜଙ୍ଗଲ ନିକଟରେ ପ୍ରବେଶ କରିବା ପରେ ପ୍ରଥମେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ତେବେ ପ୍ରାୟ ୨୦ ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ବିଜାପୁର ଏସ୍‌ପି ଆଞ୍ଜନେୟ ବୈଷ୍ଣବ କହିଛନ୍ତି, ଏହି ଗୁଳି ବିନିମୟରେ ଯବାନମାନେ ସୁରକ୍ଷିତ ଅଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ସେଠାରେ କୋମ୍ବିଂ ଅପରେଶନ ଜାରି ରହିଛି। ଜଙ୍ଗଲରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କହିଛନ୍ତି।

ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା: ବାପପୁଅ ଗିରଫ

ଗିରଫ ବାପପୁଅଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ବଲାଙ୍ଗୀର, ୨୩।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ପଣ୍ଡରାପିଟା ଗାଁରେ ଭାସ୍କର ତାଣ୍ଡି(୩୩)ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ସେହି ଗାଁର ଦୁଇ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ପ୍ରେମରାଜ ପୋଢ଼ ଏବଂ ତାଙ୍କ ବାପା ମଗଶିର ପୋଢ଼।

ଶନିବାର ପଣ୍ଡରାପିଟା ଗାଁ ବସ୍ତି ଭିତରେ ଭାସ୍କର ଓ ପ୍ରେମରାଜଙ୍କ ମଧ୍ୟରେ କୁଆଡେ ଯୁକ୍ତିତର୍କ ହୋଇଥିଲା। ରାତିରେ ଗାଁ ଦାଣ୍ଡରେ ଥିବା ପ୍ରେମରାଜଙ୍କ ଅଟୋରିକ୍ସାକୁ ଭାସ୍କର ଭଙ୍ଗାରୁଜା କରିବାରୁ ଏକ ଠେଙ୍ଗାରେ ପ୍ରେମରାଜ ଓ ମଗଶିର ମିଳିତ ଭାବେ ଭାସ୍କରଙ୍କୁ ମାଡ଼ ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଭାସ୍କର ପଡିଥିଲେ। ରାତି ପ୍ରାୟ ୧୦ଟା ସୁଦ୍ଧା ଘରକୁ ଭାସ୍କର ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାକୁ ଆସିଥିଲେ। ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ଭାସ୍କର ପଡିଥିବା ଦେଖି ସେଠାରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ଭାସ୍କରଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଏହି ଘଟଣାକୁ ନେଇ ପଣ୍ଡରାପିଟାର ବିଜେ ତାଣ୍ଡି ତାଙ୍କ ଭାଇ ଭାସ୍କରଙ୍କୁ ପିଟି ହତ୍ୟା କରାଯାଇଥିବା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଥାନାରେ ଏକ ମାମଲା (ନଂ. ୨୧୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ କରି ପଣ୍ଡରାପିଟା ଗାଁର ପ୍ରେମରାଜ ଓ ତାଙ୍କ ବାପା ମଗଶିରଙ୍କୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବ୍ୟବହାର କରିଥିବା ଠେଙ୍ଗା ଓ ବାଉଁଶବାଡିକୁ ପୋଲିସ ଜବତ କରିଛି। ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଘଟଣାର ତଦନ୍ତ କରୁଛନ୍ତି।

ଚାଷୀଙ୍କ ସହ ଆଲୋଚନା କଲେ, ସୋଲାର କୋଲଡ୍ ଷ୍ଟୋର ବୁଲି ଦେଖିଲେ

କୋଟିଆରେ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଜିଲାପାଳ ଅବଦାଲ ଏମ. ଅଖତରଙ୍କ ସହ ଅନ୍ୟ ଅଧିକାରୀମାନେ ଆଳୁଚାଷ ଅନୁଧ୍ୟାନ କରୁଛନ୍ତି।

କୋଟିଆରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ

ପଟ୍ଟାଙ୍ଗି,୨୩।୭(ଶରତ ଧଳ)

କୋରାପୁଟ ଜିଲା ଗସ୍ତରେ ରବିବାର କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଆସିଥିଲେ। ପ୍ରଥମେ ସେ ଜିଲା ମୁଖ୍ୟାଳୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ପରେ ଜିଲାପାଳ ଅବଦାଲ ଏମ. ଅଖତରଙ୍କ ସହ ପଟ୍ଟାଙ୍ଗି ବ୍ଲକର ବିବାଦୀୟ କୋଟିଆ ପଞ୍ଚାୟତ ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ପାଢ଼ୀ ପ୍ରଥମେ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚାଷୀମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ଚାଷ ସମ୍ପର୍କରେ ଜିଲାପାଳ ଏବଂ ପ୍ରମୁଖ ଶାସନ ସଚିବ ପାଢ଼ୀ ଚାଷୀଙ୍କ ସହ ଆଲୋନା କରିଥିଲେ। ରାଜ୍ୟ କୃଷି ବିଭାଗ କୋରାପୁଟ ଜିଲାରେ ୪ ହଜାର ହେକ୍ଟରଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ରଖିଥିବା ଏବଂ କୋଟିଆରେ ୧୩୦ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ଚାଷୀଙ୍କୁ ସୂଚନା ଦେଇଥିଲେ। ପରେ ପଞ୍ଚାୟତର ଥୁରିଆ ଗ୍ରାମରେ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱରେ ଥିବା ସୋଲାର କୋଲଡ ଷ୍ଟୋର ବୁଲି ଦେଖିଥିଲେ। କୃଷି ପ୍ରମୁଖ ଶାସନ ସଚିବ ପାଢ଼ୀଙ୍କ ଗସ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତଥ୍ୟ ମାଗିବାରୁ ଅଧିକାରୀମାନେ ଗଣମାଧ୍ୟମଠାରୁ ଦୂରେଇ ରହିଥିଲେ। ସରପଞ୍ଚ ଲିୟୁ ଗେମେଲ, ଜିଲା ପରିଷଦ ସଦସ୍ୟା ଟିକୋଇ ଗେମେଲ, ରାଜ୍ୟ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ ଲେଙ୍କା, ଅତିରିକ୍ତ ନିର୍ଦ୍ଦେଶକ ସୁକାନ୍ତ ସୁବୁଦ୍ଧି, ଜିଲା ଡିଡିଏଚ ସୁଧାମ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଏଏଚଓ ପୁରଞ୍ଜୟ ପାଣିଗ୍ରାହୀ, ପଟ୍ଟାଙ୍ଗି ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏଇ ବିଶ୍ୱନାଥ ମାଦଲି, ପିଇଓ କଣ୍ଠା ଗୋଲର,ଏଏଚଓ ରାନୁ ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ହାର ନ ମାନିବାଯାଏ ସଫଳ

ଦେବଯାନୀ ଦେଘୁରିଆ

୯ମ ଶ୍ରେଣୀରେ ପଢୁଥିବା ସମୟରେ ଏକ ଆଲବମ୍ ମାଧ୍ୟମରେ ଓଲିଉଡରେ ପାଦ ଥାପିଥିଲେ ଅଭିନେତ୍ରୀ ଦେବଯାନୀ ଦେଘୁରିଆ। ବେଙ୍ଗଲୀ ହୋଇ ମଧ୍ୟ ଓଡ଼ିଆ ପାଇଁ ଏକ ଅଲଗା ଆକର୍ଷଣ ତାଙ୍କୁ ଟାଣି ଆଣିଥିଲା ଓଲିଉଡ୍‌କୁ। ଓଡ଼ିଆ ଚଳଚ୍ଚିତ୍ର ରସିକ ନାଗର, ରଙ୍ଗିଲା ଟୋକା, ଅଜାତଶତ୍ରୁ, ଇନ୍ଦ୍ରଜାଲ, ସମପାଜୁର ରଘୁ ଆଦିରେ ସେ ଅଭିନୟ ଛାପ ଛାଡ଼ିଛନ୍ତି। ସେହିପରି ୩୦୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଭିଡିଓ ମଧ୍ୟ କରିଛନ୍ତି। ରିଲିଜ୍ ହେବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଉଦଣ୍ଡି ସୀତା' ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଆଶାରେ ସେ ଅଛନ୍ତି। ତାଙ୍କ ସହ ଏଥରର ଧରିତ୍ରୀ ଆଳାପ।

-ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

ଧରିତ୍ରୀ ଆଳାପ

କିଭଳି ଚାଷୀମାନଙ୍କ ପାଖେ ପହଞ୍ଚିପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ଯୋଜନା ଅଛି?

– ବର୍ତ୍ତମାନ ସମୟରେ ଡିଜିଟାଲରେ ଅନେକ ପ୍ରଚାର ପ୍ରସାର ହୋଇପାରୁଛି। କେହି ଜଣେ ବି ଯଦି ଏହାକୁ ଦେଖୁଛନ୍ତି, ଆଉ ତାଙ୍କୁ ଭଲ ଲାଗୁଛି ସେ ଏହାକୁ ଆଉ ୧୦ଜଣଙ୍କୁ ଦେଖାଇବେ। ଚଳଚ୍ଚିତ୍ରର ଟ୍ରେଲର ୟୁଟ୍ୟୁବରେ ଅପଲୋଡ୍ ହୋଇଛି। ଏହାକୁ ଅନେକେ ପ୍ରଶଂସା କରିଛନ୍ତି। ଏହି ମାଧ୍ୟମରେ ଏହା ଚାଷୀଭାଇଙ୍କ ପାଖରେ ମଧ୍ୟ ପହଞ୍ଚିପାରିବ ବୋଲି ମୋର ଆଶା। ଏହା ବ୍ୟତୀତ ପ୍ରଯୋଜନା ସଂସ୍ଥା ପକ୍ଷରୁ ମଧ୍ୟ ଯୋଜନା କରାଯାଇଛି କିଭଳି ଏହା ଚାଷୀଭାଇଙ୍କଠାରେ ପହଞ୍ଚିପାରିବ। ମୋର ଇଚ୍ଛା କି ସେମାନେ ଆସି ପ୍ରେକ୍ଷାଳୟରେ ବସି ଦେଖନ୍ତୁ।

▶▶ ପସନ୍ଦ ପାଇଁ ମ୍ୟୁଜିକ୍ ଭିଡିଓ ଅଧିକ କରିଛନ୍ତି ନା ଚଳଚ୍ଚିତ୍ରରେ ସୁଯୋଗ ବେଶି ମିଳିନି?

– ଫିଲ୍ମରୁ ସୁଯୋଗ କାହିଁକି ବେଶି ଆସିନି ତାହା ତ ମୋ ହାତରେ ନାହିଁ। କିନ୍ତୁ ମ୍ୟୁଜିକ ଭିଡିଓରୁ ହିଁ ପ୍ରାୟ ଅଭିନେତ୍ରୀ, ଅଭିନେତା ଚଳଚ୍ଚିତ୍ର ଜଗତକୁ ଯାଆନ୍ତି। ଆଗରୁ ଆଲବମ୍ ବେଶି ହେଉଥିଲା। ଚଳଚ୍ଚିତ୍ର କମ୍ ହେଉଥିଲା। ତାହା ଭିତରେ ବି ଚଳଚ୍ଚିତ୍ର କରିଛି। ମୋର ପ୍ରାୟ ଆଲବମ୍ ହିଟ୍ ହୋଇଛି। ସେଥିପାଇଁ ଦର୍ଶକଙ୍କୁ ଲାଗୁଥିବ ମୁଁ ଅଧିକ ଆଲବମ୍ କରିଛି।

▶▶ ଦୀର୍ଘବର୍ଷ ଧରି ଇଣ୍ଡଷ୍ଟ୍ରିକୁ ଆସିଲେଣି। ଆପଣ ଭାବୁଛନ୍ତି କି ନବାଗତାମାନେ ଆସି ଯେତିକି ସଫଳତା ପାଇଲେଣି ସେ ତୁଳନାରେ ପଛରେ ରହିଯାଇଛନ୍ତି?

–ହଁ, ଏହା ସତକଥା। ମୁଁ ଜାଣିନି ସଫଳତା ବା ବିଫଳତା ପ୍ରକୃତରେ କାହା ପାଇଁ କ'ଣ। ଯେ ପର୍ଯ୍ୟନ୍ତ ତୁମେ ଅଟକି ନାହଁ, ହାର ମାନିନ ସେ ପର୍ଯ୍ୟନ୍ତ ତୁମେ ସଫଳ। ଯେଉଁଦିନ ମୁଁ ଚେଷ୍ଟା କରିବା ବନ୍ଦ କରିଦେବି ସେଦିନଠୁ ମୋର ବିଫଳତା ଆରମ୍ଭ ହେବ। କର୍ମକୁ କେବେ ଛାଡ଼ିନି। ଆତ୍ମବିଶ୍ୱାସ ରହିଛି। ଭଲ କାମ କରିବାକୁ ସବୁବେଳେ ଚେଷ୍ଟା କରିଛି। ସେଥିପାଇଁ ସିନେମା ଜଗତରେ ତିଷ୍ଠିକି ଅଛି।

▶▶ ବଙ୍ଗଳା ଚଳଚ୍ଚିତ୍ର କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ବି କରିଛନ୍ତି। କେଉଁଟା ଅଧିକ ସୁହାଇଛି?

–ଘର ସବୁବେଳେ ନିଜର। ଘରେ ଯେତିକି ଆରାମ ଲାଗେ, ଆମକୁ ବାହାରେ ସେତିକି ଲାଗେନି। ଠିକ୍ ସେଭଳି ବାହାରୁ ଯେତେ ବି ଅଫର୍ ମିଳୁ ଓଡ଼ିଶାରେ ଗୋଟିଏ ବି ଚଳଚ୍ଚିତ୍ର କଲେ ଶାନ୍ତି ମିଳେ। ଏଠି ଯେଉଁ ସଂଘର୍ଷ କରିଛି, ଏହି ଇଣ୍ଡଷ୍ଟ୍ରି ମୋତେ ଯାହା ଦେଇଛି, ଯେଉଁ ପରିଚୟ ମୋଠି ଆଜି ଅଛି ତାକୁ ନେଇ ମୁଁ ବହୁତ ଖୁସି। ଓଡ଼ିଶା ଇଣ୍ଡଷ୍ଟ୍ରି ପ୍ରତି ଭଲପାଇବା ଅଛି। ମୁଁ ବେଙ୍ଗଲୀ ଝିଅ ହୋଇପାରେ କିନ୍ତୁ ଜନ୍ମିଛି, ବଢ଼ିଛି, ପଢ଼ିଛି, ସବୁକିଛି ଶିଖିଛି ଏଇଠି।

▶▶ କିଛି ଅଭୁଲା ସ୍ମୃତି ?

– ଥରେ ଶୁଟିଂ ସେଟ୍‌ରେ ଗୋଟେ ମାଙ୍କଡ଼ ଆସି ମୋ କୋଳରେ ବସିଥିଲା। ମୁଁ ବହୁତ ଡରିଯାଇଥିଲି। ଯାହା କିମୁଁ କେବେ ବିଭୁଲିବିନି। ସେମିତି ଏକ ସ୍ପେଶାଲ ମୋମେଣ୍ଟ ହେଉଛି, ରଙ୍ଗିଲା ଟୋକା ଫିଲ୍ମର ରିଲିଜ ପରେ ବ୍ରହ୍ମପୁରର ଏକ ମନ୍ଦିର ଦର୍ଶନ କରିବାକୁ ଯାଇଥିଲି। ମୋ ପଛେ ପଛେ ୨୦ଜଣ ପରିକ୍ରମା କରୁଥିଲେ। ମୁଁ ବାହାରିବା ପରେ ହଠାତ୍ ମୋ ସାମ୍ନାରେ ପୂରା ଭିଡ଼ ଜମି ଯାଇଥିଲା। ଗାଡ଼ି ଚଳାଚଳ ହୋଇପାରିଲା ନାହିଁ। ପୋଲିସ ଆସି ଭିଡ଼ ଭାଙ୍ଗିଥିଲା, ଯାହା ମୋ ପାଇଁ ଏକ ବ୍ଲେସିଙ୍ଗ୍‌ର କଥା ଥିଲା।

***▶▶ ଅବସର ସମୟରେ କ'ଣ

ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା

କ୍ଷତି ଭାରତର, ଲାଭ ଚାଇନାର

ମଣିପୁର ହିଂସା ଓ ମହିଳାଙ୍କ ଉପରେ ଘଟିଥିବା ବର୍ବରୋଚିତ କାଣ୍ଡ କେବଳ ଭାରତ ନୁହେଁ, ବିଦେଶୀ ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ କ୍ଷମତାସୀନ ହେବା ପରଠାରୁ ସରକାରୀ ଭାବେ ପ୍ରଚାର କରାଯାଉଛି ଯେ, ଭାରତକୁ ସେ ଦେଇଥିବା ନେତୃତ୍ୱ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଛି। ତାଙ୍କ ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱ ଦରବାରରେ ଏତେମାତ୍ରାରେ ପହଞ୍ଚାଇପାରି ନ ଥିଲେ ବୋଲି କୁହାଯାଉଛି। ହେଲେ ମଣିପୁରରେ ମେ ୪ରେ ମହିଳାଙ୍କ ପ୍ରତି ଘଟିଥିବା ଅମାନୁଷିକ ଘଟଣାର ଭିଡିଓ ଦୀର୍ଘ ଦୁଇ ମାସ ପରେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୋଦିଙ୍କ ଡବଲ ଇଞ୍ଜିନର ସରକାର ଦେଶବାସୀଙ୍କୁ କିଭଳି ଶାସନ ଭେଟି ଦେଇଛି ତାହା ଏବେ ସ୍ପଷ୍ଟ ବୁଝାପଡୁଛି। ବିଗତ ୯ ବର୍ଷରେ ଭାଜପା ସରକାର ଯେଉଁ କ୍ଷତି ଘଟାଇଛି ତାହା ପୂର୍ବରୁ ଦେଶ ଆଉ କାହା ନେତୃତ୍ୱରେ ଏଭଳି ଭୋଗି ନ ଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। କେନ୍ଦ୍ର ଓ ମଣିପୁରରେ ଭାଜପା ସରକାର ଚାଲିଥିବାରୁ ହିଂସାକୁ ରୋକିବା ତ ଦୂରର କଥା, ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେବା ବେଳେ ଦେଶର କଂଗ୍ରେସ ଶାସିତ ରାଜ୍ୟରେ ମହିଳାଙ୍କ ପ୍ରତି ଘଟୁଥିବା ଦୁର୍ବ୍ୟବହାର ବିଷୟରେ ପ୍ରକାଶ କରିବା ତାଙ୍କ ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାକୁ ପଦାରେ ପକାଇଛି।

ମଣିପୁର ଇତିହାସକୁ ମନେପକାଇଲେ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ)କୁ ରାଜ୍ୟରୁ ହଟେଇବା ଲାଗି ସାମାଜିକ କର୍ମୀ ଇରୋମ ଶର୍ମିଳା ୧୬ ବର୍ଷଧରି ଅନଶନ କରିଥିଲେ। କାରଣ ସେ ଦେଖିଥିଲେ ଯବାନମାନେ ମହିଳାଙ୍କ ଉପରେ କିଭଳି ଅତ୍ୟାଚାର କରୁଥିଲେ। ସେହିପରି ୩୨ ବର୍ଷୀୟା ଥାଙ୍ଗଜାମ ମନୋରମାଙ୍କୁ ଭାରତୀୟ ଅର୍ଦ୍ଧସାମରିକ ବାହିନୀ ୧୭ ଆସାମ ରାଇଫଲ୍ସର ଯବାନମାନେ ୧୧ ଜୁଲାଇ ୨୦୦୪ରେ ବଳାତ୍କାର ପରେ ହତ୍ୟା କରିଥିଲେ। ଏହି ଘଟଣାର ୫ ଦିନ ପରେ ୩୦ ଜଣ ମଧ୍ୟବୟସ୍କା ମହିଳା ଉଲଗ୍ନ ହୋଇ 'ଭାରତୀୟ ଯବାନ ଆମକୁ ବଳାତ୍କାର କର' (ଇଣ୍ଡିଆନ୍ ଆର୍ମି ରେପ୍ ଅସ୍) ବ୍ୟାନର ଧରି ଇମ୍ଫାଲରେ ଯାଉଥିବାର ଦୃଶ୍ୟ ଭାରତୀୟଙ୍କୁ ସେତେବେଳେ ବିବ୍ରତ କରିଦେଇଥିଲା। ସେହି ଘଟଣାର ୧୯ ବର୍ଷ ପରେ ଏବେ ଜୁଲାଇରେ ଦୁଇ ଜଣ କୁକି ମହିଳାଙ୍କୁ ମେଇତି ସମ୍ପ୍ରଦାୟର ଅସଂଖ୍ୟ ଲୋକ ଉଲଗ୍ନ ପରେଡ୍ କରାଇବାର ଭିଡିଓ ବହୁଳ ପ୍ରସାରିତ ହେବା ଦେଶବାସୀଙ୍କୁ ମର୍ମାହତ କରିଛି। ପୂର୍ବ ଘଟଣାରେ ଶାସକଙ୍କ ଉପରୁ ଆସ୍ଥା ହରାଇଥିବା ମହିଳାମାନେ ଭାରତୀୟ ସେନାର କାର୍ଯ୍ୟକୁ ନିନ୍ଦା କରି ଉଲଗ୍ନ ପ୍ରତିବାଦ କରିଥିଲେ। ବର୍ତ୍ତମାନର ଘଟଣା ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟର ଉତ୍ତ୍ୟକ୍ତ ଜନତା ସଂଖ୍ୟାଲଘୁ ଦୁଇ କୁକି ମହିଳାଙ୍କ ଉପରେ ଅତ୍ୟାଚାର କରିବା ଦର୍ଶାଇ ଦେଇଛି ସବୁକିଛି ସରକାରୀ ପ୍ରାୟୋଜିତ। ମେ ୪ରେ ଏହି ଘଟଣା ଘଟିବା ଓ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ତାହାକୁ ପୋଲିସ ଗୁରୁତ୍ୱ ନ ଦେବା ଅର୍ଥ ମଣିପୁରର ଶାସନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଇଛି। କେବଳ ସେତିକି ନୁହେଁ, ଏହି ଅତ୍ୟାଚାର ସମ୍ପର୍କରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା, ଯିଏ ନିଜେ ଭାଜପା ସରକାର ଦ୍ୱାରା ଅବସ୍ଥାପିତ ହୋଇଛନ୍ତି, ତାଙ୍କ ଆୟୋଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏନ୍‌ସିଡବ୍ଲ୍ୟୁ ପାଖରେ ଜୁନ୍ ୧୨ରେ ଏହି କୁକି ମହିଳାଙ୍କ ପ୍ରତି ଅତ୍ୟାଚାର ସମ୍ପର୍କିତ ଅଭିଯୋଗ ପହଞ୍ଚିଥିବା ସତ୍ତ୍ୱେ ସବୁ ନୀରବ ରହିଲେ। ଏଥିରୁ ଜଣାପଡୁଛି, କେନ୍ଦ୍ର ସରକାର କହିପାରିବେନି ତାଙ୍କ ପାଖରେ ତଥ୍ୟ ବା ଖବର ପହଞ୍ଚିପାରି ନ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଗାଦିକୁ ରକ୍ଷା କରିବା ଲାଗି କେନ୍ଦ୍ର ସରକାର ସବୁ ବଳ ଲଗାଇ ଦେଇଥିବା ଭଳି ମନେହେଉଛି। ଯେମିତି ଭାରତୀୟ କୁସ୍ତି ଫେଡେରେଶନର ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ବ୍ରିଜ୍ ଭୂଷଣ ଶରନ ସିଂଙ୍କ ପାଇଁ ନିକଟରେ ସରକାରୀ ସମର୍ଥନ ଦେଖିବାକୁ ମିଳିଥିଲା। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମେ' ଶେଷ ଆଡ଼କୁ ମଣିପୁର ଗସ୍ତ କରିଥିଲେ ମଧ୍ୟ ହିଂସାକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆ ନ ଯିବା କେନ୍ଦ୍ରର ନୀରବତାକୁ ସୂଚିତ କରୁଛି।

ଇତିହାସ ପ୍ରମାଣ ଦେଇଛି ଯେ, ହିଂସା ଦ୍ୱାରା କୌଣସି ଲକ୍ଷ୍ୟ ସାଧନ ହୋଇ ନ ଥାଏ। ପୁଣି ଯେତେବେଳେ ଉତ୍ତ୍ୟକ୍ତ ଜନତା ସରକାରଙ୍କ ସମର୍ଥନରେ ଅସ୍ୱାଭାବିକ ସ୍ଥିତି ଉପୁଜାଇଥାଆନ୍ତି, ସେତେବେଳେ ଅରାଜକତା ରାଜୁତି କରିଥାଏ। ଏହା ଜଣାଶୁଣା ମଣିପୁର ଏକ ସୀମାନ୍ତ ରାଜ୍ୟ। ଅଳ୍ପ କିଛି ଦୂରତାରେ ମ୍ୟାନ୍‌ମାର (ବର୍ମା) ରହିଛି, ଯେଉଁ ଦେଶର ଶାସକମାନଙ୍କର ଚାଇନା ସହିତ ନିକଟ ଅତୀତରେ ଗଭୀର ସମ୍ପର୍କ ଗଢ଼ିଉଠିଛି। ଏଥିସହିତ ପଡ଼ୋଶୀ ରାଜ୍ୟ ମିଜୋରାମରେ ସାନି ହିଂସା ଦେଖାଦେଲାଣି। ମିଜୋରାମରେ ବସବାସ କରୁଥିବା ବା କାର୍ଯ୍ୟରେ ନିୟୋଜିତ ଥିବା ମେଇତି ସମ୍ପ୍ରଦାୟଙ୍କୁ ସ୍ଥାନୀୟ ମିଜୋ ଓ କୁକିମାନେ ଶତ୍ରୁ ଦୃଷ୍ଟିରେ ଦେଖିଲେଣି। ମିଜୋ ଓ କୁକିମାନେ ଜାତିଗତ ଦୃଷ୍ଟିରୁ ସମ୍ବନ୍ଧରେ ଜଡ଼ିତ। ତେଣୁ ସେଠାରେ କୁକି ସମର୍ଥକମାନେ ସଂଖ୍ୟାଲଘୁ ମେଇତିଙ୍କୁ ଚେତାବନୀ ଦେଲେଣି। ଏଥିରୁ ବୁଝିବାକୁ ହେବ ଯେ, ଉତ୍ତର ପୂର୍ବାଞ୍ଚଳରେ ହିନ୍ଦୁ ଭୋଟ ପାଇଁ ବ୍ୟାକୁଳ ଭାଜପା ଯେଉଁ ନିଆଁ ଲଗାଇଦେଲାଣି ତାହାକୁ ଲିଭାଇବା ପରିସ୍ଥିତିରେ କେହି ଥିଲା ଭଳି ମନେ ହେଉନାହିଁ। ମନେରଖିବାକୁ ହେବ ଯେ, ଏହିସବୁ ଅଞ୍ଚଳରେ ଅନେକ ଦଶନ୍ଧି ଧରି ଉଗ୍ରପନ୍ଥୀମାନେ ବିଚ୍ଛିନ୍ନତାବାଦୀ କାର୍ଯ୍ୟ କରି ଆସୁଥିଲେ। ଅଳ୍ପ କିଛି ବର୍ଷ ହେବ ସେହିସବୁ ଆନ୍ଦୋଳନ ମଉଳି ଆସୁଥିଲା। ସମ୍ଭବତଃ ମଣିପୁରରେ ଚାଲିଥିବା ଭାଜପା ରାଜନୀତି ଦେଶର ଏହି ଅଞ୍ଚଳକୁ ବିପଦମୁହଁକୁ ଠେଲି ଦେଲା। କ୍ଷତି ଭାରତର, ଲାଭ ଚାଇନାର।

su | do | ku
Puzzles by Srikant Ghosh

ସୁ–ଡୋ–କୁ

2						4	1	
	8				2			
			9	5				
	1	8						
						7	9	
4		6	2		9	3		
				7		6		2
	5	2			3			
					8		5	3

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

8	9	4	2	1	3	5	6	7
3	1	7	6	5	8	2	9	4
5	6	2	9	4	7	8	1	3
6	7	1	5	2	4	9	3	8
9	2	3	8	6	1	4	7	5
4	8	5	3	7	9	6	2	1
7	3	8	4	9	6	1	5	2
1	5	6	7	8	2	3	4	9
2	4	9	1	3	5	7	8	6

ଗତକାଲିର ଉତ୍ତର

ଜଳାଭିଷେକ ଓ ବୃକ୍ଷ ଉପାସନା

ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ଲୋକ ଚିନ୍ତନରେ ଆନନ୍ଦ ଓ ଅନାଶକ୍ତିର ପ୍ରତୀକ ମଙ୍ଗଳମୟ ଶିବ। ତାଙ୍କୁ ତୋଷ କରିବାର ସହଜ ଉପାୟଟି ହେଉଛି ଜଳାଭିଷେକ। ଶୈବ ମତରେ ଶ୍ରାବଣ ମାସ ହିଁ ଜଳାଭିଷେକର ପ୍ରକୃଷ୍ଟ ସମୟ। ତେଣୁ ଶ୍ରାବଣ ଆସିବା ମାତ୍ରେ ଆରମ୍ଭ ହୋଇଯାଏ ଜଳାଭିଷେକ ପର୍ବ। କାଉଡି କାନ୍ଧେଇ ରାସ୍ତାରେ ଭିଡ ଲଗାନ୍ତି ଦଳଦଳ ବୋଲବମ ଭକ୍ତ। ପିଙ୍ଗୁଡି ଧାର ପରି ଚାଲୁଥିବା ଏହି ଗେରୁଆ ପିନ୍ଧା ଭକ୍ତଙ୍କୁ ଦେଖି ମନରେ ସ୍ୱତଃ ପ୍ରଶ୍ନ ଉଠେ, ବାସ୍ତବରେ ଏହା ଆଧ୍ୟାତ୍ମିକ ଉଦ୍‌ବେଳନ ନା ଆବେଗିକ ବିଭ୍ରାନ୍ତି? ଭାକ୍ତିକ ଉଚ୍ଛାସ ନା ତାମସିକ ଉନ୍ମାଦନା? ଶାସ୍ତ୍ରୀୟ ନା କାଳ୍ପନିକ? କେଉଁଠି ଅଛି ତା'ର ଉତ୍ସ?

ସାରା ଭାରତରେ ଶୈବ ଉପାସନାର ଆଦୃତି ଓ ବିସ୍ତୃତିକୁ ନେଇ ଓଡ଼ିଶାର ପ୍ରାୟତଃ ପ୍ରତି ଗାଆଁରେ ଗଢ଼ି ଉଠିଛି ଶିବ ମନ୍ଦିର। ଗାଁ ଲୋକେ ବିଶେଷକରି ମହିଳାମାନେ ପ୍ରତି ସୋମବାର ମନ୍ଦିରକୁ ଯାଇ ମହାଦେବଙ୍କୁ ଦର୍ଶନ କରିବା ଏକ ସାଧାରଣ କଥା। ଶ୍ରାବଣ ସୋମବାରର ଜଳାଭିଷେକ କରିବା ଧାରା ମଧ୍ୟ ପ୍ରାଚୀନ। କିନ୍ତୁ ତାହା ଥିଲା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ନିରାଡ଼ମ୍ବର। ପରବର୍ତ୍ତୀ ସମୟରେ ଅର୍ଥାତ୍ ଏଇ ତିନି ଚାରି ଦଶନ୍ଧି ପୂର୍ବରୁ ବୋଲବମ ପରମ୍ପରା ଓଡ଼ିଶାକୁ ଆମଦାନୀ ହୋଇ ଆସିଲା ପରେ ବଦଳିଗଲା ଚିତ୍ର। ପ୍ରାରମ୍ଭିକ ଅବସ୍ଥାରେ କାଉଡ଼ିବାଲାଙ୍କ ସଂଖ୍ୟା ଥିଲା ନଗଣ୍ୟ। ରାସ୍ତାରେ ଜଣେ ଅଧେ କେହି ପାଣି ଭାର ଧରି ଯାଉଥିଲେ ଏବଂ ତାଙ୍କୁ ବାଟଗଲା ଲୋକ ଚାହୁଁଥିଲେ କୌତୂହଳରେ। ବିଭିନ୍ନ ଭାବରେ ପ୍ରୋତ୍ସାହନ ପାଇ ବର୍ଷକୁ ବର୍ଷ ବଢ଼ିବାକୁ ଲାଗିଲା ସେମାନଙ୍କ ସଂଖ୍ୟା। ଏବେ ପରିସ୍ଥିତି ଏମିତି ହୋଇଛି ଯେ ଶହେ କି ହଜାରରେ ନୁହେଁ, ଲକ୍ଷ ଲକ୍ଷକୁ ନେଇ ଚାଲିଛି ସେମାନଙ୍କ ଗଣତି। ଏମାନେ ଦଳବଦ୍ଧ ହୋଇ ଯାଉଛନ୍ତି ମହାଆଡମ୍ବରରେ। କାଉଡି କାନ୍ଧେଇ ଖାଲି ପାଦରେ ମାଇଲ ମାଇଲ ବାଟ ଚାଲିବା କିଛି ସହଜ କଥା ନୁହେଁ ସତ, କିନ୍ତୁ ନିକଟରେ ଥିବା ଶୈବ ପୀଠରେ ଜଳାଭିଷେକ ନ କରି ଏ ଦୂରନ୍ତ ଯାତ୍ରା କାହିଁକି? କ'ଣ ପାଇଁ ଆଗ୍ରହ ଓ ଦୁଃସାହସିକତା? ଏହା ଅଭୀଷ୍ଟ ସାଧନ ନିମନ୍ତେ ଭକ୍ତର ଏକନିଷ୍ଠ ସାଧନା ନା ନିଜର ଅନ୍ଧବିଶ୍ୱାସଜନିତ ଉଦ୍ଦଣ୍ଡପଣ? କେହି କେହି କହନ୍ତି ବୋଲବମ ଯାତ୍ରା ଅନ୍ତରାଳରେ ରହିଛି ଜଣେ ନିରୁତା ଭକ୍ତର ଆବେଗ, ଆତ୍ମବିଶ୍ୱାସ ଓ ଆତ୍ମନିବେଦନ? କିନ୍ତୁ ବୁଝିହୁଏ ନାହିଁ ସେମାନଙ୍କ 'ଚିଲମଧାରୀ ପାର୍ କରେଗା' ଓ 'ଗଣେଶ ଫାଦର ପାର୍ କରେଗା' ଆଦି ନାରା ଅଭୀଷ୍ଟ ଦେବତାଙ୍କ ପ୍ରତି ଆବେଦନ ନା ତାଚ୍ଛଲ୍ୟପୂର୍ଣ୍ଣ ସମ୍ବୋଧନ? ହୃଦୟଭର୍ତ୍ତି ଶ୍ରଦ୍ଧା ନିବେଦନ ନା ଅପସଂସ୍କୃତିର ନିର୍ଲଜ୍ଜପଣ? ଉଚ୍ଚ ସ୍ୱରରେ ମାଇକ ବଜେଇ ଯାତ୍ରା କରିବା ପଛରେ କ'ଣ ଥାଏ, ଆଧ୍ୟାତ୍ମିକତା ନା ଅନାଚାର? ଭକ୍ତି ନା ମସ୍ତି।

କୁହାଯାଏ ଯେଉଁଠି ଜୀବ, ସେଇଠି ଶିବ। ଜୀବ କଲ୍ୟାଣ ହିଁ ଶିବ ଆରାଧନା। ତାହା ହିଁ ପୁଣ୍ୟ ପ୍ରାପ୍ତିର ପ୍ରକୃଷ୍ଟ ପଥ ବା ପନ୍ଥା। ଜଳାଭିଷେକରେ ଆଶୁତୋଷ ଯେତିକି ତୋଷ ହୁଅନ୍ତି ତା'ଠାରୁ ବେଶି ତୋଷ ହୁଅନ୍ତି ଜୀବ ଜଗତ କଲ୍ୟାଣ ବିଧାନରେ। ଅର୍ଥାତ୍ ଶୈବତତ୍ତ୍ୱ କେବଳ ଏକ ଦାର୍ଶନିକ ପ୍ରଜ୍ଞା ନୁହେଁ, ବ୍ୟକ୍ତି ତଥା ସମାଜ ଜୀବନର ଏକ ଦୃଷ୍ଟିକୋଣ। ଏହାର ବ୍ୟବହାରିକ ଦିଗଟି ବେଶ୍ ବିବିଧ ଓ ବ୍ୟାପକ। ଏହି ଦୃଷ୍ଟିରୁ ବିଚାର କଲେ ପାର୍ଥିବ ଜଗତରେ ବୃଷ ହିଁ ଶିବଙ୍କର ଅମୃତ ଅବତାର। ଜଗତ କଲ୍ୟାଣର ସୂତ୍ରଧର। ଶିବ ଯେମତି ହଳାହଳ ବିଷକୁ ଆକଣ୍ଠ ପାନ କରି ସଂସାରକୁ ରକ୍ଷା କରିଥିଲେ, ବୃଷ ସେମିତି ଗରଳ ତୁଲ୍ୟ ଅଙ୍ଗାରକାମ୍ଳକୁ ଶୋଷି ଚାଲିଛି ଜୀବଜଗତର ମଙ୍ଗଳ ପାଇଁ। ଏହି ମର୍ମରେ ଜଳାଭିଷେକ ଯଦି ଔପଚାରିକତା ହୁଏ, ତା'ର ବାସ୍ତବବାଦୀ ଦିଗଟି ହେଉଛି ବୃକ୍ଷରୋପଣ ଓ ଯତ୍ନର ସହ ଜଳ ସିଞ୍ଚନ।

ବୈଶାଖ ମାସରେ ଜଳାଭାବରୁ ଚଉଁରାରେ ଥିବା ତୁଳସୀ ଗଛକୁ ବଞ୍ଚାଇ ରଖିବା ପାଇଁ ବାଉଁଶ ଠେକରା ଦେଇ ସଛିଦ୍ର ଜଳପୂର୍ଣ୍ଣ ଠେକି ବାନ୍ଧିବା ତଥା ବର ଓ ଅଶ୍ୱତ୍ଥ ଆଦି ଗଛ ମୂଳରେ ପାଣି ଢାଳିବା ଆମ ସଂସ୍କୃତିର ଏକ ଅମୂଲ୍ୟ ବିଭବ। ଜଳାଭିଷେକ ଏକ ସୁନ୍ଦର ପ୍ରତୀକ। ଯେଉଁମାନେ ଏହାର ଅର୍ଥ ବୁଝିନାହାନ୍ତି କି ଚଉଁରାରେ କେବେ ପାଣି ଢାଳିନାହାନ୍ତି, ଜଳ ବହୁଳ ଶ୍ରାବଣ ମାସରେ ମହାଦେବଙ୍କ ମଥାରେ ପାଣି ଢାଳିବା ପାଇଁ ସେହିମାନଙ୍କର ବ୍ୟାକୁଳତା ବେଶି? ଏହା ଏକ ଧର୍ମୀୟ ଉନ୍ମାଦନା ନା ଚତୁର ବଣିକ ଓ ଧର୍ମ ବେପାରୀଙ୍କ କୌଶଳପୂର୍ଣ୍ଣ ଆୟୋଜନ? ଯାତ୍ରା ଆରମ୍ଭରୁ କାଉଡ଼ିଆ ଆବଶ୍ୟକ କରେ ସୁସଜ୍ଜିତ ବାହୁଙ୍ଗି, ଗେରୁଆ ଗାମୁଛା, ଗେରୁଆ ଗେଞ୍ଜି, ଶିକା ଓ ପିତଳ ଗଡୁ ଇତ୍ୟାଦି, ଯାହାର ସର୍ବନିମ୍ନ ବଜାର ମୂଲ୍ୟ ହଜାରେ ଟଙ୍କାରୁ ଅଧିକ। ଗଣମାଧ୍ୟମରେ ପ୍ରକାଶିତ ଏକ ଆକଳନ ଅନୁଯାୟୀ, ଓଡ଼ିଶାରେ ବାର୍ଷିକ ବୋଲବମ ଯାତ୍ରୀଙ୍କ ସଂଖ୍ୟା ପଚିଶ ଲକ୍ଷରୁ ଅଧିକ। ଅର୍ଥାତ୍ ବୋଲବମ ଯାତ୍ରୀଙ୍କ ପାଇଁ ବାର୍ଷିକ ବେପାରର ପରିମାଣ ଅତି କମ୍‌ରେ ଦୁଇଶହ ପଚାଶ କୋଟି (୧ହଜାରX୨୫ ଲକ୍ଷ) ଟଙ୍କା। ଅନ୍ୟପକ୍ଷରେ ଯାହା ସୌଜନ୍ୟରୁ ହେଉନା କାହିଁକି, ବାଟସାରା ବୋଲବମ ଭକ୍ତଙ୍କୁ ଯୋଗାଇ ଦିଆଯାଏ ନିଃଶୁଳ୍କ ସେବା। ସେମାନଙ୍କ ବିଶ୍ରାମ ପାଇଁ ରାସ୍ତା କଡ଼ରେ ତମ୍ବୁ, ଚାଳିଆ ନିର୍ମାଣ ହୁଏ ଏବଂ ସେଠାରେ ବିତରଣ କରାଯାଏ ଅରୁଆ ଅନ୍ନ ଓ ଡାଲମା। କେତେକ ଶିବିରରେ ଗଞ୍ଜେଇ ଓ ଚିଲମ ଦିଆଯାଏ ମାଗଣାରେ। କିଏ କ'ଣ ଦେଲା ବା କିଏ କେତେ ଲାଭ ଖାଇଲା ତାହା ଏକ ଭିନ୍ନ ପ୍ରସଙ୍ଗ। କିନ୍ତୁ ବିଚରା ବୋଲବମ ଯାତ୍ରୀ ପାଏ କ'ଣ? ସେ ଟଙ୍କା ଖର୍ଚ୍ଚ କରି ଆବଶ୍ୟକ ସାମଗ୍ରୀ କିଣେ,ପାଣି ଉଠାଇବା ଓ ଢାଳିବା ଉଭୟ ଜାଗାରେ ନନାର ଦାବି ଅନୁସାରେ ବିଦାକି ଦିଏ ଏବଂ ଶେଷରେ ମାଇକ ଓ ଗାଡି ଭଡ଼ା ଦେଇ ଘରକୁ ଫେରେ ଫୋଟକା ଗୋଡ଼ରେ।

ବୋଲବମ ଭକ୍ତଙ୍କ ଗହଳି ପାଇଁ ଅନେକ ସ୍ଥାନରେ ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା। ପୋଲିସ ରାତି ଦିନ ଜଗିବା ସତ୍ତ୍ୱେ କେଉଁଠି ରାସ୍ତା ଦୁର୍ଘଟଣା ହେଉଛି ତ କେଉଁଠି ଦଳାଚକଟାରେ ଯାଉଛି ଲୋକଙ୍କ ଜୀବନ। ବସ୍ ଓ ରେଳଗାଡ଼ିରେ ଏମାନଙ୍କ ଗହଳି ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛି ସାଧାରଣ ଯାତ୍ରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୋଲବମ ଯାତ୍ରା ପାଇଁ ନଷ୍ଟ ହେଉଛି ଲକ୍ଷ ଲକ୍ଷ ଶ୍ରମ ଦିବସ। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଜଳାଭିଷେକ ନାଁରେ ଦେଶର ପ୍ରକୃତ ସମସ୍ୟାଠାରୁ ଦୂରେଇ ଯାଉଛି ଦେଶର ଯୁବଶକ୍ତି।

ଭାବିଲେ ଦେଖି ଓଡ଼ିଶାରେ ବୋଲବମ ଯାତ୍ରା ନାଁରେ ନଷ୍ଟ ହେଉଥିବା ଅର୍ଥ ଓ କର୍ମ ଦିବସ କଥା? ବୋଲବମ ଯାତ୍ରାରେ ଶ୍ରମଶକ୍ତି ଅପଚୟ କରୁଥିବା ଭକ୍ତମାନେ ବୃକ୍ଷକୁ ଶିବଙ୍କ ଅବତାର ଭାବି ଯଦି କିଛି ଶ୍ରମ ଓ ସମୟ ବନୀକରଣ ଦିଗରେ ବିନିଯୋଗ କରନ୍ତେ, ତେବେ କ'ଣ ସବୁଜିମାରେ ଭରି ଯାଆନ୍ତାନି ଆମ ପରିବେଶ? ଏହି ପରିପ୍ରେକ୍ଷୀରେ ଆମ ଆଗରେ ଦୁଇଟି ରାସ୍ତା–ଏ ପାଖରେ ଜଳାଭିଷେକର ଔପଚାରିକତା ଓ ଅନ୍ୟ ପାଖରେ ଜନମଙ୍ଗଳ ଓ ପରିବେଶ ସୁରକ୍ଷା। ଆମକୁ ଗୋଟିଏ ରାସ୍ତା ବାଛିବାକୁ ପଡ଼ିବ ବିବେକକୁ ଅଗ୍ରାଧିକାର ଦେଇ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪

ପ୍ରତିଭା ଓ ପୁରସ୍କାର

ହରେକୃଷ୍ଣ ଦାସ

ଗୋଟେ ପତ୍ରିକାର ସମ୍ପାଦକ ତଥା ମୋର ବନ୍ଧୁ ସେଦିନ ପରିହାସ ଛଳରେ କହିଲେ, ''କି ଲେଖା ଲେଖୁଛ ହୋ? ପୁରସ୍କାର ଫୁରସ୍କାର କିଛି ନାହିଁ! ଆମ ମିଳି ଗଲା ସପ୍ତାହରେ ପୁଣି ଗୋଟେ ପୁରସ୍କାର ପାଇଲା। ତମଠୁ ସାତ ପଛରେ ଲେଖା ଆରମ୍ଭ କରି ସେ କେତେଗୁଡ଼ାଏ ପୁରସ୍କାର ପାଇଲାଣି। ତମ ଦ୍ୱାରା କିଛି ହବନି।'' ତାଙ୍କ କଥାର ମର୍ମ ବୁଝିନପାରି ମୁଁ କହିଲି, ''ଦୀର୍ଘ ବର୍ଷ ଧରି ସାହିତ୍ୟ ସାଧନା ଓ ସମ୍ପାଦନାରେ ସକ୍ରିୟ ଥିବା ତମ ଭଳି ଅନେକ ସାହିତ୍ୟିକ କେବେ ବି ନାଁ ଶୁଣିନଥିବା ଲୋକଙ୍କୁ 'ବିଶିଷ୍ଟ ସାହିତ୍ୟିକ' ବୋଲି ବିଭିନ୍ନ ସଭାରେ ସମ୍ବୋଧିତ କରାଯିବାରେ ଆଶ୍ଚର୍ଯ୍ୟାନ୍ୱିତ ହୁଅ ଏବଂ ଏଇଭଳି କିଛି ପିଲା ପୁରସ୍କାର ପାଇଲେ ବି ତାଙ୍କ ବିରୋଧରେ ଚର୍ଚ୍ଚା କର। ତମେ କୋଉ ମିଳି କଥା କହୁଛ ମୁଁ ହୁଏତ ତା' ଲେଖା ପଢ଼ିନି। କିନ୍ତୁ ଅଳ୍ପଦିନ ହେବ ଲେଖୁଥିଲେ କ'ଣ ହେଲା, ତା' ଲେଖାଗୁଡ଼ିକ ବହୁତ ଉଚ୍ଚ ମାନର ହୋଇଥାଇପାରେ। ଭଲ ଲେଖିପାରିବା ପାଇଁ ଜଣେ ବହୁତ ବର୍ଷ ଧରି ଲେଖିଆସୁଥିବା ଜରୁରୀ ବୋଲି ମୁଁ ବିଶ୍ୱାସ କରେନି। ଆଜିକାଲି ତ ଅନେକ ତଥାକଥିତ ବରିଷ୍ଠ ଲେଖକଙ୍କର ଲେଖା ପଢ଼ିଲେ ହସ ଲାଗେ,

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ରବିବାର ଭୋପାଳରେ ଭାଜପାର ନୂଆ ଅଫିସ୍ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ରାଜ୍ୟ ଭାଜପା ସଭାପତି ଭି.ଡି. ଶର୍ମାଙ୍କ ସହ ୨ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଭୂପେନ୍ଦ୍ର ଯାଦବ।

ନବୀନଙ୍କ ନୂଆ ରେକର୍ଡ ପରେ ଜୋର୍ ଧରିଲା ରାଜନୀତି

- ପ୍ରତିଶ୍ରୁତି ଦେଇ ପାଳନ ନ କରିବାରେ ବି ବିଜେଡି ରେକର୍ଡ କରିଛି: ଭାଜପା
- ସଭାପତି ପଦରୁ ବିଦାହେବା ପରେ ରାଜନୈତିକ ସ୍ଥିତି ହରାଇଛନ୍ତି ସମୀର: ବିଜେଡି

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ନବୀନ ପଟ୍ଟନାୟକ ଦେଶରେ ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ରେକର୍ଡ କାଟି ଏହି ସ୍ଥାନ ହାସଲ କରିଛନ୍ତି। ତେବେ ଏ ସମ୍ପର୍କିତ ଖବର ପ୍ରକାଶ ପରେ ଭାଜପା ଟାର୍ଗେଟ କରିଥିବା ବେଳେ ବିଜେଡି ଏହାର ପାଲଟା ଜବାବ ଦେଇଛି। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ୍ କରି କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରାୟୋଜିତ ପୁରସ୍କାର ଗ୍ରହଣ କରିବାର ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ସରକାର ପୁଳାପୁଳା ପ୍ରତିଶ୍ରୁତି ଦେଉଥିବା ବେଳେ ତାହାକୁ ପାଳନ ନ କରିବାରେ ମଧ୍ୟ ରେକର୍ଡ ସୃଷ୍ଟି କରିସାରିଲାଣି। ଓଡ଼ିଶାର ପ୍ରତି ବ୍ଲକରେ ୩୫% ଜଳସେଚନ ବ୍ୟବସ୍ଥା, ଶୀତଳଭଣ୍ଡାର, ବାସହୀନଙ୍କୁ ପଟ୍ଟା ଓ ଘର ଦେବା, ଶିଳ୍ପାୟନ ମାଧ୍ୟମରେ ସ୍ଥାନୀୟ ଯୁବକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ ତାହାକୁ ପାଳନ ନ କରିବାରେ ବି ବିଜେଡି ରେକର୍ଡ କରିଛି। ମୋଦି ସରକାର ଘରେ ଘରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ହେଲେ ପାଣି ଦେବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ଅକ୍ଷମ। ଶିଶୁ ଓ ଗର୍ଭବତୀ ମହିଳାଙ୍କ କୁପୋଷଣ ଏବଂ ରକ୍ତହୀନତା ସମସ୍ୟାରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି। ରାଜ୍ୟର ୬ରୁ ୫୯ ମାସର ଶିଶୁଙ୍କ ଭିତରେ ୪୨.୩ ପ୍ରତିଶତ ରକ୍ତହୀନତା ଦେଖାଦେଇଛି। ଏନ୍‌ସିଆରବି ରିପୋର୍ଟ ଅନୁସାରେ ଓଡ଼ିଶା ମହିଳା ବିରୋଧୀ ହିଂସା ଓ ଆପରାଧିକ ମାମଲା ସଂଖ୍ୟାରେ ରେକର୍ଡ ସୃଷ୍ଟି କରିଛି। ତେଣୁ ଦୀର୍ଘ ସମୟ ଶାସନ ବ୍ୟବସ୍ଥା ନୁହେଁ, ବରଂ କର୍ମରୁ ମଣିଷର ପରିଚୟ ବୁଝାପଡ଼େ ବୋଲି ସମୀର କହିଛନ୍ତି।

ବିଜେଡି ନେତା ଲେନିନ୍ ମହାନ୍ତି ଟୁଇଟ୍ କରି କହିଛନ୍ତି ଯେ, ଭାଜପା ନେତା ସମୀର ମହାନ୍ତି ରାଜ୍ୟ ସଭାପତି ପଦରୁ ବିଦା ହେବାପରେ ନିଜର ରାଜନୈତିକ ସ୍ଥିତି ହରାଇଛନ୍ତି। ରାଜନୀତିରେ ତିଷ୍ଠି ରହିବା ପାଇଁ ଏବେ ସେ ଆପ୍ରାଣ ଉଦ୍ୟମ ଚଳାଇବା ସହିତ ଟୁଇଟ୍ ଜରିଆରେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଆମେ ତାଙ୍କର ନିରାଶା ଏବଂ ହତାଶାକୁ ବୁଝୁଛୁ। ପୂର୍ବତନ ସଭାପତି ତାଙ୍କର ଅର୍ଥହୀନ ଏବଂ ବୁଦ୍ଧିହୀନ ଟୁଇଟ୍ ଜରିଆରେ ରାଜନୀତିରେ ପ୍ରାସଙ୍ଗିକ ହୋଇ ରହିବା ଏବଂ ଓଡ଼ିଶା ଭାଜପାରେ ନିଜର ରାଜନୈତିକ ଅସ୍ତିତ୍ୱ ଖୋଜିବାକୁ ଚେଷ୍ଟା କରୁଥିବାରୁ ଆମେ ତାଙ୍କ ପ୍ରତି ସହାନୁଭୂତି ଦେଖାଉଛୁ । ଆମେ ଆଶା କରୁଛୁ ଯେ ରାଜ୍ୟ ଭାଜପା ସହକର୍ମୀମାନେ ତାଙ୍କ ପ୍ରତି ଅନୁରୂପ ଭାବେ ଅଧିକ ଦୟା ଏବଂ ସହାନୁଭୂତି ଦେଖାଇବେ ବୋଲି ଲେନିନ କହିଛନ୍ତି।

ମିଥ୍ୟା ପୁଞ୍ଜିନିବେଶର ଗପ ଶୁଣାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଶାସକ ବିଜେଡିର ମନ୍ତ୍ରୀ, ସାଂସଦମାନେ ପୁଞ୍ଜିନିବେଶ ଆଳରେ ବାରମ୍ବାର ବିଦେଶ ଗସ୍ତ କରୁଛନ୍ତି। ଓଡ଼ିଶାର ଗରିବଙ୍କ ଟିକସ ଖର୍ଚ୍ଚରେ ଶାସକ ବିଜେଡିର ନେତାମାନେ ଇଟାଲୀ, ଜାପାନ, ଇସ୍ରାଏଲ, ବ୍ରିଟେନ୍ ଏବେ ଆମେରିକା ଯାଉଛନ୍ତି। ଶନିବାର ଆଇଟି ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଆଇଟି ଟମ୍‌ରେ ଜଣେ କ୍ରୀଡା ସଚିବ, ୫-ଟି ସଚିବ ପୁଞ୍ଜି ଆଣିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ) ଯାଇଛନ୍ତି। ଗତ ୨ରୁ ୩ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଟିମ୍ କୃଷି ଓ ଶିଳ୍ପରେ ପୁଞ୍ଜିନିବେଶ ପାଇଁ ବାରମ୍ବାର ବିଦେଶ ଗସ୍ତ କରିଚାଲିଛନ୍ତି। ଏହି ଟିମ୍‌ଗୁଡିକ ଓଡ଼ିଶାର ଗରିବଙ୍କ ଟିକସ ଟଙ୍କାରେ ବିଳାସପୂର୍ଣ୍ଣ ହୋଟେଲରେ ରହି ପୁଞ୍ଜିନିବେଶର ଆଲୋଚନା କରୁଛନ୍ତି। ସେଥିରୁ ଓଡ଼ିଶା କେତେ ଲାଭାନ୍ୱିତ ହୋଇଛି ତାହାର ଉତ୍ତର ରାଜ୍ୟ ସରକାର ଦିଅନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଯତୀନ୍ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ, ଏହି ଟିମ୍ ଓଡ଼ିଶାକୁ ଆସିବା ପରେ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟବାସୀଙ୍କୁ ମିଥ୍ୟା ପୁଞ୍ଜିନିବେଶର ଗପ ଶୁଣାଉଛନ୍ତି। ବାସ୍ତବରେ ଟଙ୍କାଟିଏ ବି ବିଦେଶ ପୁଞ୍ଜି ଓଡ଼ିଶାକୁ ଆସିନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅଫିସରମାନଙ୍କୁ ବିଦେଶ ବୁଲାଇବା ସହ ବିଳାସପୂର୍ଣ୍ଣ ହୋଟେଲରେ ମଜା ମଜ୍‌ଲିସ କରି ଫେରିବା ଇତ୍ୟାଦି କାର୍ଯ୍ୟ କରାଯାଉଛି। ଅଫିସରମାନଙ୍କୁ ଖୁସି କରାଇବା ପାଇଁ ବାରମ୍ବାର ରାଜ୍ୟ ସରକାର ବିଦେଶ ଗସ୍ତର ଆୟୋଜନ କରୁଛନ୍ତି। ଏଥିରେ କେତେ ଖର୍ଚ୍ଚ ହୋଇଛି, କେତେ ପୁଞ୍ଜି ନିବେଶ ହୋଇଛି ଏବଂ କେଉଁ କେଉଁ ପୁଞ୍ଜିନିବେଶକାରୀଙ୍କୁ ଭେଟିଛନ୍ତି ତାହାର ବିବରଣୀ ସହ ରାଜ୍ୟ ସରକାର ଶ୍ୱେତପତ୍ର ଜାରି କରନ୍ତୁ। ରାଜ୍ୟ ରାଜକୋଷର ଟଙ୍କାକୁ 'ଅୟସ ଆରାମ' କରିବାରେ ରାଜ୍ୟ ସରକାରଙ୍କ କୌଣସି ଅଧିକାର ନାହିଁ ବୋଲି ଯତୀନ କହିଛନ୍ତି।

କଂଗ୍ରେସରେ ଯୋଗଦେଲେ ୪ ପୂର୍ବତନ ପ୍ରଶାସନିକ ଅଧିକାରୀ

ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ୪ ପ୍ରଶାସନିକ ଅଧିକାରୀ।

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଚାରିଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ପୂର୍ବତନ ଆଇଏଏସ୍ ଅଫିସର ଏବଂ ୨ ଜଣ ପୂର୍ବତନ ଓଏଏସ୍ ଅଫିସର ଅଛନ୍ତି। କଂଗ୍ରେସରେ ସାମିଲ ହୋଇଥିବା ଏହି ପୂର୍ବତନ ପ୍ରଶାସନିକ ଅଧିକାରୀମାନେ ହେଉଛନ୍ତି- ପୂର୍ବତନ ଆଇଏଏସ୍ ଅଫିସର ପଞ୍ଚାନନ ଦାସ ଓ ବିଶ୍ୱନାଥ ଆଚାର୍ଯ୍ୟ ଏବଂ ପୂର୍ବତନ ଓଏଏସ୍ ଅଫିସର ରବୀନ୍ଦ୍ର ନାଥ ମିଶ୍ର ଓ ଉଦ୍ଧବ କର। ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଓ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ଏହି ୪ ପୂର୍ବତନ ଅଫିସର ଦଳରେ ଯୋଗ ଦେଇଛନ୍ତି। ସେ କହିଥିଲେ ଯେ, ଦଳ ପାଇଁ ନିଃସ୍ୱାର୍ଥପର ଭାବେ କାମ କରିବେ। କଂଗ୍ରେସ ହେଉଛି ଏକମାତ୍ର ଦଳ ଯାହା ଦେଶର ଭବିଷ୍ୟତ। କଂଗ୍ରେସ ହିଁ ଏକମାତ୍ର ଦଳ ଯାହା ସୁଶାସନ ଦେଇପାରିବ। ଓଡ଼ିଶା କେତେ ତଳକୁ ଖସିଗଲାଣି ତାହା ଦେଖିବା କଥା। ଭଲ ସୂଚକାଙ୍କରେ ରାଜ୍ୟ ତଳେ ଥିବା ବେଳେ ଖରାପ ସୂଚକାଙ୍କରେ ରାଜ୍ୟ ଉପରେ ରହିଛି। ରାଜ୍ୟରେ ଅପରାଧ ବଢିଛି। ଦଳ ତାଙ୍କୁ କାମ କରିବାର ସୁଯୋଗ ଦେଉ। ଯୁବପିଢ଼ିକୁ ସଶକ୍ତ କରିବା ଦିଗରେ ସେ କାର୍ଯ୍ୟ କରିବେ। ସେ ବିଧାୟକ ବା ଏମ୍‌ପି ହେବାକୁ ଟିକେଟ ମାଗିବେନି କି ମନ୍ତ୍ରୀ ହେବାକୁ କହିବେ ନାହିଁ। ଲୋକ ଏବଂ ଦଳ ପାଇଁ ସେ କାର୍ଯ୍ୟ କରିବାକୁ ଆସିଥିବା କହିଛନ୍ତି। ବିଶ୍ୱନାଥ ଆଚାର୍ଯ୍ୟ କହିଛନ୍ତି, କଂଗ୍ରେସରେ ଯୋଗ ଦେଇଥିବାରୁ ସେ ଖୁସି ଅଛନ୍ତି। ଏଥିପାଇଁ ସେ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି। ଏବେ ସମାଜରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି। ବର୍ତ୍ତମାନ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସମ୍ଭବ ନୁହେଁ। ତେବେ କଂଗ୍ରେସ ସେହି ପରିବର୍ତ୍ତନ ଆଣିପାରିବ। ସେ ସେହି ଆଶା ନେଇ କଂଗ୍ରେସକୁ ଆସିଛନ୍ତି। ଦଳକୁ ମଜଭୁତ କରିବାରେ ସାହାଯ୍ୟ କରିବେ। ତାଙ୍କର ଦକ୍ଷତା ଓ ଶକ୍ତି ଅନୁସାରେ ଦଳ ପାଇଁ ଯାହା ଆବଶ୍ୟକ ହେବ, ତାହା କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ପିସିସି ସଭାପତି କହିଛନ୍ତି ଯେ, କଂଗ୍ରେସ ପୁରାତନ ସର୍ବବୃହତ ରାଜନୈତିକ ଦଳ। କଂଗ୍ରେସ ସର୍ବଦା ସମାଜର ନିମ୍ନସ୍ତରରେ ଥିବା ଲୋକଙ୍କ ପାଇଁ କାର୍ଯ୍ୟ କରିଆସୁଛି। ରାଜ୍ୟ ସରକାର ୨୩ ବର୍ଷ ଧରି ପ୍ରତିଶ୍ରୁତି ଦେଇ କେବଳ ଧୂଆଁବାଣ କରିଚାଲିଛନ୍ତି। ଏଭଳି କୁଶାସନ ବିରୋଧରେ ଆଗାମୀ ୨୦୨୪ରେ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଜେଡି ଅମଳରେ ପ୍ରଗତି ସ୍ଥାଣୁ ପାଲଟିଛି: ଚେଲା କୁମାର। ଏ ସରକାର ସମୟରେ ଚୋରି, ଡକାୟତି, ନାରୀ ନିର୍ଯାତନା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଏହି ଯୋଗଦାନ ଦଳକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଛନ୍ତି, ସମସ୍ତଙ୍କୁ ଦଳରେ କାମ କରିବାର ଅପୂର୍ବ ସୁଯୋଗ ରହିଛି। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭାବ ଓ ଅସୁବିଧାକୁ ଭଲଭାବେ ଜାଣନ୍ତି। ଏମାନଙ୍କ ପାଖରେ କାର୍ଯ୍ୟକରିବାର ବହୁ ଅଭିଜ୍ଞତା ଅଛି। ସମର୍ପିତ ହୋଇ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଛନ୍ତି।

ବିଜେଡି ପାଇଁ ଅଡୁଆ ହୋଇପାରେ ପ୍ରଦୀପ ସେନା

ଗୋପାଳପୁର ନିର୍ବାଚନମଣ୍ଡଳୀ

ବ୍ରହ୍ମପୁର୍୨୩।୭(ନରସିଂହ ସାହୁ)

ଆଗାମୀ ସାଧାରଣ ନିର୍ବାଚନ ଲାଗି ରାଜନୈତିକ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରୁଛନ୍ତି। ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ଶାସକ ବିଜେଡି ଫୋକସ କରିଛି। ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଲଗାତର ଭାବେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିବାରୁ ୪ର୍ଥଥର ଏହାକୁ ଦଖଲ କରିବାକୁ ଦଳ ରଣନୀତି ପ୍ରସ୍ତୁତିକୁ ଜୋରଦାର କରିଛି। ଅନ୍ୟପକ୍ଷରେ ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଅଢ଼େଇ ବର୍ଷ ତଳୁ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ତାଙ୍କ ସମର୍ଥକମାନେ ପ୍ରଦୀପ ସେନା ନାଁରେ ସ୍ୱତନ୍ତ୍ର ସଙ୍ଗଠନ ଗଠନ କରିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ଯଦି ପ୍ରଦୀପ କୌଣସି ଦଳରୁ ବା ସ୍ୱାଧୀନ ଭାବେ ଲଢ଼ିବେ ତେବେ ବିଜେଡିକୁ ଅଡୁଆ ହୋଇପାରନ୍ତି ବୋଲି ରାଜନୀତି ବିଶ୍ଳେଷକ ମତ ରଖିଛନ୍ତି।

ତେବେ ଗୋପାଳପୁରରୁ କିଏ ବିଜେଡି ପ୍ରାର୍ଥୀ ହେବେ ତାହା ଅସ୍ପଷ୍ଟ ରହିଛି। ତଥାପି ଦଳ ପକ୍ଷରୁ ଘନଘନ ସାଙ୍ଗଠନିକ ସମାବେଶ କରାଯାଉଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହାଙ୍କୁ ପ୍ରାର୍ଥୀ କରିବେ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି। ମିଶନ ଶକ୍ତିର ମହିଳାମାନଙ୍କୁ ବିଜେଡି ଅଧିକ ଗୁରୁତ୍ୱ ଦେଇଛି। ବିଭିନ୍ନ ସ୍ଥାନରେ ଏସଏଚଜି ସଦସ୍ୟାମାନଙ୍କୁ ଯଥେଷ୍ଟ ସୁବିଧା ସୁଯୋଗ ଦିଆଯାଉଛି। ଇତିମଧ୍ୟରେ ମିଶନ ଶକ୍ତି ବିଭାଗ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଗସ୍ତରେ ଆସି ସଂଗଠିତ କରାଇଛନ୍ତି। ବିଧାନସଭା କ୍ଷେତ୍ରର ସାଙ୍ଗଠନିକ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କୁ ନ୍ୟସ୍ତ କରାଯାଇଛି। ସେ ମଧ୍ୟ ପ୍ରତି ମାସର ଅର୍ଦ୍ଧେକ ସମୟ ରଙ୍ଗେଇଲୁଣ୍ଡା ବ୍ଲକ, ଗୋପାଳପୁର ସହରାଞ୍ଚଳ ଏବଂ ମହାନଗରରେ ଥିବା ୬ଟି ୱାର୍ଡରେ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ମଧ୍ୟ ବୁଲୁଛନ୍ତି।

ରାଜ୍ୟସଭା ସଦସ୍ୟ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ କରାଯାଇଛି। ସେ ଆସି ଗୋପାଳପୁରକୁ ପ୍ରାଧାନ୍ୟ ଦେଇଛନ୍ତି। ୨୦୧୯ ନିର୍ବାଚନରେ ଗୋପାଳପୁରରେ ବିଜେଡି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ବିଭୂତି ଜେନାଙ୍କଠାରୁ ମାତ୍ର ୨୬୦୦ ଅଧିକ ଭୋଟ ପାଇ ଜିତିଥିଲେ। ଭାଜପା ପକ୍ଷରୁ ମଧ୍ୟ ସଂଗଠନ ସୁଦୃଢ଼ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ଆସି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ପ୍ରଚାର କରୁଛନ୍ତି। ବର୍ତ୍ତମାନର ସ୍ୱାଧୀନ ବିଧାୟକ ପ୍ରଦୀପ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜସ୍ୱ ସଂଗଠନକୁ ବିସ୍ତାର କରୁଛନ୍ତି। ଏଭଳି ସ୍ଥିତିରେ ଯିଏ ବିଜେଡି ପ୍ରାର୍ଥୀ ହେବେ, ତାଙ୍କୁ କଠିନ ମୁକାବିଲାର ସାମ୍ନା କରିବାକୁ ପଡ଼ିବ ବୋଲି ଆଲୋଚନା ଚାଲିଛି। ସେହିପରି ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ମଧ୍ୟ ଅସ୍ପଷ୍ଟ ରହିଛି।

Business

ଟାଇଗର ଟିଏମ୍‌ଟି ରିବାରକୁ ସରକାରଙ୍କ ସ୍ୱୀକୃତି

ଭୁବନେଶ୍ୱର,୨୩।୭

ଶ୍ୟାମ ମେଟାଲିକ୍ସର ପ୍ରମୁଖ ଉତ୍ପାଦ ସେଲ ଟାଇଗର ଟିଏମ୍‌ଟି ରିବାରକୁ ନିକଟରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏପରିକି ଏହାର ଉଚ୍ଚମାନର ଉତ୍ପାଦ ସାଙ୍କୁ ବୃହତ୍ ବିତରଣ ଏବଂ ନିର୍ମାଣ ଓ ଭିତ୍ତିଭୂମି ବିକାଶ ମାଧ୍ୟମରେ ରାଜ୍ୟର ଅଭିବୃଦ୍ଧି କରାଇବା ଦିଗରେ ଶ୍ୟାମ ମେଟାଲିକ୍ସର ପ୍ରତିବଦ୍ଧତାକୁ ମାନ୍ୟତା ଦିଆଯାଇଛି। ଅପରପକ୍ଷରେ ସେଲ ଟାଇଗରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍ୱୀକୃତି ଆମ ଉତ୍ପାଦର ଗୁଣବତ୍ତାର ଏକ ପ୍ରମାଣ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷ କରି ଉନ୍ନତ ତନ୍ୟତା ଶକ୍ତି ଏବଂ ବିସ୍ତାରତା ପ୍ରଦର୍ଶିତ କରୁଥିବା ୮ ମିମିରୁ ୩୨ମିମି ପର୍ଯ୍ୟନ୍ତ ପରିସରର ଏଫଇ ୫୫୦ଡି ଗ୍ରେଡ ସହିତ ଭଲ ଭାବେ ଜ୍ଞାତ ଏହାର ଅବିକଳ ଉତ୍କୃଷ୍ଟତା ପାଇଁ ଅଟଳ ଉତ୍ସର୍ଗୀକୃତ ରହିଥାଏ। ସେଲ ଟାଇଗର ଓଡ଼ିଶାର ଭିତ୍ତିଭୂମି ବିକାଶରେ ଏକ ପ୍ରମୁଖ ମାଇଲଖୁଣ୍ଟ ଚିହ୍ନିତ କରିଛି, ଏପରିକି ଅତ୍ୟାବଶ୍ୟକ ପ୍ରକଳ୍ପ ଏବଂ ବିକାଶ ଦ୍ୱାରା ବହୁସଂଖ୍ୟକ କ୍ଷେତ୍ର ଉପକୃତ ହୋଇପାରିବ।

ଏ ସମ୍ପର୍କରେ ଶ୍ୟାମ ମେଟାଲିକ୍ସର ବରିଷ୍ଠ ଭିପି (ବିକ୍ରି ଏବଂ ବିପଣନ) ଅନୀଶ ମିଶ୍ର କହିଥିଲେ, ସେଲ ଟାଇଗର ପାଇଁ ଓଡିଶା ସରକାରଙ୍କ ସ୍ୱୀକୃତି କମ୍ପାନୀ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନକୁ ଆମେ ବେଶ୍ ପ୍ରଶଂସା କରୁଛୁ। ଏପରିକି ଆମର ଉତ୍ପାଦ ଅସାଧାରଣ ଗୁଣାତ୍ମକତାର ପ୍ରମାଣ ଭାବେ ବିବେଚନା କରୁଛି। କମ୍ପାନୀର ବିସ୍ତାରିତ ପହଞ୍ଚ ଏବଂ ରାଜ୍ୟ ସରକାରଙ୍କ ସିଭିଲ କାର୍ଯ୍ୟରେ ସମ୍ପୃକ୍ତି ପ୍ରତିଯୋଗିତାମୂଳକ ମୂଲ୍ୟରେ ସର୍ବଶ୍ରେଷ୍ଠ ସମାଧାନ ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ଦର୍ଶାଏ ବୋଲି ମିଶ୍ର ମତପ୍ରକାଶ କରିଛନ୍ତି। ସେହିଭଳି ସ୍ଥାୟୀ ବିକାଶ ହାସଲ କରିବା ଏବଂ ଓଡିଶାରେ ବଢୁଥିବା ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ହିତାଧିକାରୀ, ଅଂଶୀଦାର ଏବଂ ସରକାରୀ ସଂସ୍ଥା ସହ ଆମେ ସହଯୋଗ କରିବାକୁ ଆଶା କରୁଛୁ। ସେହିପରି ରାଜ୍ୟ ସରକାରଙ୍କ ସିଭିଲ କାର୍ଯ୍ୟର ବିସ୍ତାରିତ ଏବଂ ବ୍ୟାପକ ପରିସର ପାଇଁ ଅନୁମୋଦିତ ସ୍ୱୀକୃତି ପଥ ପରିଷ୍କାର କରିବ।

ବେଦାନ୍ତ ଆଲୁମିନିୟମର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୩।୭ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଅଭିଯାନ 'ଆର୍ଟଶାଲା'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡା ପକ୍ଷରୁ ଉକ୍ତ ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାମାଞ୍ଚଳସ୍ତରରେ ଶିକ୍ଷାର ବାତାବରଣ ପରିବର୍ତ୍ତନ ସହ ଆର୍ଟଶାଲା ଜରିଆରେ ଏକ ନିଆରା ସଚେତନତା ଉଭୟ କମ୍ପାନୀର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିଚାଳିତ କରାଯାଉଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ଝାରସୁଗୁଡାର ପୂର୍ଣ୍ଣା ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଠାରେ କମ୍ପାନୀର କର୍ମଚାରୀ ଓ

ନିୟନ୍ତ୍ରଣ ବାହାରେ ପୁଷ୍ଟିହୀନତା

■ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
■ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଯାଜପୁର,୨୩।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ନଗଡ଼ାରେ ପୁଷ୍ଟିହୀନତାର ଶିକାର ହୋଇ ଶିଶୁମୃତ୍ୟୁ ଘଟଣାର ୭ ବର୍ଷ ପରେ ବି ପ୍ରଶାସନର ଚେତା ପଶିନି। ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ନଂ.୧୨୯୬୬/୨୦୨୩)ର ଶୁଣାଣି ଉପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ୮।୬।୨୦୨୩ରେ ହୋଇଥିବା ବୈଠକର ବିବରଣୀରୁ ଏହା ସ୍ପଷ୍ଟ ହୋଇଛି। ଉକ୍ତ ବୈଠକରେ ୨୦୨୩ ଶେଷ ସୁଦ୍ଧା ଅତିଶୟ ପୁଷ୍ଟିହୀନତା ବା ସିଭିୟର ଆକ୍ୟୁଟ ମାଲନ୍ୟୁଟ୍ରିଶନ(ଏସ୍‌ଏଏମ୍) ଆକ୍ରାନ୍ତ ଶିଶୁସଂଖ୍ୟା ଶୂନ୍ୟକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲକୁ ଯାଉଥିବା କମ୍ବା ଯାଉ ନ ଥିବା ଶିଶୁମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ସମସ୍ତ ଜିଲାପାଳଙ୍କୁ କୁହାଯାଇଛି। ରାଜ୍ୟରେ ପୁଷ୍ଟିହୀନତା ଦୂର ଦିଗରେ ବ୍ୟାପକ ଅଭିଯାନ ଆରମ୍ଭ କରିବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ କଲ୍ୟାଣକାରୀ ସୁବିଧା ସହଜରେ ପହଞ୍ଚିବା ପାଇଁ ବୈଠକରେ ଉପସ୍ଥିତ ଥିବା ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲାର ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ଏବଂ ଦାନଗଦି ବ୍ଲକ ଅଞ୍ଚଳରେ ପୁଷ୍ଟିହୀନତାର ଶିକାର ବହୁ ଶିଶୁ ରହିଛନ୍ତି। ୧୪।୭।୨୦୨୩ରେ ଶିଶୁ ଓ ମହିଳା କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଟାଟା କଲୋନୀ ଅଙ୍ଗନୱାଡି କେନ୍ଦ୍ରରୁ ୩ ଜଣ ଅତିଶୟ ପୁଷ୍ଟିହୀନତା ଆକ୍ରାନ୍ତ ଶିଶୁଙ୍କୁ ଉଦ୍ଧାର କରି ପୁଷ୍ଟି ସାଧନ କେନ୍ଦ୍ରରେ ଭର୍ତ୍ତି କରିଥିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ତେବେ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ସ୍ୱରୂପ ଯୋଗାଇ ଦିଆଯାଉଥିବା ଛତୁଆ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଯାଜପୁର ଜିଲାରେ ୧୬ଟି ଗୋଷ୍ଠୀ ଜରିଆରେ ବର୍ଷକୁ ପ୍ରାୟ ୧୭ କୋଟି ଟଙ୍କା ଛତୁଆ ବାବଦରେ ଖର୍ଚ୍ଚ ହେଉଛି। ହେଲେ ଛତୁଆ ତିଆରି କରୁଥିବା କେତେକ ଗୋଷ୍ଠୀ ଏହାକୁ ବ୍ୟବସାୟରେ ପରିଣତ କରି ଲାଭ ଜଗିବାରେ ବ୍ୟସ୍ତ ରହୁଛନ୍ତି। ଫଳରେ ସରକାରଙ୍କ ପୁଷ୍ଟିହୀନତା ସଂଖ୍ୟା ହ୍ରାସ କରିବାର ଲକ୍ଷ୍ୟ ପରାହତ ହେଉଥିବା ମତପ୍ରକାଶ ପାଇଛି।

ସୂଚନାଥାଉକି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରିଥିବା ସାମାଜିକ କର୍ମୀ ମଣ୍ଟୁ ଦାସ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ଦାନଗଦି ବ୍ଲକ କିଆଝର, ରଣାଗୁଣ୍ଡି, ଶାଳିଜଙ୍ଗା, ନଡିଆଝର, ତ୍ରିଜଙ୍ଗା ପ୍ରଭୃତି ଅଞ୍ଚଳରେ ୫୦ରୁ ୬୦ ଜଣ ପୁଷ୍ଟିହୀନତାରେ ଆକ୍ରାନ୍ତ ଶିଶୁ ରହିଛନ୍ତି। ତେବେ ସେ ୧୪ ଜଣଙ୍କ ନାମ ଉଲ୍ଲେଖ କରିଥିଲେ। ଏହାପରେ ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିହିତ ପଦକ୍ଷେପ ଗ୍ରହଣ କରି ପୁଷ୍ଟିହୀନତା ଆକ୍ରାନ୍ତ ସଂଖ୍ୟା ହ୍ରାସ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ହୋଇଥିବା ପ୍ରଶାସନିକ ବୈଠକରେ ଆହୁରି ନିଷ୍ପତ୍ତି ହୋଇଛି ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶାରୀରିକ ଅକ୍ଷମତା କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟରେ ପଢି ପାରୁ ନ ଥିବା ସମସ୍ତ ପିଲାଙ୍କୁ ଶୁଖିଲା ରାଶନ ଏବଂ ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆଯିବ। ବିଦ୍ୟାଳୟ କର୍ତ୍ତୃପକ୍ଷ ପଞ୍ଜୀକୃତ ହୋଇ ନ ଥିବା ପିଲାମାନଙ୍କ ଗୃହକୁ ନିୟମିତ ପରିଦର୍ଶନ କରିବେ। ଏହାସହ ସ୍କୁଲ ଖୋଲିବାର ପ୍ରଥମ ୭ଦିନ ସମସ୍ତ ଘରକୁ ଘର ବୁଲି ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରିବେ। ଯେପରି କୌଣସି ପିଲା ଶିକ୍ଷାରୁ ବଞ୍ଚିତ ହେବେ ନାହିଁ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ। ଖାଦ୍ୟ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା ଯେ, କୌଣସି ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେପରି ବଞ୍ଚିତ ରହିବେ ନାହିଁ। ଯଦି କାହାର ଆଧାର କାର୍ଡ ନାହିଁ, ସେମାନଙ୍କୁ ୩ ମାସ ପର୍ଯ୍ୟନ୍ତ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ଏବଂ ଏହି ସମୟ ମଧ୍ୟରେ ସେମାନଙ୍କ ଆଧାର କାର୍ଡ କରିବାକୁ ବ୍ୟବସ୍ଥା କରାଯିବ। ଏଥିପାଇଁ ବ୍ଲକସ୍ତରରେ ୪ରୁ ୫ଜଣ ଅଧିକାରୀ ଦାୟିତ୍ୱରେ ରହିବେ। ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା ଯେ, ଅତିଶୟ ପୁଷ୍ଟିହୀନତାରେ ଆକ୍ରାନ୍ତ ଶିଶୁମାନଙ୍କୁ ଚିହ୍ନଟ କରିବାକୁ ଏକ ଅଭିଯାନ ଆରମ୍ଭ ହେବ। ପୁଷ୍ଟିହୀନତା ଚିହ୍ନଟ ଶିଶୁଙ୍କୁ ଆବଶ୍ୟକସ୍ଥଳେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଅନୁରୂପ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ଆଦି ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଜଲାପାଳ ହେଉଛନ୍ତି ଜଲାର ଅଭିଭାବକ ଏବଂ ସେମାନଙ୍କ ଦାୟିତ୍ୱ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଯେଉଁ ଶିଶୁମାନେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସାମିଲ ହୋଇନାହାନ୍ତି, ସେନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଜିଲାପାଳମାନଙ୍କୁ ୧୭ ଦଫା ନିଷ୍ପତ୍ତି ଉପରେ ଅନୁପାଳନ କରି ପୁଷ୍ଟିହୀନତା ଆକ୍ରାନ୍ତ ଶିଶୁସଂଖ୍ୟା ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ମୁଖ୍ୟ ଶାସନ ସଚିବ ମତବ୍ୟକ୍ତ କରିଥିଲେ।

ପୁଷ୍ଟିହୀନତା ଶିଶୁ।

ଡେରାବିଶ ମାଟିକୁ ଗର୍ବିତ କଲେ ସ୍ମୃତିରେଖା

ଅନ୍ତର୍ଜାତୀୟ ଯୋଗ ଚାମ୍ପିୟନ, ଜାତୀୟ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ

ଡେରାବିଶ, ୨୩।୭
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଓ କେନ୍ଦ୍ରାପଡ଼ା ଜିଲାକୁ ପୁଣିଥରେ ସଂସ୍କୃତି ଓ ଯୋଗ ପ୍ରତିଯୋଗିତାରେ ବ୍ଲକ ଅଧୀନସ୍ଥ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗାଁର ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିରେଖା ପାଣି(୧୫) ଗୌରବ ଆଣିଛନ୍ତି। ସ୍ଥାନୀୟ ଭଗବତୀ ସରକାରୀ ଉଚ୍ଚ ନୋଡାଲ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା କେନ୍ଦ୍ରାପଡ଼ା ଯୋଗ ବେଦାନ୍ତ କେନ୍ଦ୍ରରେ ଯୋଗାଭ୍ୟାସ କରୁଥିବାବେଳେ କୋଲକାତାରେ ରବିବାର ଅନୁଷ୍ଠିତ ହୋଇଥିବା ନବମ ଅନ୍ତର୍ଜାତୀୟ ଯୋଗ ମହୋତ୍ସବରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ସାଇ କାପ୍ରା ଫ୍ରେଣ୍ଡସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ମହୋତ୍ସବରେ ସ୍ମୃତିରେଖାଙ୍କୁ ରବିବାର ସମ୍ମାନିତ କରାଯାଇଛି। ତେବେ ମେ ୨୩ରେ ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ନବମ ସର୍ବଭାରତୀୟ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ମହୋତ୍ସବରେ ଭାଗନେଇ ସ୍ମୃତିରେଖା ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ। ସେହିପରି କୋଲକାତାରେ ଜୁନ ୨୭ରେ ଅନୁଷ୍ଠିତ ଜାତୀୟ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ସ୍ମୃତିରେଖା କୃତିତ୍ୱ ଅର୍ଜନ କରି ଡେରାବିଶ ବ୍ଲକ ଓ କେନ୍ଦ୍ରାପଡା ଜିଲାକୁ ଗର୍ବିତ କରିଛନ୍ତି। ରୟାଲ ଡ୍ୟାନ୍ସ ଗ୍ରୁପର ଛାତ୍ରୀ ଭାବେ ଉଭୟ ଅହମ୍ମଦାବାଦ ଓ କୋଲକାତାରେ ସ୍ମୃତିରେଖା ଭାଗ ନେଇଥିଲେ। ତେବେ ଏହି ଖବର ଜଣାପଡ଼ିବା ପରେ ସ୍ମୃତିରେଖାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି। ବାପା କୈଳାସ ଚନ୍ଦ୍ର ପାଣି, ମାଆ ପ୍ରଜ୍ଞା ପ୍ରାରମ୍ଭିକା, ଅଜା ନିରଞ୍ଜନ ଦାଶ ଓ ଆଈ ଗୀତାଞ୍ଜଳି ନିଜର ପ୍ରତିକ୍ରିୟାରେ ସ୍ମୃତିରେଖା ଜଣେ ଭଲ ଛାତ୍ରୀ ବୋଲି କହିଛନ୍ତି। ନୃତ୍ୟ ଓ ଯୋଗାଭ୍ୟାସ ପ୍ରତି ଥିବା ରୁଚି ପାଇଁ ପରିବାର ପକ୍ଷରୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି।

ସ୍ମୃତିରେଖା ପାଣି

୮ ନଂ. ଏ (୧) କେନାଲ ବନ୍ଧ ଭାଙ୍ଗିଲା

ଡେରାବିଶ ୨୩। ୭ (ବେବର୍ତ୍ତା ଅଜୟ ଦାସ)

ଜଳସମ୍ପଦ ବିଭାଗକୁ ଦାୟୀ କଲେ ଚାଷୀ

କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଛତା ଉପଖଣ୍ଡ ଅଧୀନ ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ବେଲାରପୁର ନିକଟରେ ରବିବାର ସନ୍ଧ୍ୟାରେ ୮ ନଂ. ଏ(୧) କେନାଲ ବନ୍ଧ ଭାଙ୍ଗି ଯାଇଛି। ବର୍ଷାର ଲୁଚକାଳି ଖେଳ ଚଳିତ ଖରିଫ ଚାଷ ପାଇଁ ଚାଷଜମିରେ ପାଣିର ଆବଶ୍ୟକତା ଥିବା ବେଳେ ଚଳିତ ସପ୍ତାହରେ ପ୍ରତ୍ୟେକ କେନାଲକୁ ସଫା କରାଯାଇ ପାଣି ଛଡ଼ା ଯାଇଥିଲା। ମାତ୍ର ସନ୍ଧ୍ୟାରେ କେନାଲ ବନ୍ଧରେ ୧୫ ଫୁଟର ଘାଇ ହେବା ଯୋଗୁ ବିହନ ବୁଣିବା ପାଇଁ ପାଣିକୁ ଅପେକ୍ଷା କରିଥିବା ଚାଷୀ ନିରାଶ ହୋଇଛନ୍ତି। ତେବେ ବେଲାରପୁର ଅଞ୍ଚଳର ଅଗ୍ରଣୀ ଚାଷୀ ଦିଗମ୍ବର ମିଶ୍ର କହିଛନ୍ତି, ଜଳସମ୍ପଦ ବିଭାଗର ଅପାରଗତା ପାଇଁ ଏଭଳି ସମସ୍ୟା ଦେଖାଦେଇଛି। ପୂର୍ବରୁ କେନାଲ୍ ସଫା କରିବା ଓ କେନାଲରେ ପାଣି ଛାଡ଼ିବା ନେଇ ବିଭାଗ ପକ୍ଷରୁ ବିଳମ୍ବ ହେଉଥିବା ବେଳେ ରବିବାର କେନାଲ ବନ୍ଧ ଭାଙ୍ଗିବା ବିଭାଗର ଅପାରଗତାକୁ ପଦାରେ ପକାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଭାଙ୍ଗି ଯାଇଥିବା କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରଯିବ ବୋଲି ସେ କହିଛନ୍ତି।

ଯାଜପୁରରୋଡ୍ ଷ୍ଟେଶନ ସମ୍ମୁଖ ଅନ୍ଧାର

ଜଳୁନାହିଁ ହାଇମାଷ୍ଟ୍ ଲାଇଟ, ଯାତ୍ରୀ ଅସୁରକ୍ଷିତ

ଯାଜପୁରରୋଡ୍,୨୩।୭(ପବିତ୍ର ମହାନ୍ତି):

ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ଯାଜପୁର ଜିଲା ତଥା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ ପ୍ରମୁଖ ଷ୍ଟେଶନ। ଏହିରେଳ ଷ୍ଟେଶନରୁ ଦୈନିକ ଶତାଧିକ ଯାତ୍ରୀ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିଥାଆନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣି ଉପତ୍ୟକାକୁ ରାଜ୍ୟ ତଥା ରାଜ୍ୟବାହାରୁ ବିଭିନ୍ନ ବ୍ୟବସାୟିକ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଆସୁଥିବା ଯାତ୍ରୀମାନେ ଏହି ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ହେଲେ ଉକ୍ତ ଷ୍ଟେଶନରୁ ରେଲ୍‌ୱେ ଆଶାଠାରୁ ଢେର ଅଧିକ ରାଜସ୍ୱ ପାଉଥିଲେ ମଧ୍ୟ ଯାତ୍ରୀଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହିଁ। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଷ୍ଟେଶନ ସମ୍ମୁଖ ରାସ୍ତାରେ।

ଷ୍ଟେଶନ ସମ୍ମୁଖ ରାସ୍ତାକୁ ଆଲୋକୀତ କରିବା ପାଇଁ ଏକ ହାଇମାଷ୍ଟ ଲାଇଟ ଲଗାଯାଇଛି। ମାତ୍ର ଗତ କିଛି ଦିନହେବ ଏହି ଲାଇଟ ଜଳୁନାହିଁ। ଫଳରେ ଷ୍ଟେଶନ ସମ୍ମୁଖ ବଜାର ଅନ୍ଧାର ହୋଇପଡ଼ିଛି। ଅନ୍ଧାର ଯୋଗୁ ରାତ୍ରି ସମୟରେ ଟ୍ରେନରେ ଯିବାକୁ ଥିବା ଓ ଟ୍ରେନରୁ ଓହ୍ଲାଇ ନିଜ ଗନ୍ତବ୍ୟସ୍ଥଳକୁ ପରିବାର ଧରିଯିବାକୁ ଯାତ୍ରୀମାନେ ସୁରକ୍ଷିତ ମଣୁନାହାନ୍ତି। ଅନେକ ସମୟରେ ଷ୍ଟେଶନ ବାହାରକୁ ଆସୁଥିବା ଯାତ୍ରୀମାନେ ଅନ୍ଧାର ଯୋଗୁ ଉକ୍ତ ରାସ୍ତା ପାର ହେବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏବେ ବର୍ଷା ଦିନ ଥିବାରୁ ବିପଦ ଦୁଇଗୁଣ ଦେଖାଦେଇଛି। ରାତ୍ର ସମୟରେ ଏହି ଷ୍ଟେଶନ ବଜାରରେ ମଦ୍ୟପ, ଅସାମାଜିକ ଯୁବକ ଓ ପକେଟ ମାରଙ୍କ ଦୌରାତ୍ମ୍ୟ ବୃଦ୍ଧିପାଉଛି। ଏଥିପ୍ରତି ରେଳ ସୁରକ୍ଷାବଳ କିମ୍ବା ଜିଆରପି କାହାର ନିଘାନାହିଁ। ଏନେଇ ରେଲୱେର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପିନାକି ହିନ୍ଦୟାରଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ଅବଗତ ନାହାନ୍ତି, ଯଦି ସେପରି ହୋଇଥାଏ ତେବେ ଖୁବ୍‌ଶୀଘ୍ର ଠିକ୍ କରାଯିବ ବୋଲି କହିଛନ୍ତି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରେଲ୍‌ୱେ କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ପାଣି ଅଭାବ, ଚାଷ କାର୍ଯ୍ୟ ବାଧାପ୍ରାପ୍ତ

କେନାଲ ଶୁଖିଲା ପଡ଼ିଛି।

କାଏମା,୨୩।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତରେ ପାଣି ଅଭାବ ଯୋଗୁ ଚାଷକାର୍ଯ୍ୟ। ବାଧାପ୍ରାପ୍ତ ହୋଇଛି। ବ୍ଲକ ଅଞ୍ଚଳରେ ଅନେକ ଚାଷ ଜମି ପଡ଼ିଆ ପଡ଼ିଥିବା ଚିତ୍ର ସାମ୍ନାକୁ ଆସିଛି। ଅଞ୍ଚଳରେ ଲଗାଣ ବର୍ଷା କୌଣସି ଦିନ ହୋଇନାହିଁ। ଲଘୁଚାପଜନିତ ବର୍ଷାରେ ଖାଲୁଆ ଜମିରେ ପାଣି ରହିବାରୁ କିଛି ଚାଷୀ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଯେଉଁମାନେ ଧାନ ତଳି ପକାଇଥିଲେ ପାଣି ଅଭାବରୁ ସେଗୁଡିକ ଜଳିଯିବାକୁ ବସିଲାଣି। ବଡ଼ କାଏମା ପଞ୍ଚାୟତ ଅରଖିପଦା କିଛିଚାଷୀ ବର୍ଷାକୁ ଅପେକ୍ଷା ନ କରି ମୋଟର ସହାୟତାରେ ପାଣି ମଡ଼ାଇ ଧାନ ତଳି ପକାଇଛନ୍ତି। ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚାଷ କାମରେ ବିଳମ୍ବ ସହ ଗଜା ମରୁଡ଼ି ଏଡାଇବା ଲାଗି ଏଭଳି ବିକଳ୍ପ ପନ୍ଥା ଆପଣାଇଥିବା ଚାଷୀ ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ କୁମାର ବିଶ୍ୱାଳ କହିଛନ୍ତି। ବ୍ଲକରେ ଚାଷଜମିଗୁଡ଼ିକ କେନାଲ ଦ୍ୱାରା ଜଳ ସେଚିତ ହୋଇଥାଏ। ଜଳ ସମ୍ପଦ ବିଭାଗ ପକ୍ଷରୁ କେନାଲକୁ କେବଳ ସଫା କରି ରଖାଯାଇଛି। କିନ୍ତୁ କେନାଲରେ ପାଣି ଏବେ ଯାଏ ଆସିନାହିଁ। ଫଳରେ କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ ଏବେ ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧିକାରୀ ଚକ୍ରଧର ଜେନା କହିଛନ୍ତି, ଆସନ୍ତା ୨୫ ତାରିଖରେ କେନାଲରେ ପାଣି ଛଡ଼ାଯିବ। କେନାଲ ବନ୍ଧ ମରାମତି କାର୍ଯ୍ୟ ଚାଲୁଥିବାରୁ ଏବେ ଯାଏ ପାଣି ଛଡ଼ା ଯାଇପାରିନାହିଁ।

ପରିବହନବେଳେ ସିମେଣ୍ଟ ଚୋରି

୩୭୧ ବସ୍ତା ଜବତ

କଳିଙ୍ଗନଗର,୨୩।୭(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳର ନୁଭୋକୋ ସିମେଣ୍ଟ କାରଖାନାରୁ ସିମେଣ୍ଟ ପରିବହନବେଳେ ଗାଡ଼ି ଚାଳକ ସିମେଣ୍ଟକୁ ଅଧାବାଟରେ ବିକ୍ରି କରି ଦେଇଥିଲେ। ଯଖପୁରା ପୋଲିସ ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଛକ, ଗଡ଼ମଧୁପୁର ଓ ଭୁବନପୁର ଅଞ୍ଚଳରେ ଚଢ଼ାଉ କରି ୩୭୧ ବସ୍ତା ସିମେଣ୍ଟ ଜବତ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଟ୍ରକ୍ ଚାଳକ ବାଇବେଲ ରଣା ଓରଫ ଜୁଲୁ ଓରଫ କୁନା ବେହେରା ଫେରାର ହୋଇଯାଇଛନ୍ତି। ସିମେଣ୍ଟ କିଣିଥିବା ୬ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସିମେଣ୍ଟ ବିକ୍ରିରେ ମଧ୍ୟସ୍ଥତା କରିଥିବା ଓ ମୁଖ୍ୟ ଅଭିଯୁକ୍ତ ଡ୍ରାଇଭରଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଛି।

ସୂଚନା ମୁତାବକ, ଡ୍ରାଇଭର୍ ଜାଲ ନାମରେ ନିଯୁକ୍ତ ହେବାପରେ ସିମେଣ୍ଟ ଲୁଟ୍ କରିବାକୁ ଯୋଜନା କରିଥିଲା। ଶୁକ୍ରବାର କାରଖାନାରୁ ୫୦୦ ବସ୍ତା ସିମେଣ୍ଟ ବୋଝେଇ କରି କଟକ ନେଇ ଯାଉଥିବା ଟ୍ରକ୍‌କୁ ଚଣ୍ଡିଖୋଲ ରାସ୍ତାରେ ନେଇଯିବାବେଳେ ବରଡ଼ାଛକ ନିକଟରେ ପୂର୍ବ ଯୋଜନା ମୁତାବକ ଅର୍ଦ୍ଧାଧିକ ସିମେଣ୍ଟ ବିକ୍ରି କରି ଦେଇଥିଲେ। ସେଠାରୁ କଟକ ଆଡ଼କୁ ଗାଡ଼ି ନେଇଯିବା ପରେ ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହିତ ଗାଡ଼ି ନେଇଯାଅ ନ ହେଲେ ବାକି ସିମେଣ୍ଟ ସହିତ ଗାଡ଼ି ମଧ୍ୟ ବିକି ଦେବି କହି ଫୋନରେ ଧମକ ଦେଇଥିଲେ। ଗାଡି ମାଲିକ ଏନେଇ ଯଖପୁରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତ୍ୱରିତ ପଦକ୍ଷେପ ନେଇଥିଲା।

ଜବତ ସିମେଣ୍ଟ ବୋଝେଇ ଟ୍ରକ୍।

ରିପୋର୍ଟରେ ସମ୍ପୂର୍ଣ୍ଣ, ମିଳୁନି ପାଣି

ତନ୍ତୀଘାଇରେ ଦୁଇ ମେଗା ଉଠା ଜଳସେଚନ ପ୍ରକଳ୍ପ

■ ଚାଷୀ ହତାଶ, ପାଣିରେ ପଡ଼ିଲା ୩୩ କୋଟି

ତନ୍ତୀଘାଇଠାରେ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପ।

ଯାଜପୁର/ଯାଜପୁର ସଦର(ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ) :

ରିପୋର୍ଟ କହୁଛି ୨ ରୁ ୫ ବର୍ଷ ହେଲା ମେଗା ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସାରିଛି। ଏନେଇ ରାଜ୍ୟ ସରକାରଙ୍କୁ ସବିଶେଷ ରିପୋର୍ଟ ମଧ୍ୟ ଦିଆସରିଛି। ହେଲେ ଚାଷୀ କହୁଛନ୍ତି ଏଯାଏ ସେମାନଙ୍କ ବିଲରେ ପାଣି ମାଡ଼ି ନାହିଁ। ଯାଜପୁର ଜିଲା ତନ୍ତୀଘାଇ ନଦୀରେ ୩୩.୧୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୨ଟି ମେଗା ପ୍ରକଳ୍ପକୁ

ସଂକ୍ଷେପରେ

ବିରଳ ପାଣି କୋବ୍ରା ଛୁଆ ଉଦ୍ଧାର

କୁଜଙ୍ଗ, ୨୩।୭ (ମନୋଜ ପ୍ରଧାନ) କୁଜଙ୍ଗ ବ୍ଲକ ମହ୍ଲାସାହିସ୍ଥିତ ଅନନ୍ତ ମହାଦେବ ମନ୍ଦିର ସମ୍ମୁଖରୁ ରବିବାର ବିରଳ ପାଣି କୋବ୍ରା

ସାପଛୁଆ ଉଦ୍ଧାର କରାଯାଇଛି। ପୂର୍ବାହ୍ନ ୧୧ଟା ସମୟରେ ମନ୍ଦିର ସମ୍ମୁଖ ପଡିଆରେ ଏହି କୋବ୍ରା ଛୁଆ ଦେଖିବାକୁ ମିଳିଥିଲା। ଗ୍ରାମର କେତେଜଣ ଯୁବକ ତାକୁ ଧରି ଏକ ଡବାରେ ପୂରାଇଥିଲେ । ଏନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ଖବରପାଇ କୁଜଙ୍ଗ ବନପାଳ ଲକ୍ଷ୍ମୀପ୍ରିୟା ସାହୁ, ପାରାଦୀପ ବନପାଳ ନିରଞ୍ଜନ ମଣ୍ଡଳ ଓ କର୍ମଚାରୀ ଗଗନ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୋବ୍ରା ଛୁଆଟିକୁ ଆଣି ପାରାଦୀପସ୍ଥିତ ଷଣ୍ଢକୁଦ ଜଙ୍ଗଲରେ ଛାଡ଼ି ଦେଇଥିଲେ । ଏହି ପ୍ରଜାତିର କୋବ୍ରା ପାହାଡ଼ିଆ ଅଞ୍ଚଳରେ ଥିବା ପାଣିରେ ରୁହନ୍ତି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବେଲତଳ ଧାନମନ୍ଦିର ରକ୍ତଦାନ ଶିବିର ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୨୩।୭(ଜଗନ୍ନାଥ ଧଳ): ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କ୍ରିୟାଯୋଗୀ ପରମ ହଂସ ପ୍ରଜ୍ଞାନାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ବେଲତଳ ହରିହରାନନ୍ଦ ଧାନ ମନ୍ଦିର ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ସୁଗିତାନନ୍ଦ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସ୍ୱାମୀ ବିଶ୍ୱରୂପାନନ୍ଦ, ବିଜୟ ଭାସ୍କର, ଗୋପୀନାଥ କର, ବ୍ରଜ କିଶୋର ପଣ୍ଡା, ନିରାକାର ସେଣ, ପାବନୀ କୁମାର ରାଉତ, ବୀର କିଶୋର ସାହୁ, ଦୁଷନ୍ତ ସାହୁ, ଚନ୍ଦନ ପାତ୍ର, ଗୋପୀନାଥ ତ୍ରିପାଠୀ, ପ୍ରସନ୍ନ ମଲ୍ଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରତିବର୍ଷ ପରି ରକ୍ତଦାନ ଶିବିର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ମୁଖ୍ୟ ଜାଗାରେ ହୋଡିଂ ଲଗାଇବା, ଆସନ୍ତା ଅଗଷ୍ଟ ୧୦ରେ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଜନ୍ମୋତ୍ସବ ପାଳନ ଓ ରକ୍ତଦାନ ଶିବିର ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

ବୃଦ୍ଧଙ୍କ ମୃତଦେହ ଜବତ

ନୀଳଗିରି, ୨୩।୭(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଥାନା ମହିଷାପଟା ପଞ୍ଚାୟତ ବାଣିଆଗାଁ ନିକଟବର୍ତ୍ତୀ ଏକ ପାଣି ଭର୍ତ୍ତି ପୁରୁଣା ପଥରଖାଦାନରେ ଏକ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ନୀଳଗିରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ନୀଳଗିରି ମେଡ଼ିକାଲ ଆଣିଥିଲେ। ସେ ହେଲେ ଅଯୋଧ୍ୟା ଫାଣ୍ଡି ଅଧୀନ ତେନ୍ତୁଳାପଡ଼ା ଗ୍ରାମର ୭୦ବର୍ଷୀୟ ରଘୁନାଥ ସିଂ। ତେବେ ରଘୁନାଥ ଦିନକ ପୂର୍ବରୁ ନିଖୋଜ ଥିଲେ। ଏନେଇ ନୀଳଗିରି ଥାନାରେ ରଘୁନାଥଙ୍କ ଝିଅ ପହଞ୍ଚି ଶବ ଚିହ୍ନଟ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

କେନାଲ ପାର୍ଶ୍ୱ ଜମିରେ ତଳିରୁଆ, ଢିପ ଶୁଖିଲା

କେନାଲ ପାର୍ଶ୍ୱ ଜମିରେ ଚାଷୀମାନେ ଚାଷ କାର୍ଯ୍ୟ କରୁଛନ୍ତି।

ଢିପ ଜମି ପଡ଼ିଆ ପଡ଼ିଛି।

ମହାକାଳପଡ଼ା, ୨୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମୌସୁମୀ ବର୍ଷାକୁ ଅପେକ୍ଷା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ମୌସୁମୀ ବର୍ଷା ନାଁ ଧରୁନି। ଜଳ ଅଭାବ ଯୋଗୁ ଚାଷ ଜମି ପଡ଼ିଆ ପଡ଼ିଛି। ପଡ଼ିଆ ଜମିରେ ଗୋରୁ ଚରୁଛନ୍ତି। ଆଉ କେଉଁଠି ଖାଲ ଓ କେନାଲ ପାର୍ଶ୍ୱ ଚାଷ ଜମିରେ ପାଣି ମୁନ୍ଦେ ଥିବାରୁ ଚାଷୀମାନେ ହଳ କରି ରୁଆ କାମ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଜମୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ପାର୍ଶ୍ୱ କେତେକ ଜମିରେ ପାଣି ପ୍ରବେଶ କରିବାରୁ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯେଉଁଠି କେନାଲ ଜଳ ଯିବାରେ ସୁବିଧା ନାହିଁ ଉକ୍ତ ଚାଷ ଜମି ପଡ଼ିଆ ପଡ଼ିଛି। ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ସମ୍ପନ୍ନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି ବୋଲି ଚାଷୀମାନଙ୍କ ମଧ୍ୟରେ ନାଥ କୁମାର ଭୋଳ, ଅଲେଖ ପ୍ରଧାନ, କୁଳମଣି ସ୍ୱାଇଁ, ସଦାଶିବ ରାଉତ, ବାବାଜୀ ବେହେରା ପ୍ରମୁଖ କହିଛନ୍ତି।

ସୂଚନାଯୋଗ୍ୟ, ବ୍ଲକରେ ମୋଟ୍ ୨୮ ହଜାର ହେକ୍ଟରରୁ ଅଧିକ ଚାଷଜମି ରହିଛି। ସେଥିମଧ୍ୟରୁ ୭ ହଜାର ହେକ୍ଟର ଜଳସେଚନ ଜମି ରହିଛି। ନଦୀ ନାଳ ଘେରା ଅଞ୍ଚଳରେ ସବୁ ଅଞ୍ଚଳରେ କେନାଲ ଜଳ ପହଞ୍ଚି ପାରୁନାହିଁ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ଅପରପକ୍ଷରେ ନଦୀ ପାର ହୋଇଥିବା ଜମୁ ,ବତୀଘର, ଖରିନାସି, ସୁନିତି, ନାଞ୍ଚୁରା, କେବି ଦାଣ୍ଡୁଆ ସମେତ ଅନେକ ପଞ୍ଚାୟତରେ କେନାଲ ଜଳ ସୁବିଧା ନାହିଁ। ତେବେ ଏହି ପଞ୍ଚାୟତର ଚାଷ ଜମିଗୁଡ଼ିକ ବର୍ଷା ଜଳ ଓ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ସମୁଦ୍ର ପାଖ ନଦୀଜଳ ଲୁଣିଆ ଥିବାରୁ ଏହି ପଞ୍ଚାୟତ ଚାଷୀମାନେ ଚାଷ କାର୍ଯ୍ୟ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ବୋଲି ସାମାଜିକ କର୍ମୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି।

ଦୁର୍ନୀତିମୁକ୍ତ, ସ୍ଥିର ସରକାର ଦେବାକୁ ଏଏପି ଅଙ୍ଗୀକାରବଦ୍ଧ

ରଘୁନାଥପୁର,୨୩।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁରସ୍ଥିତ ମଦନମୋହନ ମଠ ପରିସରରେ ରବିବାର ସନ୍ଧ୍ୟାରେ ଆମ ଆଦ୍‌ମୀ ପାର୍ଟି(ଏଏପି)ର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିମାନେ ସାମିଲ ହୋଇଥିଲେ। ଆୟୋଜିତ ସଭାରେ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଉପସ୍ଥିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନିନ୍ଦା କରିଥିଲେ। ତୃଣମୂଳସ୍ତରରେ ସାଧାରଣ ଜନତାଙ୍କୁ ସେବା ଯୋଗାଇବା ଆମ୍ ଆଦ୍‌ମୀ ପାର୍ଟିର ଲକ୍ଷ୍ୟ। ଏଥିସହ ଦୁର୍ନୀତିମୁକ୍ତ ଓ ସ୍ଥିର ସରକାର ଦେବା ପାଇଁ ପାର୍ଟି ଅଙ୍ଗୀକାରବଦ୍ଧ ବୋଲି ରାଜ୍ୟ ସଭାପତି ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ପାର୍ଟିରେ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର କଟକ ଜିଲା ସଭାପତି ଦୁର୍ଗାପ୍ରସାଦ ପରିଡା, ଉପସଭାପତି ବିକାଶ ଚନ୍ଦ୍ର ମହାପାତ୍ର, ଜଗତ୍‌ସିଂହପୁର ଜିଲା ସଭାପତି ଅନୁପମା ସେଠୀ, କଟକ ସଦର ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଲିଗାଲ ସେଲ ଅଧ୍ୟକ୍ଷ ଅନୁପ କୁମାର ବ୍ରହ୍ମଚାରୀ, ସନ୍ତୋଷ କୁମାର ବେହେରା, ସଞ୍ଜୀବ ପରିଡାଙ୍କ ସହ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ନେତା ଘନଶ୍ୟାମ ଦଳେଇ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇ ଧନ୍ୟବାଦ ଦେଇଥିଲେ।

ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଓ ଅନ୍ୟ କର୍ମୀମାନେ।

ସମୁଦ୍ରରେ ବୁଡ଼ିଯାଉଥିବା ୩ ଯୁପି ବାସିନ୍ଦା ଉଦ୍ଧାର

ସମୁଦ୍ରରେ ବୁଡ଼ିଯାଇଥିବା ଯୁବକମାନଙ୍କୁ ଉଦ୍ଧାର କରାଯାଉଛି।

ପାରାଦୀପ,୨୩।୭ (ଶରତ ରାଉତ)

- ଦେବଦୂତ ସାଜିଲେ ମତ୍ସ୍ୟଜୀବୀ
- ଜଣଙ୍କ ଅବସ୍ଥା ଗୁରୁତର

ପାରାଦୀପ ବତୀଘର ପାଖ ସମୁଦ୍ର କୂଳରେ ଶନିବାର ଅପରାହ୍ନ ୫ଟାରେ ଅଭାବନୀୟ ଘଟଣା ଘଟିଛି। ୩ ଉତ୍ତରପ୍ରଦେଶ ବାସିନ୍ଦା ସମୁଦ୍ରରେ ଗାଧୋଇବା ବେଳେ ବୁଡ଼ିଯାଇଥିଲେ। ନିକଟରେ ଥିବା ଏକ ମାଛଧରା ବୋଟ୍‌ର ମତ୍ସ୍ୟଜୀବୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ସେଥିରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡଛି। ସେ ହେଲେ ସୋନୁ କୁମାର। ୩ ଜଣ ଉଦ୍ଧାର ହେବା ପରେ ଘଟଣାସ୍ଥଳରୁ ପଳାଇ ଯାଇଛନ୍ତି। ଉଦ୍ଧାରକାରୀ କେୟାର ଆଣ୍ଡ ଶେୟାର ସଙ୍ଗଠନ ସଦସ୍ୟ ରବି ବେହେରାଙ୍କ ସୂଚନା ଅନୁସାରେ, ଏହି ୩ ଜଣ ଆଇଓସିଏଲ ରିଫାଇନେରି ପ୍ରକଳ୍ପରେ ଠିକାଶ୍ରମିକ ଭାବେ କାମ କରନ୍ତି। ରବିବାର ଛୁଟିଦିନ ଥିବାରୁ ସମୁଦ୍ର କୂଳରେ ବୁଲୁଥିଲେ। ଏହାପରେ ସୋନୁ ସମୁଦ୍ର ପାଣିକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ପାଣିର କରେଣ୍ଟ (ଅନ୍ତଃସ୍ରୋତ) ଯୋଗୁ ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ ସାଙ୍ଗ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ।

କୂଳରେ ଏସବୁ ଘଟଣା ଦେଖି ଶତାଧିକ ଲୋକ ପାଟି କରିଥିଲେ। ଏହି ସମୟରେ କୂଳ ପାଖ ଦେଇ ଯାଉଥିବା ଏକ ମାଛଧରା ବୋଟ୍ ପ୍ରଥମେ ୨ ଜଣଙ୍କୁ ଉଦ୍ଧାର କରିଥିଲା। ମାତ୍ର ସୋନୁଙ୍କୁ ଉଦ୍ଧାର କରିବା ପାଇଁ ପ୍ରାୟ ୨୦ ମିନିଟ ସମୟ ଲାଗିଥିଲା। କେୟାର ଆଣ୍ଡ ଶେୟାର ସଙ୍ଗଠନର ବେହେରା ସମୁଦ୍ର ଭିତରକୁ ଯାଇ ସୋନୁଙ୍କୁ ପାଣିରୁ ଟାଣି କୂଳକୁ ଆଣିଥିଲେ। ଉଦ୍ଧାର ହୋଇଥିବା ପ୍ରଥମ ଦୁଇଜଣ ତତ୍କାଳ ସୋନୁଙ୍କୁ ନେଇ ଚିକିତ୍ସାଳୟକୁ ଚାଲିଯାଇଥିଲେ। କିନ୍ତୁ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ କିମ୍ବା ପୋର୍ଟ ହସ୍ପିଟାଲକୁ ସେମାନେ ଯାଇ ନ ଥିବା ଜଣାପଡ଼ିଛି।

ଫ୍ୟାନ୍‌ରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

ଯାଜପୁର ରୋଡ୍,୨୩।୭(ପବିତ୍ର ମହାନ୍ତି):

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଉମାପଦା ଗ୍ରାମରେ ଭଡ଼ାଘରେ ରହୁଥିବା ଜଣେ ମହିଳା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସୋନି ଶର୍ମା(୩୧) ବୋଲି ଜଣାପଡ଼ିଛି। ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ମହିଳାଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି। ସେମାନେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ। ସୋମବାର ସାଇଣ୍ଟିଫିକ ଟିମ ଆସିବା ପରେ ଘଟଣାର ଅନ୍ୟ ଦିଗ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୋନିଙ୍କ ସ୍ୱାମୀ ବିହାର ପାଟଣା ଅଞ୍ଚଳର ଦିଲ୍ଲୀପ ଶର୍ମା ନାମକ ବ୍ୟକ୍ତି ପେସାରେ ଜଣେ ଫେବ୍ରିକେସନ ମିସ୍ତ୍ରି। ସେ ଉମାପଦା ସତସଙ୍ଗ ବିହାରସ୍ଥିତ ସ୍ମୃତିରଞ୍ଜନ ମଲିକଙ୍କ ଘର ଭଡ଼ାନେଇ ପରିବାର ସହ ରହୁଥିଲେ। ତାଙ୍କର ୧୧, ୬ ବର୍ଷର ଦୁଇଟି ଝିଅ ଓ ୮ ବର୍ଷର ଗୋଟିଏ ପୁଅ ଅଛନ୍ତି। ଶନିବାର ଦିଲୀପ ଘରେ ନ ଥିବାରୁ ଅପରାହ୍ନ ୪ରୁ୫ ଘଟିକା ସମୟରେ ସୋନି ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସେହି ସମୟରେ ପିଲାମାନେ ଟିଉସନ ଯାଇଥିଲେ। ବଡ଼ ଝିଅ ଟିଉସନରୁ ଫେରି ପ୍ରଥମେ ଏହି ଘଟଣା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପଡ଼ିଶା ଲୋକ ମହିଳାଙ୍କ ସ୍ୱାମୀଙ୍କୁ ଖବର ଦେବାପରେ ସେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

କରାଟେ ଚାମ୍ପିୟନଶିପ୍: ୨ ଛାତ୍ରଙ୍କୁ ବ୍ଲାକ୍‌ବେଲ୍ଟ

ପାରାଦୀପ,୨୩।୭ (ଶରତ ରାଉତ)

ପାରାଦୀପ ରିଫାଇନାରୀ ଟାଉନଶିପଠାରେ ରବିବାର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ଜଣ ଛାତ୍ର ବ୍ଲାକବେଲ୍ଟ ପାଇଥିବା ସୂଚନା ମିଳିଛି। ସେମାନେ ହେଲେ ପିପିଏଲ୍ ଡିଏଭି ସ୍କୁଲର ପଶୁପୁଲେତି ସରନୀ ଗ୍ରୋସ ଓ ମାନସ ଦୋରା। ସିଥୋରିୟୁ କରାଟେ ଫେଡେରେଶନ ଓ କରାଟେ ଆସୋସିଏଶନ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି କ୍ରୀଡ଼ାରେ ପାରାଦୀପର ବିଭିନ୍ନ ସ୍କୁଲର ୧୦୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗ୍ରାଣ୍ଡ ମାଷ୍ଟର ସନ୍ନିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତା ପ୍ରଶିକ୍ଷକ କାହ୍ନୁ ମଲ୍ଲିକ, ଅମରଜ୍ୟୋତି ରାଉତଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।

କରାଟେ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

ରାଜକନିକା ଭାଜପା ପକ୍ଷରୁ ମହାଜନସମ୍ପର୍କ ଅଭିଯାନ

କେନ୍ଦ୍ରାପଡ଼ା, ୨୩।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ସଦର ମଣ୍ଡଳ ୨୮ ନଂ. ଜୋନ୍‌ରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭାରିଗଦା ପଞ୍ଚାୟତରେ ମହାଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। ୨୮ନଂ. ଜୋନ ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସଙ୍କ ସଂଯୋଜନାରେ ଭାଜପାର ବରିଷ୍ଠ ନେତା ତଥା ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜ ସୁନ୍ଦର ଭୂୟାଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ରରେ ଥିବା ମୋଦି ସରକାରଙ୍କ ୯ ବର୍ଷର ସଫଳତା ପୂର୍ବକ ସେବା, ସୁଶାସନ ସମ୍ପର୍କରେ ଘରକୁ ଘର ବୁଲି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରିଗଦା ପଞ୍ଚାୟତର ଯୁବନେତା ସଚିନ ରାଉତ, ଜଗନ୍ନାଥ ସାମଲ, ପ୍ରୀତିପ୍ରଜ୍ଞା ଜେନା, ବିଶ୍ୱଜିତ ମୁଦୁଲି, ପ୍ରୀତିରଞ୍ଜନ ନାୟକ, ସଚିନ ଦାସଙ୍କ ସମେତ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଅ

କୁଜଙ୍ଗ, ୨୩।୭ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ବଣିତୋଠାରେ ପଶ୍ଚିମେଶ୍ୱର ମହାଦେବ ମନ୍ଦିର ରହିଛି। ଏହା ଅଞ୍ଚଳର ପୁରାତନ ଶୈବପୀଠ ହୋଇଥିବାରୁ ଏହାର ଉନ୍ନତିକରଣ ପାଇଁ ଟ୍ରଷ୍ଟ ବୋର୍ଡ ଓ ଗ୍ରାମବାସୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ ଜରିଆରେ ଦାବି କରାଯାଇଛି। ମନ୍ଦିର ପରିଚାଳନା ସମିତି ସଭାପତି ଅଜୟ କୁମାର ସାହୁ, ଭିକାରି ସେନାପତି, ରବୀନ୍ଦ୍ର ସ୍ୱାଇଁ, ପୋତାନଇ ସରପଞ୍ଚ ବ୍ରଜ ମହାରାଜ ଓ ନିର୍ଲିପ୍ତ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ସେମାନେ କହିଛନ୍ତି, ପଶ୍ଚିମେଶ୍ୱର ମହାଦେବ ମନ୍ଦିରକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦିଆଯାଉ। ଏଥିସହ ମନ୍ଦିରର ଉନ୍ନତିକରଣ ପାଇଁ ୫-ଟି ଅନ୍ତର୍ଭୁକ୍ତ କରାଯାଉ। ପୂଜକ ବା ସେବାୟତମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା, ଚନ୍ଦନ ପୋଖରୀର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ, ମୁଖ୍ୟ ମନ୍ଦିରର ନିମ୍ନ ଭାଗ ଓ ନାଟ ମଣ୍ଡପର ମରାମତି, ମନ୍ଦିର ବେଢା ଓ ବାହାର ଅଞ୍ଚଳ ଆଲୋକୀକରଣ, ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ, ଭକ୍ତ, ସେବାୟତ ତଥା ପୂଜକମାନଙ୍କ ପାନୀୟଜଳ ଓ ଗୋଷ୍ଠୀ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି।

ଅସନ୍ତୁଷ୍ଟ ବିଜେଡି ନେତା, କର୍ମୀଙ୍କ ମେଳି

ବାଲିକୁଦା,୨୩।୭ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅମଶାଳ କଲ୍ୟାଣ ମଣ୍ଡପରେ ରବିବାର ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୩ ନମ୍ବର ଜୋନ ବିଜେଡି କର୍ମୀଙ୍କ ଆହ୍ୱାନ କ୍ରମେ ଏହି ବୈଠକର ଆୟୋଜନ କରାଯାଇ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରାଯାଇଥିଲା । ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବାଲିକୁଦା-ଏରସମା ବିଜେଡିରେ ଥିବା ଅସନ୍ତୋଷ ଓ ଗୋଷ୍ଠୀକନ୍ଦଳ ଦଳକୁ ପଛକୁ ଟାଣୁଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଦଳକୁ ସଂଗଠିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗୋପାଳ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୁବନେତା ସଞ୍ଜୀବ ବିଶ୍ୱାଳ, ପ୍ରତିଷ୍ଠାତା ସଦସ୍ୟ ଦାମୋଦର ଜେନା, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସରପଞ୍ଚ ରାଜକିଶୋର ବେହେରା, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ହେମନ୍ତ ସେଠୀ, ରମେଶ ପାଇଟାଳ, ପୂର୍ବତନ ସମିତିସଭ୍ୟ ଅରବିନ୍ଦ ରଥ, ଗଗନ ଦାସ, ଅଳାବୋଳ ସରପଞ୍ଚ ରମେଶ ସ୍ୱାଇଁ, ମନୋଜ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବାଲିକୁଦା-ଏରସମାରେ ଦଳ ଯେଉଁ ବିପର୍ଯ୍ୟୟ ସ୍ଥିତିରେ ରହିଛି ତାହାର ମୁକାବିଲା କରି ଦଳୀୟ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷ୍ଣଦାସପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଭୋଳ, ଯୁବ ସଙ୍ଗଠକ ପ୍ରଦୀପ ମୁଦୁଲି, ଜ୍ଞାନରଞ୍ଜନ ଜେନା, ତିରୁପତି କାନୁନ୍‌ଗୋ, ବିଷ୍ଣୁ ପଟ୍ଟନାୟକ, ଦିନବନ୍ଧୁ ସ୍ୱାଇଁ, ନଳିନୀକାନ୍ତ ମହାନ୍ତି ପ୍ରମୁଖଙ୍କ ଭଳ

ସଂକ୍ଷେପରେ

୧୮ କୁଇଣ୍ଟାଲ ଗଞ୍ଜେଇ ଜବତ,୨ କୋର୍ଟ ଚାଲାଣ

ମୋହନା,୨୩।୭(ମନ୍ମଥ ମିଶ୍ର): ମୋହନା ଥାନା ଅନ୍ତର୍ଗତ କମଳାପୁର ନାକା ଗେଟଠାରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ଏକ ଟ୍ରକ (ନଂ ଏମଏଚ୍ ୫୦ ଏନ ୦୨୯୯)ରୁ ୫୪ଟି ବସ୍ତାରେ ଥିବା ୧୮ କୁଇଣ୍ଟାଲ ୧୭ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ମହାରାଷ୍ଟ୍ରର ସୋଲପୁର ଅଞ୍ଚଳର ଶୁଭମ୍ ସଞ୍ଜୟ ସୋନାଲେ ଏବଂ ଗୁଞ୍ଜନ ମହାଦେବଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ, ନଗଦ ୩୦ ହଜାର ଟଙ୍କା, ଗୋଟିଏ ଜିପିଆରଏସ ସମେତ ମାଛଦାନା ଥିବା ଗାଡ଼ି ଜବତ କରିଛି। ଉକ୍ତ ଗଞ୍ଜେଇ ଅଡବା ଥାନା ଅନ୍ତର୍ଗତ ହାଟିପଙ୍କା ଗ୍ରାମରୁ ମହାରାଷ୍ଟ୍ର ଚାଲାଣ କରାଯାଉଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ମୋହନା ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସେଠୀ।

ଲକ୍ଷାଧିକ ଟଙ୍କାର କାଠ ଜବତ

କୋଦଳା,୨୩।୭(ଅମିତ କୁମାର ପଟ୍ଟନାୟକ): କୋଦଳା ଏବଂ ସାତନଳ ଛକରେ ଦୀର୍ଘଦିନ ହେଲା ବେଆଇନ ଭାବେ କାଠ କଟାଯାଇ ସରଞ୍ଜାମ ତିଆରି ଚାଲିଥିଲା। ପୋଲସରା ବନବିଭାଗ ଏହା ଜାଣିବା ପରେ ରବିବାର ସେଠାରୁ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ସାତନଲ ଛକରୁ ଜବତ ପଟାକୁ ନେବା ସମୟରେ କାଠ ବେପାରୀଙ୍କ ସମ୍ପର୍କୀୟମାନେ ଗାଡି ନ ଛାଡିବାରୁ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ଚାପା ଉତ୍ତେଜନା ଦେଖା ଦେଇଥିଲା। ପରେ ସ୍ଥିତିକୁ ଆୟତ୍ତ କରି ଘଟଣାସ୍ଥଳରୁ ୫ ଜଣଙ୍କୁ ବନ ବିଭାଗ ନେଇ ଅଟକ ରଖିଛି। ଘଟଣାର ତଦନ୍ତ ଚାଲିଥିବା କୋଦଳା ଫରେଷ୍ଟର ବଳରାମ ଶବର କହିଛନ୍ତି।

ରୋଟାରୀ କ୍ଲବର ଅଭିଷେକ ପ୍ରତିଷ୍ଠା ଉତ୍ସବ

ବ୍ରହ୍ମପୁର,୨୩।୭(ସ୍ମୃତି ରଞ୍ଜନ ମହାଲିକ): ରୋଟାରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ରବିବାର ୬୯ତମ ଅଭିଷେକ ପ୍ରତିଷ୍ଠା ଉତ୍ସବ ଶୁଭମ ସେଲିବ୍ରେସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବ ପକ୍ଷରୁ ନୂତନ ସଦସ୍ୟ ଗଠନ ହୋଇଥିଲା। କ୍ଲବର ନୂତନ ସଭାପତି ରୂପେ ପ୍ରଦ୍ୟୁମ୍ନ କୁମାର ବିଶୋୟୀ ଓ ସଂପାଦିକା ମଧୁସ୍ମିତା ସାହୁ ଶପଥ ପାଠ କରିଥିଲେ। କ୍ଲବର ପୂର୍ବତନ ସଭାପତି ସତ୍ୟକାମ ପାତ୍ର ଓ ସଂପାଦକ ସାର୍ଥକଙ୍କ କାର୍ଯ୍ୟକଳାପକୁ ନୂତନ ସଦସ୍ୟମାନେ ପ୍ରଶଂସା କରିଥିଲେ। କ୍ଲବ ପକ୍ଷରୁ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଗରିବ ଛାତ୍ରୀଛାତ୍ରଙ୍କୁ ସାହାର୍ଯ୍ୟ ସହ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇବ ବୋଲି କୁହାଯାଇଛି।

ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ନେଇ ଭୂମି ପୂଜନ

ପାରଳାଖେମୁଣ୍ଡି,୨୩।୭(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ସହରର ରାମ ନଗରଠାରେ ରବିବାର ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଏହି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ଲାଗି ପୂର୍ବରୁ ଶୁଭ ଖୁଣ୍ଟି ସ୍ଥାପନ କରିଥିବା ବେଳେ ରବିବାର ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ଶିଳା ନ୍ୟାସ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ଦଉ ମଠର ମହନ୍ତ ରାମାନନ୍ଦୀ ଦାସ ମହାରାଜ, ବିଶ୍ୱ ହିନ୍ଦୁ ପରିଷଦର ହରିମୋହନ ପଟ୍ଟନାୟକ, ଏକ ନମ୍ବର ୱାର୍ଡର ପୂର୍ବତନ କାଉନ୍ସିଲର କେ. ପୁନ୍ୟବତୀ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ଜିଲା ବିଜେଡିର ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ହାଇଟେକ ମେଡିକାଲ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଜମିଦାର ପଟ୍ଟନାୟକ ପ୍ରମୁଖଙ୍କ ସହ ଜିଲା ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଏବଂ ବଜରଙ୍ଗ ଦଳର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଆରୁଖ ଗଳିରେ ଜଳୁନି ଷ୍ଟ୍ରିଟଲାଇଟ

ଜି.ଉଦୟଗିରି,୨୩।୭(ଶିଶିର ପଟ୍ଟନାୟକ)- ଜି.ଉଦୟଗିରି ସହରରେ ଷ୍ଟ୍ରିଟଲାଇଟ ନିୟମିତ ଯାଞ୍ଚ ନହେବା ଫଳରେ ଖରାପ ହୋଇ ବିଭିନ୍ନ ସ୍ଥାନ ଅନ୍ଧାରରେ ରହୁଛି। ଅଭିଯୋଗ ପରେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜି.ଉଦୟଗିରି ଆରୁଖ ଗଳି ସହିତ ସହରର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ ଲାଇଟ ଖରାପ ହୋଇ ପଡିଛି। ଅଭିଯୋଗ ପରେ ମଧ୍ୟ ସମସ୍ୟା ସୁଧୁରୁନି। ଅନ୍ଧାର ଯୋଗୁ ବର୍ଷା ଦିନେ ଅନେକ ସମୟରେ ବିଷଧର ସାପ ବାହାରକୁ ବାହାରୁଛନ୍ତି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସାପ ଧରି ଜଙ୍ଗଲରେ ଛାଡୁଛନ୍ତି। ଏହାସହିତ ଅସାମାଜିକ ଲୋକମାନଙ୍କ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ତେଣୁ ବଜାରରେ ଲାଇଟ ନିୟମିତ ଯାଞ୍ଚ କରିବା ସହିତ ଅନ୍ଧାରରେ ଥିବା ସାହିଗୁଡିକରେ ଆଲୋକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ଜାନବିଲି ପ୍ରକଳ୍ପ ପାଣି ପାଇପ୍ ଲାଇନ ଫାଟିଲା

ପାଇପ ଫାଟି ପାଣି ଜମି ରହିଛି।

ଧରାକୋଟ,୨୩।୭ (ବିଷ୍ଣୁ କେଶରୀ ଆଚାରୀ)

ବ୍ରହ୍ମପୁର ସହରର ପିଇବା ପାଣି ସମସ୍ୟାର ଦୂରୀକରଣ ପାଇଁ ରାଜ୍ୟ ସରକାର ଜାନବିଲି ପାଇପ ଯୋଗେ ପାଣି ନେଉଛନ୍ତି । ଋଷିକୁଲ୍ୟା ନଦୀ ଉପରେ ଷ୍ଟୋରେଜ ବ୍ୟବସ୍ଥା କରି ଏଠାରୁ ପାଣି ଦକ୍ଷିଣପୁର ଘାଇକୁ ନିଆଯାଉଛି। ସେଠାରୁ ପାଣିକୁ ବିଶୋଧନ କରି ବ୍ରହ୍ମପୁର ସହରକୁ ଯୋଗାଇ ଦିଆଯାଉଛି। ୫୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଏଲ ଆଣ୍ଡ ଟି ଦ୍ୱାରା ମାତ୍ର ଚାରି ବର୍ଷ ପୂର୍ବେ ନିର୍ମାଣ ହୋଇଛି। ବ୍ରହ୍ମପୁରବାସୀଙ୍କ ଦୀର୍ଘ ଦିନର ପିଇବା ପାଣି ସମସ୍ୟା ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ସମାଧାନ ହୋଇଛି। ହେଲେ ସମ୍ପ୍ରତି ମୁଣ୍ଡମରାଇ ବସଷ୍ଟାଣ୍ଡ ପାଖରେ ପାଇପ ଲାଇନ ଫାଟି ଜାତୀୟ ରାଜପଥରେ କୃତ୍ରିମ ଝରଣା ସୃଷ୍ଟି ହୋଇଛି। ପାଇପ ଲାଇନ ଫାଟିଯିବାରୁ ସେଠାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତରେ ଲୋକେ ନିତି ଦିନିଆ ଗାଧୁଆ ପାଧୁଆ କରିବା ସହ ଦୁଇ ଚକିଆ ଗାଡ଼ି ଧୁଆଧୋଇ କରୁଛନ୍ତି । ଗର୍ତ୍ତର ଅପରିଷ୍କାର ପାଣି ବ୍ରହ୍ମପୁର ସହରକୁ ଯୋଗାଣ ହେଉଛି । ସଂପ୍ରତି ବର୍ଷାଦିନ ଯୋଗୁ ଏହାଦ୍ୱାରା ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ରହିଛି । ଏଣୁ କର୍ତ୍ତୃପକ୍ଷ ତୁରନ୍ତ ଫାଟି ଯାଇଥିବା ପାଇପ ଲାଇନ ମରାମତି ପାଇଁ ଦାବି ହେଉଛି।

୩୫ ବର୍ଷ ପରେ ଘରକୁ ଫେରିଲେ ଘନଶ୍ୟାମ

ଛତ୍ରପୁର,୨୩।୭(ସନ୍ତୋଷ ପାଢୀ)

ଦୀର୍ଘ ୩୫ ବର୍ଷ ହେଲା ମା'ଠାରୁ ଦୂରେଇ ଯାଇଥିବା ପୁଅ ଫେରିଛି । ପରିବାରରେ ହସଖୁସିର ମାହୋଲ ସୃଷ୍ଟି ହୋଇଛି । ଗଞ୍ଜାମ ଜିଲା ଛତ୍ରପୁର ନିକଟ ବାଲିବଗଡ ଗାଁରେ ଏପରି ଦେଖିବାକୁ ମିଳିଛି । ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଘରଛାଡ଼ି ସୁଦୂର କଶ୍ମୀର ପଳାଇଥିବା ଘନଶ୍ୟାମ ନାୟକ ବାଲିବଗଡ ଗାଁରେ ଥିବା ନିଜ ଘରକୁ ଫେରିଛନ୍ତି। ସେ ତାଙ୍କ ସଂଘର୍ଷମୟ ଜୀବନ କାହାଣୀ ବଖାଣିଛନ୍ତି।

ଘନଶ୍ୟାମ କହିଛନ୍ତି, ୩୫ ବର୍ଷ ପୂର୍ବେ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ତେଣୁ ପାଠପଢ଼ା ବନ୍ଦ କରି କାହାକୁ କିଛି ନକହି ସେ ଘର ଛାଡି ପଳାଇଥିଲେ । ଏକ ଟ୍ରେନ୍‌ରେ ବସି ସେ ଜାମ୍ମୁ କଶ୍ମୀରରେ ପହଞ୍ଚିଥିଲେ । ସେଠାରେ ସେ ଏକ କମ୍ପାନୀରେ କାମ କଲେ। ଆର୍ଥିକ ସ୍ୱଚ୍ଛଳ ହେବାପରେ ବିବାହ କଲେ। ବର୍ତ୍ତମାନ ପୁଅ ଓ ଝିଅ କାଶ୍ମୀରରେ ଅଛନ୍ତି। ଘର ଛାଡି ଯିବାବେଳେ ଟେଲିଫୋନ୍ ସୁବିଧା ନଥିଲା । ୧୯୯୦ରୁ ୧୦ବର୍ଷ ପର୍ଯ୍ୟନ୍ତ ଘର ସହ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚିଠି ପଠାଇଥିଲେ କିଛି ତ୍ରୁଟି ପାଇଁ ତାହା ଘରେ ପହଞ୍ଚି ନ ଥିଲା । ଶେଷରେ କଶ୍ମୀରରେ ଜଣେ ଭାଜପା ନେତାଙ୍କ ସହଯୋଗରେ ଗାଁକୁ ଚିଠି ପଠାଇବାରୁ ଚିଠିର ଉତ୍ତର ସହ ମୋବାଇଲ ନମ୍ବର ମିଳିଥିଲା । ଏହାପରେ କଶ୍ମୀରରୁ ଘରକୁ ଫେରିଲେ ବୋଲି ଘନଶ୍ୟାମ କହିଛନ୍ତି। ପୁଅକୁ ପାଖରେ ପାଇ ମା' ଚନ୍ଦ୍ରମା ନାୟକଙ୍କ ଖୁସି କହିଲେ ନ ସରେ। ଶେଷବେଳେ ପୁଅ ମୋତେ ଟିକେ କାନ୍ଧ ଦେବ ବୋଲି ଛଳଛଳ ଆଖିରେ କହିଛନ୍ତି। ଘନଶ୍ୟାମଙ୍କ ୩ ଭାଇ। ମଝିଆ ଭାଇଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ୨ ଭାଇ ଘନଶ୍ୟାମଙ୍କୁ ପାଇ ଖୁସି ବ୍ୟକ୍ତ କରିଛନ୍ତି।

ମା'ଙ୍କ ସହ ଘନଶ୍ୟାମ ନାୟକ ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସମ୍ମିଳନୀ

ପାରଳାଖେମୁଣ୍ଡି,୨୩।୭(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ବାର୍ଷିକ ସମ୍ମିଳନୀ ସଂଘର ସଭାପତି ରାଜେନ୍ଦ୍ର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ବାହାଦୁର, ଉପସଭାପତି ମଧୁ ପୋଲାକି, ସହସମ୍ପାଦକ ରବି କୁମାର ପାତ୍ର, କୋଷାଧ୍ୟକ୍ଷ ମନୋଜ ପଣ୍ଡା ଓ ରାଜ୍ୟ ସଂଯୋଜକ ନୃସିଂହ ଚରଣ ମିଶ୍ର ଓ କେ. ବାଳକ୍ରିଷ୍ଣା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ସାତ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ସଂଘର ଆଗାମୀ ରଣନୀତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ସଭ୍ୟ ସଂଘକୁ ସୁଦୃଢ଼ କରିବା ସହ ସରକାରଙ୍କ ନିକଟରେ ନ୍ୟାଯ୍ୟ ଦାବି ଯଥା ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାକିରି ସର୍ତ୍ତାବଳୀରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ବଦଳରେ ଯୁକ୍ତ ତିନିକୁ ପରିବର୍ତ୍ତନ କରାଯିବା ସହ ଦରମାରେ ଥିବା ଅସଙ୍ଗତି ଦୂର କରିବା ପାଇଁ ଦାବି କରିଥିଲେ। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆଗାମୀ ଦିନରେ ଆନ୍ଦୋଳନ ନିମନ୍ତେ ସମସ୍ତ ସଭ୍ୟାସଭ୍ୟ ପ୍ରସ୍ତୁତ ରହିବା ପାଇଁ ସଭାପତିଙ୍କ ପ୍ରସ୍ତାବକୁ ସମସ୍ତେ ସ୍ୱୀକାର କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ପୂର୍ବରୁ ଥିବା ସମସ୍ତ କର୍ମକର୍ତ୍ତାମାନଙ୍କୁ ପୁନର୍ବାର ଚୟନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ପଟ୍ଟନାୟକ, କେ. ମୁରଲୀ, ରାସ ବିହାରି ପାତ୍ର, ଶ୍ୟାମସୁନ୍ଦର ରେଡ୍ଡୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ସନ୍ତୋଷ ବାହାଦୁର ଧନ୍ୟବାଦ ଅର୍ପଣ କରିଥିଲେ ।

ବୈଠକରେ ଆଲୋଚନା ଚାଲିଛି।

ସାନ୍ଦୀପନି ବିଦ୍ୟାନିକେତନରେ ମାତୃ ସମ୍ମିଳନୀ

କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ଗୁରୁମା ଗୁରୁଜୀ।

ଚିକିଟି,୨୩।୭(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ଥିବା ସାନ୍ଦୀପନି ବିଦ୍ୟାନିକେତନରେ ରବିବାର ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ମା'ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାନିକେତନର ସମ୍ପାଦକ ଇ. ସୀମାଞ୍ଚଳ, ସମ୍ମାନିତ ଅତିଥିଭାବେ ସଭାପତି ଏସ୍. ନାଗଭୂଷଣ, ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାର କିପରି ଉନ୍ନତି ହୋଇପାରିବ ସେ ଉପରେ ଆଲୋକପାତ କରାଯାଇଥିଲା। ଆଦର୍ଶ ଗୁରୁମା ରଶ୍ମିରେଖା ପଣ୍ଡା ଓ ଅଜିତ ଗୁରୁଜୀ ଶିଶୁର ଉନ୍ନତିରେ ମା'ଙ୍କ କର୍ତ୍ତବ୍ୟ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ମାତୃ ସମ୍ମିଳନୀକୁ ଗୁରୁମା କିଶୋରୀ ପ୍ରଧାନ, ଗାୟତ୍ରୀ, ସନ୍ଧ୍ୟା ପରିଚାଳନା କରିଥିବା ବେଳେ ଗୁରୁଜୀ ସନ୍ତୋଷ କୁମାର ବେହେରା, ସୁବାଶିଷ ପ୍ରଧାନ, ଉମାକାନ୍ତ ପାତ୍ର, ରଞ୍ଜନ ବଡତ୍ୟା, ସନ୍ତୋଷ ବେଜ, ଗୁରୁମା ସସ୍ମିତା ଜେନା, ସସ୍ମିତା ଗୌଡ଼, ଦିୱାନୀ ପ୍ରଧାନ, ଗାୟତ୍ରୀ କୁମାରୀ ପ୍ରଧାନ, ଶିବାନୀ ପ୍ରଧାନ, ଏମ. ସୋନି, ରାଜେଶ୍ୱରୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପଞ୍ଚାୟତ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା

ଭଞ୍ଜନଗର,୨୩।୭(ବାବୁଲା ପ୍ରଧାନ)

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ସନ୍ଧ୍ୟାରେ ଜଳସମ୍ପଦ ବିଭାଗ ଡ଼ାକ ବଙ୍ଗଳା ପରିସରରେ ଭଞ୍ଜନଗର ବ୍ଲକର ପଞ୍ଚାୟତ ପ୍ରତିନିଧିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ବିଭିନ୍ନ ଯୋଜନାରେ ପଞ୍ଚାୟତଗୁଡ଼ିକରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯୋଜନା ପହଞ୍ଚି ପାରିବ ସେ ଉପରେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସୂଚନାଯୋଗ୍ୟ, ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବା ସମ୍ଭାବନା ରହିଛି। ତେଣୁ ଶାସକଦଳ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଚାଲିଛି । ସୋମବାର ଜଗନ୍ନାଥପ୍ରସାଦ ବ୍ଲକର ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ମଧ୍ୟ ଅର୍ଥମନ୍ତ୍ରୀ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ।

ବିପଦ ସଂକୁଳ ହାଇମାଷ୍ଟ ଲାଇଟ୍ ଖୁଣ୍ଟ

ଖଣ୍ଡପଡା,୨୩।୭ (ଅଜୟ କୁମାର ମହାରଣା)

କଣ୍ଟିଲୋ ଯାତ୍ରାପଦା ବଜାର ଛକ ଉପରେ ଲାଗିଥିବା ହାଇମାସ୍ଟ ଲାଇଟ ଦୀର୍ଘ ବର୍ଷ ହେଲା ଅକାମୀ ହୋଇ ପଡଛି। ଏବେ ଏହାର ଖୁଣ୍ଟଟିର ନିମ୍ନ ଭାଗ ନଷ୍ଟ ହୋଇ ବିପଦ ସୃଷ୍ଟି କରିଛି। ଘରୋଇ ବିଦ୍ୟୁତ୍‌ଲାଇନ ସଂଯୋଗ ହୋଇଥିବା ଟଣକା ତାରରେ ଅଟକି ରହିଥିବାରୁ ଏହା କେତେବେଳେ ଯେ ବିପଦ ଘଟାଇବ କହିହେବ ନାହିଁ। ଏହି ଖୁଣ୍ଟ ପାଖ ଦେଇ ପ୍ରତ୍ୟେହ ଯାତାୟତ କରୁଥିବା ଜନସାଧାରଣଙ୍କ ନଜର ରହିଥିଲେ ହେଁ ଏହାକୁ ଉଠାଇ ଦେବାକୁ ଯେପରି କାହାର ଆନ୍ତରିକତା ନାହିଁ।

ଅପରପକ୍ଷରେ ଦୀର୍ଘବର୍ଷ ହେଲା ଅକାମୀ ହୋଇ ପଡ଼ିଥିବା ଏହି ଲାଇଟର ମାଲିକ କିଏ, ରକ୍ଷଣା ବେକ୍ଷଣ କାହାର ଦାୟିତ୍ୱ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୦୩ରେ ତତ୍କାଳୀନ ଭୁବନେଶ୍ୱର ସାଂସଦ ପ୍ରସନ୍ନ କୁମାର ପାଟଶାଣୀଙ୍କ ପାଣ୍ଠିର ଅର୍ଥ ବ୍ୟୟ ବରାଦ କରାଯାଇ ବିଭିନ୍ନ ପଞ୍ଚାୟତକୁ ହାଇମାକ୍ସ ଲାଇଟ ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ କଣ୍ଟିଲୋ ପଞ୍ଚାୟତ ଅଧୀନ ଶ୍ରୀନୀଳମାଧବ ଜୀଉ ମନ୍ଦିର ପୂର୍ବଦ୍ୱାର ଓ କଣ୍ଟିଲୋ ଯାତ୍ରାପଦା ବଜାର ଛକରେ ଗୋଟିଏ ଲେଖାଏଁ ଏପରି ୨ଟି ହାଇମାକ୍ସ ଲାଇଟ ଲଗାଯାଇଥିଲା। ମାତ୍ର ଲାଇଟ ଲାଗିବାର ୨ବର୍ଷ ନ ପୂରୁଣୁ ସମ୍ପୃକ୍ତ ଲାଇଟଗୁଡିକ ଅକାମୀ ହୋଇ ପଡ଼ିଥିଲା। ଏ ସମ୍ପର୍କରେ ବିଦ୍ୟୁତ ବିଭାଗକୁ ଜଣାଇବା ସତ୍ତ୍ୱେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆମର ନୁହେଁ ତାହା ପଞ୍ଚାୟତର ବୋଲି କହୁଛନ୍ତି। ପଞ୍ଚାୟତ ପକ୍ଷରୁ ମଧ୍ୟ ଏହି ଖୁଣ୍ଟର ଦାୟିତ୍ୱ ଆମର ନୁହଁ ବୋଲି କହି ଆସୁଛନ୍ତି। ତେବେ କାର୍ଯ୍ୟକ୍ଷମ ହେଉ ନ ଥିବା ଏହି ଲାଇଟଗୁଡିକ ଦୀର୍ଘ ୧୯ ବର୍ଷରୁ ଊର୍ଦ୍ଧ୍ୱ ହେବ ରକ୍ଷଣାବେକ୍ଷଣ ଅଭାବରୁ ବଜାର ଛକରେ ରହିଛି। ସମ୍ପୃକ୍ତ ଖଣ୍ଟର ନିମ୍ନ ଭାଗରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଖୁଣ୍ଟର ୯୦ ଭାଗ ଅଂଶ ନଷ୍ଟ ହୋଇ ମାତ୍ର ଅଳ୍ପ କିଛି ଅଂଶରେ ଅଟକି ରହିଥିବା ପରିଲକ୍ଷିତ ହେଉଛି। ଖୁଣ୍ଟର ଉପରି ଭାଗରେ କୌଣସି ଏକ ଘରୋଇ ବିଦ୍ୟୁତ୍ ଲାଇନର ଟଣକା ତାରରେ ଅଟକି ରହିଥିବା ଜଣାପଡ଼ିଛି। ଏହି ଖଣ୍ଟକୁ ତୁରନ୍ତ ହଟାଇବାକୁ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାଯାଇଛି। ତେବେ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କୁ ପଚାରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଖୁଣ୍ଟଟି ଯେଉଁ ଅବସ୍ଥାରେ ରହିଛି ତାହା କେତେବେଳେ ଭାଙ୍ଗି ବିପଦ ସୃଷ୍ଟି କରିବ କହି ହେଉନାହିଁ। ତେଣୁ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବିଦ୍ୟୁତ୍ ବିଭାଗ ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି।

ଜରିପାଲ ତଳେ ଭିନ୍ନକ୍ଷମ ପୁଅ ସହ ବିତୁଛି ଜୀବନ

ସଂକ୍ଷେପରେ

ସାମାଜିକ କର୍ମୀ କାର୍ତ୍ତିକ ବେହେରାଙ୍କ ପରଲୋକ

ବିଞ୍ଝାରପୁର,୨୩।୭(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ଗୌଡ଼ସାହି ଗ୍ରାମର ସାମାଜିକ କର୍ମୀ କାର୍ତ୍ତିକଚନ୍ଦ୍ର ବେହେରା(୯୩)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ଏକଥା ଜଣାପଡ଼ିବା ପରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବ୍ଲକ ଛକସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ସ୍ୱର୍ଗତ ବେହେରାଙ୍କ ପୁଅ ରାମଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକ ସେବାରେ ଯୋଗଦେଇଥିଲେ। ଅନେକ ଥର ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟାନ୍ୟ ପଦପଦବୀରେ ବେହେରାଙ୍କ ପୁତ୍ର ମାନେ ନିର୍ବାଚିତ ହୋଇ ଲୋକଙ୍କ ସେବାରେ ଜଡିତ ରହିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଦେହାନ୍ତ ଖବର ପାଇ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଉପାଧକ୍ଷ ସେକ୍ ଏରସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସାମାଜିକ କର୍ମୀ କୈଳାସ ସେଠୀ, ବିଜେଡି ଯୁବ ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ତଥା ସାମାଜିକ କର୍ମୀ ଲେନିନ୍ ଦାସ ପ୍ରମୁଖ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ଫ୍ରିଜ ପଡ଼ି ଯୁବକଙ୍କ ମୃତ୍ୟୁ

ସୋର, ୨୩।୭(ଜନ୍ମେଜୟ ମିଶ୍ର)- ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପିତାମ୍ବର ଗ୍ରାମର ଜଣେ ଯୁବକଙ୍କ ଉପରେ ଫ୍ରିଜ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମର ରମେଶ ଚନ୍ଦ୍ର ବିଶ୍ୱାଳ (୪୮) ଶନିବାର ରାତିରେ ଖାଇପିଇ ଶୋଇଥିବା ବେଳେ ସେ ସାମାନ୍ୟ ମାନସିକ ବିକୃତ ଥିବାରୁ ଭୋର ସମୟରେ ଘରେ ଥିବା ଜିନିଷ ପତ୍ର ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଘରେ ଥିବା ଫ୍ରିଜ ତାଙ୍କ ମୁଣ୍ଡ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା (ନଂ. ୪୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବୃଦ୍ଧଙ୍କ ମୃତଦେହ ଜବତ

ନୀଳଗିରି, ୨୩।୭(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ମହିଷାପଟା ପଞ୍ଚାୟତ ବାଣିଆଗାଁ ନିକଟବର୍ତ୍ତୀ ଏକ ପାଣି ଭର୍ତ୍ତି ପୁରୁଣା ପଥରଖାଦାନରେ ଏକ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ନୀଳଗିରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ନୀଳଗିରି ମେଡ଼ିକାଲ ଆଣିଥିଲେ। ସେ ହେଲେ ଅଯୋଧ୍ୟା ଫାଣ୍ଡି ଅଧୀନ ତେନ୍ତୁଳାପଡ଼ା ଗ୍ରାମର ୭୦ବର୍ଷୀୟ ରଘୁନାଥ ସିଂ। ତେବେ ରଘୁନାଥ ଦିନକ ପୂର୍ବରୁ ନିଖୋଜ ଥିଲେ। ଏନେଇ ନୀଳଗିରି ଥାନାରେ ରଘୁନାଥଙ୍କ ଝିଅ ପହଞ୍ଚି ଶବ ଚିହ୍ନଟ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

ମୋ ଘର ପ୍ରତି ଲୋକେ ବିମୁଖ

- ଯୋଜନା ଅଗ୍ରଗତି ରାସ୍ତାରେ ବାଧକ ଘରବାରି ଜମି
- ପ୍ରତିଷ୍ଠିତ ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି

ରସୁଲପୁର,୨୩।୭(ରଞ୍ଜିତ ରାଉତ):

ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ପ୍ରତି ଲୋକେ ବିମୁଖ ହେଉଛନ୍ତି। ଜମି ସମସ୍ୟା ଓ ବ୍ୟାଙ୍କ ସହ ହିତାଧିକାରୀଙ୍କ ଚୁକ୍ତିନାମା ଭଳି କେତେକ ବ୍ୟବସ୍ଥା ଯୋଜନା ପ୍ରତି ଅନାଗ୍ରହ ସୃଷ୍ଟି କରୁଛି। ସେହିପରି ଘରବାରି ଜମି ସମସ୍ୟା ଯୋଜନାରେ ବାଧକ ସାଜୁଛି। ଫଳରେ ଏହି ଯୋଜନା ଜନହିତକର ହୋଇପାରିବା ସହ ଗରିବଙ୍କ ମୁଣ୍ଡଉପରକୁ କଂକ୍ରିଟ ଛାତ ଖଣ୍ଡିଏ ଯୋଗାଇ ଦେବା ଲକ୍ଷ୍ୟ ସଫଳ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରସୁଲପୁର ବ୍ଲକ୍ ଅଞ୍ଚଳରେ ଉକ୍ତ ଯୋଜନାରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୨ଜଣଙ୍କୁ ପ୍ରଥମ କସ୍ତ ଋଣ ଯୋଗାଇ ଦିଆଯାଇଛି। ଯୋଜନା ଲାଗୁ ହେବାର ୨ ମାସ ବିତିବାକୁ ବସିଲାଣି। ହେଲେ ଏବେ ସୁଦ୍ଧା ବ୍ଲକ ଅଞ୍ଚଳରେ ଆବେଦନକାରୀଙ୍କ ସଂଖ୍ୟା ୧ ହଜାର ଛୁଇଁ ପାରିନାହିଁ। କୁନ୍‌ରେ ପ୍ରତ୍ୟେକ ପଞ୍ଚାୟତରୁ ଅନ୍ୟୁନ ୫୦ଜଣଙ୍କୁ ଚୟନ କରାଯିବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ନିର୍ଦ୍ଧାରିତ ଟାର୍ଗେଟଠାରୁ ବହୁ କମ୍ ସଂଖ୍ୟକ ଲୋକ ଯୋଜନାରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି।

ମୋ ଘର ଯୋଜନାରେ ଜଣେ ହିତାଧିକାରୀଙ୍କୁ ୬୦ରୁ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ଯୋଜନାରେ ଘର ନିର୍ମାଣ କରିବାକୁ ହେଲେ ହିତାଧିକାରୀଙ୍କୁ ବ୍ୟାଙ୍କରୁ ଋଣ ନେବାକୁ ପଡ଼ିବ। ଜଣେ ହିତାଧିକାରୀଙ୍କୁ ବ୍ୟାଙ୍କ ସର୍ବାଧିକ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବ। ଘର ନିର୍ମାଣ ପାଇଁ ଋଣ ଦିଆଯାଉ ଥିବାରୁ ବ୍ୟାଙ୍କର ନିୟମ ମୁତାବକ ଋଣର ଗ୍ୟାରେଣ୍ଟି ଭାବେ ଘରବାରି ପଟ୍ଟାକୁ ଗ୍ରହଣ କରାଯାଉଛି। ଯେଉଁ ହିତାଧିକାରୀ ଯୋଜନାରେ ସାମିଲ ହେବେ ତାଙ୍କ ନିଜ ନାମରେ ଘରବାରି ପଟ୍ଟାଥିବା ଦରକାର। ସମ୍ପତ୍ତି ପୈତୃକ ହୋଇଥିଲେ ଘରବାରି ପଟ୍ଟାରେ ନିଜର ଅଂଶୀଦାରଙ୍କ ସମ୍ମୁକ୍ତି ସ୍ପଷ୍ଟ କରିବା ପାଇଁ ତହସିଲରୁ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡୁଛି। ଉତ୍ତରାଧିକାରୀ ତାଲିକାରେ ଥିବା ବ୍ୟକ୍ତିମାନେ ବ୍ୟାଙ୍କରେ ଉପସ୍ଥିତ ରହ ଆଇନଜୀବୀଙ୍କ ନିକଟରେ ସତ୍ୟପାଠ କରିବାକୁ ପଡ଼ିବ। ଏଭଳିସ୍ଥିତିରେ ବହୁ ଗରିବ ଲୋକଙ୍କ ନାମରେ ଘରବାରି ପଟ୍ଟାନାହିଁ। ପୈତୃକ ସମ୍ପତ୍ତି ଉପରେ ଘର କରିବାକୁହେଲେ ଅନ୍ୟ ଅଂଶୀଦାରମାନେ ସ୍ୱୀକୃତି ପ୍ରଦାନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବ୍ୟାଙ୍କରେ ଜମି ବନ୍ଧକ ପଡ଼ିଲେ ଭବିଷ୍ୟତରେ ଜମିଜମା ସଂକ୍ରାନ୍ତିୟ ସମସ୍ୟା ଉପୁଜିବା ଭୟରେ ଅଂଶୀଦାର ସହଯୋଗ କରୁନାହାନ୍ତି। ଭୂମିହୀନମାନେ ଯୋଜନାରେ ସାମିଲ ହୋଇପାରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିବାଠାରୁ ଆରମ୍ଭ କରି ଋଣ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ ଆଳରେ ହିତାଧିକାରୀଙ୍କୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏସବୁ ପରେ ଘର ନିର୍ମାଣ ପାଇଁ ହୋଇଥିବା ଋଣର ସମସ୍ତ କିସ୍ତି ପୈଠ ନ ହେବା ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ରିହାତି ଟଙ୍କା ମଳ ପାରବନାହିଁ। କସ୍ତ ବାବଦକୁ ମାସିକ ୩୮୦୦ଟଙ୍କା ଆକାରରେ ପୈଠ କରିବାକୁ ହେବ। ଜଣେ ହିତାଧିକାରୀ ୩ ଲକ୍ଷ ଟଙ୍କା ଋଣ ଗ୍ରହଣ କରି ୧୦ ବର୍ଷରେ କିସ୍ତି ଆକାରେ ବ୍ୟାଙ୍କକୁ ୪.୫୬ଲକ୍ଷ ଟଙ୍କା ପ୍ରଦାନ କରିବ। ୬୦ହଜାର ରିହାତି ନେଇ ବ୍ୟାଙ୍କକୁ ୨ଗୁଣାରୁ ଅଧିକା ଟଙ୍କା ସୁଧ ଆକାରରେ ପୈଠ କରିବା ଘଟଣା ଯୋଜନା ପ୍ରତି ଅନାଗ୍ରହର ଆଉ ଏକ କାରଣ ବୋଲି କୁହାଯାଉଛି।

ଅପରପକ୍ଷରେ ଏହି ଯୋଜନା ଜରିଆରେ ଋଣ ଦେଇ ବ୍ୟାଙ୍କକୁ ବହୁ ଅର୍ଥ ବିନିଯୋଗ କରିବାକୁ ପଡ଼ିବ। ଋଣ ଆଦାୟ ଓ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ବ୍ୟାଙ୍କଗୁଡିକ ସନ୍ଧୀହାନ ହୋଇପଡୁଛନ୍ତି। ଯୋଜନାରେ ଅର୍ଥ ଲଗାଣ କରିବାକୁ ବ୍ୟାଙ୍କଗୁଡ଼ିକ ଅନାଗ୍ରହ ପ୍ରକାଶ କରୁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପତ୍ର ଜରିଆରେ ବ୍ୟାଙ୍କଗୁଡ଼ିକୁ ତାଗିଦ୍ କରାଯିବା ପରେ କେତେକ ବ୍ୟାଙ୍କ ଋଣ ପ୍ରଦାନ ନେଇ ସମ୍ମତି ପ୍ରକାଶ କରିଥିବାବେଳେ ପ୍ରତିଷ୍ଠିତ ବ୍ୟାଙ୍କଗୁଡ଼ିକ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡିଛି। ଏଭଳି ନାନା କାରଣରୁ ଯୋଜନା ଆଗକୁ କେତେ ବଢ଼ି ପାରି ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେଇ ପାରିବ ତାହା ସମୟ କ୍ରମେ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଆବେଦନକାରୀଙ୍କ ସମସ୍ତ ଡକ୍ୟୁମେଣ୍ଟ୍ ଠିକ୍‌ଥିଲେ ଯୋଜନାରେ ଅଗ୍ରାଧିକାର ଦିଆଯାଉଛି। ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କୁ କିଭଳି ସରଳଭାବେ ଋଣ ପ୍ରଦାନ କରିବେ ସେ ଦିଗରେ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ଅଧିକ ସଚେତନ କରାଯାଇ ଯୋଜନାକୁ ସଫଳ କରିବାକୁ ପ୍ରୟାସ ଚାଲିଛି।

ଯୌତୁକ ପାଇଁ ବଧୂହତ୍ୟା ଘଟଣା
ଫେରାର ଶାଶୁ, ଶ୍ୱଶୁର ଗିରଫ

ତିହିଡ଼ି,୨୩।୭(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଗୋପୀନାଥପୁର ଜେନାସାହି ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ଘଟଣାରେ ଫେରାର ଥିବା ଶାଶୁ ଓ ଶ୍ୱଶୁର ଅଢ଼େଇ ମାସ ପରେ ଶନିବାର ଗିରଫ ହୋଇଛନ୍ତି। ସେମାନେ ହେଲେ ଶାଶୁ ମାଳତୀ ଜେନା ଓ ଶ୍ୱଶୁର ରବୀନ୍ଦ୍ର ଜେନା। ବୋହୂ ଦୀପା ଜେନାଙ୍କୁ ହତ୍ୟା ମାମଲାରେ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ବିଦ୍ୟାଧର ଜେନାଙ୍କ ଝିଅ ଦୀପାଙ୍କୁ ୭ବର୍ଷ ପୂର୍ବେ ରବୀନ୍ଦ୍ରଙ୍କ ପୁଅ କମଳାକାନ୍ତ ବିବାହ କରିଥିଲେ। ବିବାହର କିଛିଦିନ ପରେ ଦୀପାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥିଲା। ଗତ ମେ ୧ରେ ଶାଶୁଘର ଲୋକେ ଦୀପାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ତାଙ୍କ ଭାଇ ସଞ୍ଜୟ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୪/୨୩) ରୁଜୁ କରିବା ସହ ମୃତ ଦୀପାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲା। ଦୀପାଙ୍କ ଶାଶୁ, ଶ୍ୱଶୁର ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବାରେ ବିଳମ୍ବ ହୋଇଥିବା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

ଉପନିର୍ବାଚନବେଳେ ସ୍କୁଲ୍‌ରେ ବିଧାୟକଙ୍କ ଜନ୍ମଦିନ ପାଳନ

ବଜ୍ରଗିରି ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ବିଧାୟକଙ୍କ ଜନ୍ମଦିନ ପାଳନ କରାଯାଉଛି।

ଧର୍ମଶାଳା,୨୩।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ୧୫ନଂ ଜୋନରେ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜୋନର କୋତପୁର ପଞ୍ଚାୟତ ଅନ୍ତର୍ଗତ ବଜ୍ରଗିରି ପ୍ରକଳ୍ପ ବିଦ୍ୟାଳୟ ରହିଥିବାବେଳେ ରବିବାର ଛୁଟି ଦିନରେ ବିଦ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି ଜୋନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଛାତ୍ର ବିଜେଡିର

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଲେ ବିରୋଧୀ

ବିଧାୟକଙ୍କ ଜନ୍ମ ଦିନ ପାଳନକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି। ଏହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଘଂନ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ରବିବାର ସ୍କୁଲ୍ ଛୁଟି ଥିବାବେଳେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ୟୁନିଫର୍ମରେ ଆସି ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେବା ଏବଂ ଛାତ୍ର ଜନତା ଦଳର କର୍ମକର୍ତ୍ତା ସ୍କୁଲ ପରିସରରେ ଏପରି କାର୍ଯ୍ୟକ୍ରମ କରିବାକୁ କିପରି ଅନୁମତି ମିଳିଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ସାନବାଲିକୁଦା ସିଆର୍‌ସିସି ଶିଶିର ପାଣିଗ୍ରାହୀଙ୍କୁ ପଚାରିବାରେ ସେ ଏନେଇ ଅବଗତ ନାହାନ୍ତି। ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଇଓ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ପଚାରିବାରୁ ଏମିତି କାର୍ଯ୍ୟକ୍ରମ ସମ୍ପର୍କରେ ସେ ଜାଣିନାହାନ୍ତି। ଏଥିସହିତ ଏହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଛି ବୋଲି କହିଛନ୍ତି।

ନାବାଳିକା ଉଦ୍ଧାର

ପାଣିକୋଇଲି,୨୩।୭(ବିକାଶ ମଲ୍ଲିକ):

ନାବାଳିକାଙ୍କୁ ଅପହରଣ କରିଥିବା ଜଣେ ଯୁବକଙ୍କୁ ପାଣିକୋଇଲି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ନାବାଳିକାଙ୍କୁ ଉଦ୍ଧାର କରି ସ୍ୱଧାର ଗୃହରେ ଛାଡ଼ିଛି। ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ସଠିପୁର ବଜାରକୁ ଆସି ଆଉ ଫେରି ନ ଥିଲେ। ତାଙ୍କୁ ଜଣେ ଯୁବକ ଅପହରଣ କରିନେଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଜୁନ ୧୬ ତାରିଖରେ ନାବାଳିକା ଅପହଣ ହୋଇଥିଲେ ହେଁ ସବୁଆଡେ ଖୋଜିବା ପରେ ଭଦ୍ରକ ଜିଲା ଧାମନଗର ଥାନା ଜଳାମଣ୍ଡୁଆ ଗ୍ରାମର କ୍ଷୀରୋଦ ଜେନା(୨୩) ନାବାଳିକାଙ୍କୁ ଅପହରଣ କରିଥିବା ଜଣାପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା ନଂ.୧୫୧/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ଉଭୟଙ୍କୁ ଧରିବାରେ ସଫଳ ହୋଇଥିଲେ।

ସ୍କୁଟିକୁ ଧକ୍କା ଦେଇ ଡ୍ରେନ୍‌କୁ ମାଡ଼ିଗଲା ଟ୍ରକ୍

ପାଣିକୋଇଲି,୨୩।୭(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ସଠିପୁରସ୍ଥିତ ପଥପ୍ରାନ୍ତ ସେବା କେନ୍ଦ୍ର ନିକଟ ସଂଯୋଗୀକରଣ ରାସ୍ତାରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ସ୍କୁଟିକୁ ଧକ୍କା ଦେଇ ଡ୍ରେନ ଉପରେ ଚଢି ଲାଖିଯିବାରୁ ଅଳ୍ପକେ ୨ ଦୋକାନୀ ବର୍ତ୍ତି ଯାଇଛନ୍ତି। ବାଲେଶ୍ୱରରୁ ଏକ ବରଫ ବୋଝେଇ ଟ୍ରକ କୋଣାର୍କ ଅଭିମୁଖେ ଆସୁଥିବାବେଳେ ରାସ୍ତାରେ ଯାଇ ଛିଡ଼ାହୋଇଥିବା ଏକ ସ୍କୁଟିକୁ ଧକ୍କା ଦେଇ ରାଜପଥ ଡ୍ରେନ ଉପରେ ଚଢିଯାଇଥିଲା। ହେଲେ ଗାଡି ମଝିରେ ଡ୍ରେନ ରହିଯିବାରୁ ଗାଡିଟି ଲାଖି ରହିବା ସହ ଆଗକୁ ଯାଇପାରି ନ ଥିଲା। ଖବର ପାଇ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ଫ୍ୟାନ୍‌ରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

ଯାଜପୁର ରୋଡ୍,୨୩।୭(ପବିତ୍ର ମହାନ୍ତି):

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଉମାପଦା ଗ୍ରାମରେ ଭଡ଼ାଘରେ ରହୁଥିବା ଜଣେ ମହିଳା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସୋନି ଶର୍ମା(୩୧) ବୋଲି ଜଣାପଡ଼ିଛି। ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ମହିଳାଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି। ସେମାନେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ। ସୋମବାର ସାଇଣ୍ଟିଫିକ ଟିମ ଆସିବା ପରେ ଘଟଣାର ଅନ୍ୟ ଦିଗ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସୋନିଙ୍କ ସ୍ୱାମୀ ବିହାର ପାଟଣା ଅଞ୍ଚଳର ଦିଲ୍ଲୀପ ଶର୍ମା ନାମକ ବ୍ୟକ୍ତି ପେସାରେ ଜଣେ ଫେବ୍ରିକେସନ ମିସ୍ତ୍ରି। ସେ ଉମାପଦା ସତସଙ୍ଗ ବିହାରସ୍ଥିତ ସ୍ମୃତିରଞ୍ଜନ ମଲିକଙ୍କ ଘର ଭଡ଼ାନେଇ ପରିବାର ସହ ରହୁଥିଲେ। ତାଙ୍କର ୧୧, ୬ ବର୍ଷର ଦୁଇଟି ଝିଅ ଓ ୮ ବର୍ଷର ଗୋଟିଏ ପୁଅ ଅଛନ୍ତି। ଶନିବାର ଦିଲୀପ ଘରେ ନ ଥିବାରୁ ଅପରାହ୍ନ ୪ରୁ୫ ଘଟିକା ସମୟରେ ସୋନି ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସେହି ସମୟରେ ପିଲାମାନେ ଟିଉସନ ଯାଇଥିଲେ। ବଡ଼ ଝିଅ ଟିଉସନରୁ ଫେରି ପ୍ରଥମେ ଏହି ଘଟଣା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପଡ଼ିଶା ଲୋକ ମହିଳାଙ୍କ ସ୍ୱାମୀଙ୍କୁ ଖବର ଦେବାପରେ ସେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦମ୍ପତିଙ୍କ ମଧ୍ୟରେ କଳହକୁ ନେଇ ଏପରି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ନଂ.୨୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଦୋକାନରୁ ଚୋରି ଅଭିଯୋଗରେ ୩ ଗିରଫ

ଧର୍ମଶାଳା,୨୩।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ସୁଭଦ୍ରାପୁର ଛକରେ ଥିବା ଏକ ମୋଟର ବାଇଣ୍ଡିଙ୍ଗ ଦୋକାନରୁ ମୋଟର ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ଚଣା ଥାନା ଖୋସାଲିପୁର ଗ୍ରାମର ରାକେଶ ସାମଲ(୩୦), ଏହି ଥାନା ସୁଭଦ୍ରାପୁର ଗ୍ରାମର ହିମାଂଶୁ ଖଟୁଆ(୨୨) ଓ ସଞ୍ଜୟ ଦେଉରୀ(୨୬)। ସୂଚନା ମୁ

ଏମ୍.ଏନ୍. ହାଇସ୍କୁଲର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପଙ୍ଗାମୁଣ୍ଡାଇ,୨୩।୭ (ଅକ୍ଷୟ ବିଶ୍ୱାଳ): ପଙ୍ଗାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲର ବାର୍ଷିକ ଉତ୍ସବ ପାଇ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ବୈଠକ ରବିବାର ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର ସଂସଦର ସମ୍ପାଦକ କଣ୍ଡୁରୀ ଚରଣ ସ୍ୱାଇଁ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଫେସର କୌଳାସ ଚନ୍ଦ୍ର ପାତ୍ର, ସଚ୍ଚିନନ୍ଦନ ଦାସ, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ବିଜୟ ସାହୁ, ସଞ୍ଜୟ ବର୍ମା, ଶିଶିର ମଲିକ, ଗୋପୀନାଥ ତ୍ରିପାଠୀ, ଗ୍ରନ୍ଥାଗାରିକ ବ୍ରଜ କିଶୋର ପଣ୍ଡା, ଅଶୋକ କୁମାର ଜେନା, ନଟବର ସେଠୀ, ରାଜେନ୍ଦ୍ର ସିଂ, ନୃସିହ ପ୍ରସାଦ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଛାତ୍ର ହଷ୍ଟେଲ, ଶ୍ରେଣୀ ଗୃହ, ଶିକ୍ଷକ ପଦବୀ ପୂରଣ ପାଇଁ କେନ୍ଦ୍ରାପଡା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେପ୍ଟେମ୍ବର ୨୪ରେ ବିଦ୍ୟାଳୟର ୭୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର ଯୋଗ ଦେବାକୁ ସଭାରେ ଅନୁରୋଧ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

ଓରତ ଘାଟ ସେତୁ ଗୋବରୀ ନଦୀରେ ପଠା ସୃଷ୍ଟି

ମହାକାଳପଡ଼ା, ୨୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ନଦୀରୁ ସ୍ଥାନୀୟ ଧୀବରମାନେ ଧରୁଥିଲେ ମାଛ, କଙ୍କଡ଼ା
- ପଠା ବୁଦାମୂଳେ ବଉଳା କୁମ୍ଭୀରଙ୍କ ଆଡ୍ଡାସ୍ଥଳ
- ଡ୍ରେଜିଂ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗୋବରୀ ନଦୀର ଉପର ମୁଣ୍ଡରୁ ଜଳ ସ୍ରୋତ ହ୍ରାସ ପାଇବା ଯୋଗୁ ଅନେକ ସ୍ଥାନରେ ବାଲି ପଙ୍କ ମାଟି ଜମିବା ଯୋଗୁ ପଠା ସୃଷ୍ଟି ହୋଇଛି। ଫଳରେ ଉପର ମୁଣ୍ଡରୁ ଜଳ ପ୍ରବାହ ହ୍ରାସ ପାଇବାରେ ଲାଗିଛି। ଚାଷ ଜମିକୁ ଜଳସେଚନରେ ବାଧକ ସାଜିଛି। ସ୍ଥାନୀୟ ଲୋକମାନଙ୍କ କହିବା କଥା, ଓରତ ଘାଟ ନିକଟରେ ସେତୁ ନିର୍ମାଣ କରାଯିବା ସମୟରେ ଖମ୍ବ ଖନନ ବେଳେ ବଡ଼ ବଡ଼ କ୍ରେନ୍‌ରେ ମାଟି ଖନନ କରି ଏହାକୁ ନିକଟରେ ଢାଳୁଥିଲେ। ଫଳରେ ମାଟି,ବାଲି ପଙ୍କ ଜମି କୁଦ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ପଠା ଦେଖିବାକୁ ମିଳିଥିଲା। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଓରତ ଘାଟ ନିକଟ ସେତୁର ଉଭୟ ପାର୍ଶ୍ୱରେ। କେତେକ ପଠାରେ ବଣ ବୁଦାଳିଆ ଜଙ୍ଗଲ ହୋଇଛି। ଫଳରେ ଏହି ପଠାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ ହେଉଥିବା ବେଳେ ବୁଦାମୂଳେ ବଉଳା କୁମ୍ଭୀରଙ୍କ ଆଡ୍ଡା ଜମିଥିବା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଗୋବରୀ ନଦୀରୁ କିଛିବର୍ଷ ପୂର୍ବେ ସ୍ଥାନୀୟ ଧୀବରମାନେ ବଡ ମାଛ ଭେଙ୍କୁ, ରୋହି, ଭାକୁର, ଖଙ୍ଗା, ଇଲିଶ, ଚିଙ୍ଗୁଡ଼ି ମାଛ ଓ କଙ୍କଡ଼ା ଆଦି ପ୍ରଚୁର ପରିମାଣରେ ଧରୁଥିଲେ। ଏବେ ନଦୀର ଜଳ ସ୍ରୋତ ହ୍ରାସ ପାଇବା ପରେ ନଦୀରୁ ମାଛ ସଂଖ୍ୟା ଆଶାନୁରୂପ ଭାବେ କମିଛି। ପୂର୍ବରୁ ଧୀବରମାନେ ଦୈନିକ ୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ମାଛ ଧରୁଥିଲେ। ଏବେ ନିଜ ମଜୁରି ଉଠୁନ ଥିବା କେତେଜଣ ଧୀବର କହିଛନ୍ତି।

ଅପରପକ୍ଷରେ ଏହି ନଦୀପଠାରେ ବର୍ଷ ସାରା ବିଭିନ୍ନ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ। ଅପରପକ୍ଷରେ ଏହି ଓରତ ଘାଟ ଡଙ୍ଗା ପାର କରିବା ପାଇଁ ଦୀର୍ଘବର୍ଷ ଧରି କେଉଁ ରାଜରାଜୁଡ଼ା ଅମଳରୁ ଯାତ୍ରୀବାହୀ ଡଙ୍ଗା ଚଳପ୍ରଚଳ କରିଥିଲା। ଏହି ଅଞ୍ଚଳର କେତେଜଣ ଉଦ୍ୟମୀ ଯୁବକ ଓରତ ଘାଟ ସେତୁ ସଂଘର୍ଷ କମିଟି ଗଠନ କରିବା ପରେ ୧୯୯୦ରୁ ୯୫ ମସିହାରେ ଜନତା ଦଳ ସରକାରଙ୍କ ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ତତ୍‌କାଳୀନ ପୂର୍ତ୍ତ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପରବର୍ତ୍ତୀ ସମୟରେ ଏହି ଓରତ ଘାଟଠାରେ ଏକ ଓରତ ଘାଟ ସେତୁ ଲୋକାର୍ପିତ ହୋଇଥିଲା। ଏହି ସେତୁ ନିର୍ମାଣ ହେବା ପରେ ବ୍ଲକର ୧୦ଟି ପଞ୍ଚାୟତର ଲୋକମାନଙ୍କ ସିଧାସଳଖ ବ୍ଲକ ମୁଖ୍ୟ କାର୍ଯ୍ୟାଳୟକୁ ଯାତାୟାତର ସୁବିଧା ହେଲା। ଏହି ସେତୁ ଦେଇ ରାଜନଗର ଓ ପଙ୍ଗାମୁଣ୍ଡାଇ ଅଞ୍ଚଳକୁ ସିଧାସଳଖ ଗମନାଗମନ ହୋଇପାରୁଛି। ସ୍ଥାନୀୟ ଲୋକମାନେ କହିଛନ୍ତି, ସେତୁ ୨ ପାର୍ଶ୍ୱରେ ଥିବା ମାଟି ବାଲି ପଙ୍କ ଖନନ ବା ଡ୍ରେଜିଂ କରାଗଲେ, ନଦୀ ଜଳ ସ୍ରୋତ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବ। ଫଳରେ ଚାଷ ଜମିକୁ ଜଳସେଚନ ସୁବିଧାରେ ମିଳିବ ବୋଲି କେତେଜଣ ଚାଷୀ କହିଛନ୍ତି। ଏହି ନଦୀକୂଳିଆ ଲୋକମାନଙ୍କର ସ୍ନାନ କରିବାକୁ ବଉଳା କୁମ୍ଭୀର ଆକ୍ରମଣ ଭୟ ରହିଛି ବୋଲି କୁହାଯାଇଛି। ଏହି ନଦୀଘାଟ ନିକଟ ବାଲି ପଙ୍କ ମାଟି ପଠା ଡ୍ରେଜିଂ କରାଯିବା ସମ୍ପର୍କରେ କେନ୍ଦ୍ରାପଡା ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଉକ୍ତ ଘାଟ ନିକଟରେ ପଠା ହୋଇଥିବା ନେଇ ଖବର ନାହିଁ। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଓରତ ଘାଟ ସେତୁ ନିକଟ ଉଭୟପାର୍ଶ୍ୱରେ ଗୋବରୀ ନଦୀ ମଝିରେ ପଠା।

⌈ ନଂ. ଏ (୧) କେନାଲ ବନ୍ଧ ଭାଙ୍ଗିଲା

ଡେରାବିଶ ୨୩।୭ (ବେବର୍ତ୍ତା ଅଜୟ ଦାସ)

ଜଳସମ୍ପଦ ବିଭାଗକୁ ଦାୟୀ କଲେ ଚାଷୀ

କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଛତା ଉପଖଣ୍ଡ ଅଧୀନ ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ବେଲାରପୁର ନିକଟରେ ରବିବାର ସନ୍ଧ୍ୟାରେ ⌈ ନଂ. ଏ(୧) କେନାଲ ବନ୍ଧ ଭାଙ୍ଗି ଯାଇଛି। ବର୍ଷାର ଲୁଚକାଳି ଖେଳ ଚଳିତ ଖରିଫ ଚାଷ ପାଇଁ ଚାଷଜମିରେ ପାଣିର ଆବଶ୍ୟକତା ଥିବା ବେଳେ ଚଳିତ ସପ୍ତାହରେ ପ୍ରତ୍ୟେକ କେନାଲକୁ ସଫା କରାଯାଇ ପାଣି ଛଡ଼ା ଯାଇଥିଲା। ମାତ୍ର ସନ୍ଧ୍ୟାରେ କେନାଲ ବନ୍ଧରେ ୧୫ ଫୁଟର ଘାଇ ହେବା ଯୋଗୁ ବିହନ ବୁଣିବା ପାଇଁ ପାଣିକୁ ଅପେକ୍ଷା କରିଥିବା ଚାଷୀ ନିରାଶ ହୋଇଛନ୍ତି। ତେବେ ବେଲାରପୁର ଅଞ୍ଚଳର ଅଗ୍ରଣୀ ଚାଷୀ ଦିଗମ୍ବର ମିଶ୍ର କହିଛନ୍ତି, ଜଳସମ୍ପଦ ବିଭାଗର ଅପାରଗତା ପାଇଁ ଏଭଳି ସମସ୍ୟା ଦେଖାଦେଇଛି। ପୂର୍ବରୁ କେନାଲ୍ ସଫା କରିବା ଓ କେନାଲରେ ପାଣି ଛାଡ଼ିବା ନେଇ ବିଭାଗ ପକ୍ଷରୁ ବିଳମ୍ବ ହେଉଥିବା ବେଳେ ରବିବାର କେନାଲ ବନ୍ଧ ଭାଙ୍ଗିବା ବିଭାଗର ଅପାରଗତାକୁ ପଦାରେ ପକାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଭାଙ୍ଗି ଯାଇଥିବା କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରଯିବ ବୋଲି ସେ କହିଛନ୍ତି।

କେନାଲରେ ପାଣି ଆସିବା ପରେ ବନ୍ଧ ଭାଙ୍ଗି ଯାଇଛି।

ନିର୍ମାଣ ଶ୍ରମିକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଆଳି,୨୩।୭ (ବନମାଳୀ ସେନାପତି)

ପ୍ରମାଣପତ୍ର ସହ ନିର୍ମାଣ ଶ୍ରମିକମାନେ।

ଓଡ଼ିଶା ସରକାର ୨୦୦୯ ଠାରୁ ନିର୍ମାଣ ଶ୍ରମିକମାନଙ୍କ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଥିଲେ ମଧ୍ୟ ଆଳି ଓ ରାଜକନିକା ବ୍ଲକର ୪୦ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ୨୦୧୬-୧୭ ପର୍ଯ୍ୟନ୍ତ କେତେଜଣ ଶ୍ରମିକ ଏହି ଯୋଜନାର ସଫଳ ପାଇଥିଲେ। ଏହା ପରଠାରୁ ଜିଲା ଶ୍ରମ କାର୍ଯ୍ୟାଳୟର ଅସାଧୁ କର୍ମଚାରୀମାନଙ୍କ ଟାଳଟୁଳ ନୀତି ଯୋଗୁ ଶ୍ରମିକମାନେ ସେମାନଙ୍କ ନ୍ୟାଯ୍ୟ ଦାବିରୁ ଅବହେଳିତ ହୋଇଛନ୍ତି। ତେଣୁ ଆଳି, ରାଜକନିକାର ନିର୍ମାଣ ଶ୍ରମିକମାନଙ୍କ ପକ୍ଷରୁ ଧନେଶ୍ୱର ରାଉତ, ସୁହାନା ବେଗମ, ଅର୍ଜୁନ ସାହୁ ଓ ବିଚିତ୍ର ରାଉତ ପ୍ରମୁଖ ଡ଼ାକ ଯୋଗେ ସେମାନଙ୍କ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେମାନେ ପ୍ରେରଣ କରିଥିବା ⌈ ଦଫା ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ୪ ବର୍ଷ ହେଲା ଆବେଦନ ପରେ ବି ସାଇକେଲ, ଯନ୍ତ୍ରପାତି, ନିରାପତ୍ତା ଉପକରଣ ଓ କନ୍ୟା ବିବାହ ସହାୟତା ମିଳିନାହିଁ ତୁରନ୍ତ ସେମାନଙ୍କୁ ପ୍ରଦାନ କରାଯାଉ, ମୃତ୍ୟୁ ହେଉଥିବା ଶ୍ରମିକମାନଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉ, ମାଟରନିଟି ବେନିଫିଟ ଓ ଶିକ୍ଷା ସହାୟତା ଦିଆଯାଉ, ଗୃହ ନିର୍ମାଣ ସହାୟତା ରାଶି ପ୍ରଦାନ କରାଯାଉ, କରୋନା ସମୟରେ ନିର୍ମାଣ ଶ୍ରମିକ ପାଇଁ ଆସିଥିବା ଅର୍ଥ ରାଶି ଏପର୍ଯ୍ୟନ୍ତ ମିଳିନାହିଁ ସେଥିପାଇଁ ବିହିତ ପଦକ୍ଷେପ ନିଆଯାଉ। ପ୍ରକୃତ ନିର୍ମାଣ ଶ୍ରମିକମାନଙ୍କର ସୁବିଧା ସୁଯୋଗ ରୋକାଯାଇଛି।

ସେମାନେ ଏହାର ଏକ ନକଲ ୫-ଟି ସଚିବ, କେନ୍ଦ୍ରାପଡ଼ା ଜିଲାପାଳ, ଆଳି, ରାଜନଗର, ପାଟକୁରା ଓ କେନ୍ଦ୍ରାପଡ଼ାର ବିଧାୟକ, ଆଳି ଓ ରାଜକନିକାର ବିଡିଓଙ୍କୁ ପାଖକୁ ପଠାଯାଇଛି। ଏ ନେଇ ଜିଲା ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲଙ୍କୁ ପଚାରିବାରୁ ଆଳିରୁ ନିର୍ମାଣ ଶ୍ରମିକମାନେ ଯେଉଁ ଅଭିଯୋଗ ଆଣିଛନ୍ତି ସେଭଳି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନାହିଁ। ଶ୍ରମିକମାନେ ଝିଅ ବାହାଘର ହେଉ କିମ୍ବା କେହି ମୃତ୍ୟୁ ବରଣ କଲେ ଅନ୍‌ଲାଇନରେ ଆବେଦନ କରିବା ଆବଶ୍ୟକ। କିନ୍ତୁ ସେଭଳି କୌଣସି ଅଭିଯୋଗ ଆସିନାହିଁ। ଯଦି ସେମାନେ ଅଭିଯୋଗ ଆଣିଛନ୍ତି ତେବେ ଏହି ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଡେରାବିଶ ମାଟିକୁ ଗର୍ବିତ କଲେ ସ୍ମୃତିରେଖା

ଡେରାବିଶ, ୨୩।୭ (ବେବର୍ତ୍ତା ଅଜୟ ଦାସ)

ଅନ୍ତର୍ଜାତୀୟ ଯୋଗ ଚାମ୍ପିୟନ, ଜାତୀୟ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ

ଡେରାବିଶ ବ୍ଲକ ଓ କେନ୍ଦ୍ରାପଡ଼ା ଜିଲାକୁ ପୁଣିଥରେ ସଂସ୍କୃତି ଓ ଯୋଗ ପ୍ରତିଯୋଗିତାରେ ବ୍ଲକ ଅଧୀନସ୍ଥ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗାଁର ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିରେଖା ପାଣି(୧୫) ଗୌରବ ଆଣିଛନ୍ତି। ସ୍ଥାନୀୟ ଭଗବତୀ ସରକାରୀ ଉଚ୍ଚ ନୋଡାଲ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା କେନ୍ଦ୍ରାପଡ଼ା ଯୋଗ ବେଦାନ୍ତ କେନ୍ଦ୍ରରେ ଯୋଗାଭ୍ୟାସ କରୁଥିବାବେଳେ କୋଲକାତାରେ ରବିବାର ଅନୁଷ୍ଠିତ ହୋଇଥିବା ନବମ ଅନ୍ତର୍ଜାତୀୟ ଯୋଗ ମହୋତ୍ସବରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ସାଇ କାପ୍ରା ଫ୍ରେଣ୍ଡସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ମହୋତ୍ସବରେ ସ୍ମୃତିରେଖାଙ୍କୁ ରବିବାର ସମ୍ମାନିତ କରାଯାଇଛି। ତେବେ ମେ ୨୩ରେ ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ନବମ ସର୍ବଭାରତୀୟ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ମହୋତ୍ସବରେ ଭାଗନେଇ ସ୍ମୃତିରେଖା ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ। ସେହିପରି କୋଲକାତାରେ ଜୁନ ୨୭ରେ ଅନୁଷ୍ଠିତ ଜାତୀୟ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ସ୍ମୃତିରେଖା କୃତିତ୍ୱ ଅର୍ଜନ କରି ଡେରାବିଶ ବ୍ଲକ ଓ କେନ୍ଦ୍ରାପଡା ଜିଲାକୁ ଗର୍ବିତ କରିଛନ୍ତି। ରୟାଲ ଡ୍ୟାନ୍ସ ଗ୍ରୁପର ଛାତ୍ରୀ ଭାବେ ଉଭୟ ଅହମ୍ମଦାବାଦ ଓ କୋଲକାତାରେ ସ୍ମୃତିରେଖା ଭାଗ ନେଇଥିଲେ। ତେବେ ଏହି ଖବର ଜଣାପଡ଼ିବା ପରେ ସ୍ମୃତିରେଖାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି। ବାପା କୈଳାସ ଚନ୍ଦ୍ର ପାଣି, ମାଆ ପ୍ରଜ୍ଞା ପ୍ରାରମ୍ଭିକା, ଅଜା ନିରଞ୍ଜନ ଦାଶ ଓ ଆଈ ଗୀତାଞ୍ଜଳି ନିଜର ପ୍ରତିକ୍ରିୟାରେ ସ୍ମୃତିରେଖା ଜଣେ ଭଲ ଛାତ୍ରୀ ବୋଲି କହିଛନ୍ତି। ନୃତ୍ୟ ଓ ଯୋଗାଭ୍ୟାସ ପ୍ରତି ଥିବା ରୁଚି ପାଇଁ ପରିବାର ପକ୍ଷରୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି।

ସ୍ମୃତିରେଖା ପାଣି

ଡାଙ୍ଗମାଳଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ବୈଠକ

ରାଜନଗର,୨୩।୭ (ଭାସ୍କର ରାଉତରାୟ)

ତୃଣମୂଳ ସ୍ତରରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ରବିବାର ରାଜନଗର ବ୍ଲକର ଡାଙ୍ଗମାଳଠାରେ ବ୍ଲକ ବିଜେଡି ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଏବଂ ଅଞ୍ଚଳରେ ଚାଲିଥିବା ଉନ୍ନତିମୂଳକ କାମ ସମ୍ପର୍କରେ ଦଳର ସଭାପତି ଓ ଆଗଧାଡିର କର୍ମୀମାନଙ୍କୁ କହିବା ସହ ଲୋକମାନଙ୍କର କେଉଁଠି ସମସ୍ୟା ରହିଛି, କେଉଁ ୱାର୍ଡରେ କେଉଁ କାମର ଆବଶ୍ୟକତା ରହିଛି, ଲୋକମାନଙ୍କ ପାଖକୁ ଯାଇ ସେହି ୱାର୍ଡର ସମସ୍ୟା ବୁଝିବା ସହ ସମାଧାନ କରିବାକୁ କହିଥିଲେ। ବୈଠକରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ସଭାପତି, ସରପଞ୍ଚ, ସମିତିସଭ୍ୟ ନିଯୁକ୍ତ ହୋଇଥିବା ଦଳର ପର୍ଯ୍ୟବେକ୍ଷକମାନେ ବୈଠକରେ ଯୋଗ ଦେଇଥିଲେ। ୩୧ ନଂ. ଜୋନରୁ ନିରଞ୍ଜନ ରାଉତ, ୩୨ନଂ. ଜୋନରୁ ଲକ୍ଷ୍ମୀଧର ବାରିକ ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଛନ୍ତି। ମନୋରଞ୍ଜନ ମଣ୍ଡଳ, ଗଣେଶ ଚନ୍ଦ୍ର ଗୁଡିଆ, ରମେଶ ଚନ୍ଦ୍ର ବେହେରା, କାନ୍ତିଲତା ବେହେରା, ମୋହନ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସେଠୀ, ରାକେଶ ନାୟକ, ଆର୍ତ୍ତବନ୍ଧୁ ମହାନ୍ତି, ସରୋଜ କୁମାର ରାଉତ, ସଞ୍ଜୟ କୁମାର ସ୍ୱାଇଁ, ବାବାଜୀ ମିଶ୍ର, ପ୍ରଶାନ୍ତ କୁମାର ରାଉତ, ରବିନ୍ ମଲ୍ଲିକ, ବାସନ୍ତୀ ଜେନା, ଗିରିଶ ନାୟକ, ଖଗେଶ୍ୱର ଲେଙ୍କା, କରୁଣାକର ସ୍ୱାଇଁ, ଘନଶ୍ୟାମ ଜେନା, ନରହରି ଜେନା, ଜୟନ୍ତ ପରିଡା, ଅରୁଣ କୁମାର ସାହୁ, ନିମାଇଁ ରାଉତ, ରାଧାକାନ୍ତ ରାଉତରାୟ, ପତିତ ପାବନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପର୍ଯ୍ୟବେକ୍ଷକମାନେ ପଞ୍ଚାୟତଗୁଡ଼ିକରେ ବୈଠକ କରି ବିଭିନ୍ନ ୱାର୍ଡରେ ଥିବା ସମସ୍ୟା ବୁଝିବା ସହ ଦଳର ସଂରକ୍ଷଣ, କିପରି ମଜଭୁତ ହେବ ସେ ନେଇ ଖସଡ଼ା ପ୍ରସ୍ତୁତ କରିବେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ନିରଞ୍ଜନ ରାଉତ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗଦେଇ ଦଳର ସଙ୍ଗଠନ ମଜଭୁତ କିପରି ହେବ, ସେ ନେଇ ମତ ରଖିଥିଲେ।

ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ନେତାମାନେ।

ବାହ୍ୟ ମଳମୁକ୍ତ ଗାଁ ଯୋଜନା ବାଟବଣା

କେନ୍ଦ୍ରାପଡ଼ା, ୨୩।୭(ଜଗନ୍ନାଥ ଧଳ)

ବାହ୍ୟ ମଳମୁକ୍ତ ଫଳକ ଲଗାଯାଇଛି।

ମଳ ଲାଗି ନିର୍ମିତ ଟାଙ୍କିରେ କଂକ୍ରିଟ ସ୍ଲାବ୍ ନାହିଁ, ଅବ୍ୟବହୃତ ପାଇଖାନା।

ପାଇଖାନା ନ ଥାଇ ଅର୍ଥ ଆତ୍ମସାତ୍

କେନ୍ଦ୍ରପଡ଼ା ଜିଲା ପଙ୍ଗାମୁଣ୍ଡାଇ ଅଞ୍ଚଳରେ ଫେଲ୍ ମାରିଛି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ପରିମଳ ଯୋଜନା। ପାଇଖାନା ନିର୍ମାଣ ନ ହୋଇ ଲକ୍ଷାଧିକ ଟଙ୍କା ପୁରସ୍କାର ଅର୍ଥ ଆତ୍ମସାତ୍ ହୋଇଛି। ଗାଁ ମୁଣ୍ଡରେ ବାହ୍ୟ ମଳମୁକ୍ତ ଅଞ୍ଚଳ ବୋଲି ଘୋଷଣା କରାଯାଇ ସବୁଆଡେ ଫଳକ ମରାଯାଇଛି। ଅଧିକାଂଶ ଗାଁରେ ପାଇଖାନା ନିର୍ମାଣ ହୋଇ ନ ଥିବା ବେଳେ କାଗଜକଲମରେ ସବୁ କିଛି ଠିକ୍ ଚାଲିଥିବା କୁହାଯାଇଛି।

ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ପ୍ରାୟ ୯ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯାହାର ଉଦ୍ଦେଶ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ ପ୍ରତି ତାଙ୍କର ୧୫୦ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦେଶକୁ ବାହ୍ୟ ମଳମୁକ୍ତ କରିବା। ଏ ନେଇ ସ୍ୱଚ୍ଛ ପରିମଳ ଯୋଜନା ଅନୁଯାୟୀ, ସମସ୍ତ ପରିବାରରେ ପାଇଖାନା ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଯେଉଁ ହିତା

ସଂକ୍ଷେପରେ

କୁସୁମୀ ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଓଡଗାଁ,୨୩।୭(ଆଦର୍ଶ କୁମାର ପଟ୍ଟନାୟକ): ରବିବାର ସକାଳୁ ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ବିଲମାନପୁର ନିକଟରୁ ରବିବାର ଜଣେ ବୃଦ୍ଧଙ୍କ ମୃତଦେହ କୁସୁମୀ ନଦୀରୁ ଭାସି ଯାଉଥିବା ବେଳେ ଉଦ୍ଧାର କରାଯାଇଛି। ମୃତକ ସ୍ଥାନୀୟ ପାଇକସାହିରେ କାଶୀନାଥ ପ୍ରଧାନ(୭୫)ବୋଲି ଚିହ୍ନଟ ହୋଇଛି। ସେ ସକାଳୁ ଶୌଚ ହେବାକୁ ନଦୀକୁ ଯାଇଥିବା ବେଳେ ସମ୍ଭବତଃ ଅସାବଧାନତା ବଶତଃ ଗୋଡ଼ ଖସି ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିବା ଆଲୋଚନା ହେଉଛି। ପୋଲିସ ଓ ଅଗ୍ନିଶମ ବାହିନୀ ବୃଦ୍ଧଙ୍କୁ ଉଦ୍ଧାର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବଳାତ୍କାର କରି ଜେଲ ଗଲେ ଅଧ୍ୟାପକ

ନୟାଗଡ଼,୨୩।୭(ଲୋକନାଥ ମିଶ୍ର): ବଳାତ୍କାର କରିବା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ସ୍ଥାନୀୟ ଏକ କଲେଜର ଗଣିତ ଅଧ୍ୟାପକ ମନୋଜ କୁମାର ହୋତା(୪୮)ଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଧ୍ୟାପକଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ପୁରା ସତ୍ୟବାଦୀର ମନୋଜ ନୟାଗଡର ଏକ କଲେଜରେ ଅଧ୍ୟାପକ ଭାବେ ଚାକିରି କରି ନୟାଗଡ଼ର ବାରମାସୀ ଦଣ୍ଡାରେ ରହୁଥିଲେ। ସେ ସିଟି କରୁଥିବା ଜଣେ ଛାତ୍ରୀଙ୍କୁ ଘରକୁ ଡକାଇ ଅସଦାଚରଣ ଓ ବଳାତ୍କାର କରିଥିଲେ। ଏପରିକି ବିବାହ କରିବାକୁ ଚାପ ପ୍ରୟୋଗ କରୁଥିଲେ। ଯୁବତୀ ଜରକ ଅରାଜି ହେବା ପରେ ଏକ ଭିଡିଓ ମଧ୍ୟ ଭାଇରାଲ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୧୨୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

୮କେଜି ଗଞ୍ଜେଇ ଜବତ, ବ୍ୟବସାୟୀ ଜେଲ୍ ଗଲେ

ରଣପୁର, ୨୩।୭ (ସୁକାନ୍ତ କିଶୋର ଡାକୁଆ): ନୟାଗଡ ଜିଲା ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ରବିବାର ରାଜସୁନାଖେଳା ଛକଠାରୁ ୮ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଗୋଛାପଡା ଥାନା କାତ୍ରିଙ୍ଗିଆ ଗ୍ରାମର ହେମନ୍ତ କୁମାର ବେହେରା(୩୫)ଙ୍କୁ ରଣପୁର ସବଜେଲ୍‌କୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ କାତ୍ରିଙ୍ଗିଆ ଗ୍ରାମର ହେମନ୍ତ କନ୍ଧମାଳରୁ ଏକ ବସ୍ ଯୋଗେ ଏକ ବସ୍ତାରେ ୮କେଜି ଗଞ୍ଜେଇ ନେଇ ସୁନାଖଳା ବଜାର ଉପରେ ଓହ୍ଲାଇଥିଲେ। ଖବରପାଇ ରଣପୁର ଅବକାରୀ କର୍ମଚାରୀମାନେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଛକଠାରେ ଜଗି ରହିଥିଲେ। ହେମନ୍ତ ବସରୁ ଓହ୍ଲାଇବା ମାତ୍ରେ ତାକୁ ଅବକାରୀ ବିଭାଗ କର୍ମଚାରୀ କାବୁ କରି ନେଇଥିଲେ। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ ପରେ ଜେଲ୍ ପଠାଯାଇଛି।

ପିଇବା ପାଣି ପାଇଁ ବେଣାଗାଡ଼ିଆବାସୀ ହନ୍ତସନ୍ତ

- ୨୩ ଦିନ ହେଲା ଜଳ ଯୋଗାଣ ବନ୍ଦ
- ଅଭିଯୋଗ ପ୍ରତି ଉଦାସୀନ ପଞ୍ଚାୟତ କର୍ତ୍ତୃପକ୍ଷ

ଖଣ୍ଡପଡା,୨୩।୭ (ଅଜୟ କୁମାର ମହାରଣା)

ବାରମ୍ବାର ଯାନ୍ତ୍ରିକ ତ୍ରୁଟି ସହ ପାନୀୟ ଜଳ ପ୍ରକଳ୍ପର ପରିଚାଳନାଗତ ତ୍ରୁଟି ଯୋଗୁ ବିଭିନ୍ନ ସମୟରେ ବେଣାଗାଡିଆବାସୀ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୁଲାଇ ୧୦ାରୁ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଦୀର୍ଘ ୨୩ ଦିନ ହେବ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ବର୍ଷର ବିଭିନ୍ନ ସମୟରେ ପାନୀୟ ଜଳ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ି ହେଉ ଅବା ବିଦ୍ୟୁତ୍ ମଟର ପୋଡ଼ିବା ସହ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରକଳ୍ପଟି ମାସାଧିକ କାଳ ଅଚଳ ହୋଇପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛ।

ସୂଚନାଯୋଗ୍ୟ ଉକ୍ତ ପ୍ରକଳ୍ପଟି ଦୀର୍ଘ ୭ ମାସ କାଳ ବନ୍ଦ ରହିବା ପରେ ଚଳିତବର୍ଷ ଜାନୁୟାରୀରୁ ବେଣାଗାଡିଆବାସୀଙ୍କୁ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ତେବେ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ପୁର୍ନବାର ଏହି ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଦୀର୍ଘ ୨୦ ଦିନ ପରେ ଜୁନ ୧୬ ତାରିଖରେ ସ୍ୱାଭାବିକ ହୋଇଥିଲା। ଏହି ସମୟ ମଧ୍ୟରେ ଅଞ୍ଚଳବାସୀ ବିଭିନ୍ନ ଜଳଉତ୍ସରୁ ପାଣି ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଲୋକେ ନିକଟସ୍ଥ ନଦୀ, କୂଅ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡଯୁକ୍ତ ହୋଇଥିବାରୁ ଏ ପାଣିକୁ ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ୨୪ଟି ୱାର୍ଡ ତଥା ୭ଟି ମୌଜାକୁ ନେଇ ଗଠିତ ବେଣାଗାଡିଆ ପଞ୍ଚାୟତର କେବଳ ବେଣାଗାଡିଆ ଗ୍ରାମ ଅନ୍ତର୍ଭୁକ୍ତ ୧, ୨, ୩ ଓ ୪ନଂ. ୱାର୍ଡର ପ୍ରାୟ ୨ ହଜାର ଲୋକଙ୍କ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି ପ୍ରକଳ୍ପଟି ସ୍ଥାପିତ ହୋଇଛି। ତେବେ ବାରମ୍ବାର ଏହି ପ୍ରକଳ୍ପଟି ବିଭିନ୍ନ କାରଣ ଯୋଗୁ ଅଚଳ ହୋଇପଡୁଥିବା ଅଞ୍ଚଳବାସୀଙ୍କଠାରୁ ପ୍ରକାଶ। ତେବେ ଗ୍ରାମର ବସନ୍ତ କୁମାର ଗୋଚ୍ଛୀ, ଅକ୍ଷୟ କୁମାର ବିଶ୍ୱାଳ, ଗଗନ କୁମାର ରାଉତ, ବଭୂତ ମହାପାତ୍ର, ସୁକାନ୍ତ ସାସମଲ ପ୍ରମୁଖ ଗ୍ରାମରେ ଅଚଳ ପ୍ରକଳ୍ପ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ହୋତାଙ୍କୁ ପଚାରିବାରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ କର୍ତ୍ତୃପକ୍ଷଙ୍କର। ସରପଞ୍ଚ ବଳରାମଙ୍କୁ ପଚାରିବାରେ ବିଦ୍ୟୁତ୍ ତାରଗୁଡିକ ନଷ୍ଟ ହୋଇଯାଇଥିବାରୁ ପ୍ରକଳ୍ପଟି ଅଚଳ ଥିଲା। ପ୍ରାୟ ୩୬ ହଜାର ଟଙ୍କା ବ୍ୟୟରେ ବିଦ୍ୟୁତ ତା'ର କ୍ରୟ କରାଯାଇଛି। ସମ୍ପୃକ୍ତ ତାରଗୁଡ଼ିକ ଭୂମି ତଳେ ପୋତା ଯାଇ ମୋଟରରେ ସଂଯୋଗ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟ ପାଇଁ ୨ଜଣ ୱାର୍ଡ ସଭ୍ୟଙ୍କୁ ୮ ଦିନ ହେଲା ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅବହେଳା ପାଇଁ ଏପର ସମସ୍ୟା ଦେଖାଦେଇଥିବା ମଲ୍ଲକ ପ୍ରକାଶ କରିଛନ୍ତି। ତେବେ ଶ୍ରମିକ ମିଳୁ ନ ଥିବାରୁ ସୋମବାର କୌଣସି ମତେ କାର୍ଯ୍ୟ କରାଯିବ ବୋଲି ୧ ନଂ. ୱାର୍ଡ ସଭ୍ୟ ଆନିଆ ସାସମଲ ସୂଚନା ଦେଇଛନ୍ତି।

ଜିତୁ ପ୍ରଧାନ ହେଲେ ଓଡ଼ିଆ ବିଭାଗରେ ରାଜ୍ୟ ଟପ୍ପର

ଶରଣକୁଳ,୨୩।୭(ଦୀପକ କର)



ଚଳିତବର୍ଷ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କାର୍ଯ୍ୟକ୍ରମ ନାମ ଲେଖାଇବା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି-୨୦୨୩) ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆ ବିଭାଗରେ ଶରଣକୁଳ ଥାନା ଅନ୍ତର୍ଗତ କୁଶାପାଣ୍ଡେରୀ ଗ୍ରାମର ଶରତ ପ୍ରଧାନ ଓ ମା' ଝରିଙ୍କ ପୁଅ ଜିତୁ ପ୍ରଧାନ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିତୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଅନର୍ସ ବିଷୟ ନେଇ ଅଧ୍ୟୟନ କରୁଥିଲେ। ସେ ଓଡ଼ିଆ ବିଷୟରେ ସର୍ବାଧିକ ନମ୍ବର ଶତକଡ଼ା ୯୫.୭୬ ରଖି ଏହି ଅନ୍ୟ ସଫଳତା ହାସଲ କରିଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ.ଗୋବିନ୍ଦ ଚନ୍ଦ୍ର ଦାଶ, ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବାନାମ୍ବର ପୃଷ୍ଟି, ଅଧ୍ୟାପକ ସହଦେବ ବେହେରା, ଅଧ୍ୟାପକ ସଞ୍ଜୟ କୁମାର ସାହୁ, ଅଧ୍ୟାପକା ଡ. ବନ୍ଦୁଲତା ଷଣ୍ଢ, ଡ. ବଶିଷ୍ଟ ବେହେରା, ହରେକୃଷ୍ଣ ଦାଶ, ପ୍ରମୋଦ ବେହେରା, ଡ. ଜ୍ୟୋତ୍ସ୍ନାଞ୍ଜଳି ମଙ୍ଗରାଜ ପ୍ରମୁଖଙ୍କୁ ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ବେଳେ ଶରଣକୁଳ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ରାସ୍ତା ପାର୍ଶ୍ୱ ଶୁଖିଲା ଗଛ ପଥଚାରୀଙ୍କ ପାଇଁ ବିପଦ

ଖଣ୍ଡପଡ଼ା,୨୩।୭ (ଅଜୟ କୁମାର ମହାରଣା)

ବର୍ଷ ବର୍ଷ ଧରି ଖଲିସାହି-କୋସକା ରାସ୍ତାପାର୍ଶ୍ୱ ଆମ୍ବଗଛ ଗୁଡ଼ିକ ଶୁଖି ରହିଥିବାରୁ ତାହା ପଥଚାରୀ ଏବଂ ଯାତାୟାତ କରୁଥିବା ଯାନବାହନ ପ୍ରତି ବିପଦ ସୃଷ୍ଟି କରଛି। ଅପରପକ୍ଷରେ ଶୁଖିଲା ଗଛ ଗୁଡିକୁ କାଟିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛଗଗି।

ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି-କୋସକା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଅଁଳାପଟା ନିକଟରେ ଦୀର୍ଘଦିନ ହେଲା ଗଛ ଗୁଡ଼ିକ ଶୁଖି ଠିଆ ହୋଇଛି। ଅଦିନିଆ ବର୍ଷା କିମ୍ବା ଝଡ଼ ପବନରେ ସେଗୁଡିକରୁ ଶୁଖିଲା ଡ଼ାଳ ଖସି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଅଞ୍ଚଳବାସୀ ବାରମ୍ବାର ପୂର୍ତ୍ତ ବିଭାଗ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାଯାଇଛି। ସମୂହଙ୍କ ସ୍ୱାର୍ଥ ତଥା ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଥାଉକି ଖଲିସାହି-କୋସକା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ସମ୍ପର୍କରେ ରାସ୍ତାର ଉଭୟ ପାର୍ଶ୍ୱରୁ ଅନେକ ଗଛ କଟା ଯାଇଥିଲା। ମାତ୍ର ଅନ୍ୟ କେତେକ ବୃକ୍ଷକୁ କଟା ଯାଇ ନ ଥିବା ବେଳେ ଶୁଖି ଯାଇଥିବା ଗଛ ଗୁଡ଼ିକ ମଧ୍ୟ କଟା ଯାଇ ନ ଥିଲା। ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରେ ରାସ୍ତା ପାର୍ଶ୍ୱକୁ ଢ଼ଳି ରହୁଥିବା ଗଛର ଡ଼ାଳ ଇତ୍ୟାଦିକୁ କାଟି ସଫା କରାଯାଇଛି। ଗଛର ଗଣ୍ଡିକୁ କାଟିବାର ଦାୟିତ୍ୱ ବନ ବିଭାଗର । ତେବେ ଖଣ୍ଡପଡା ଆଇପକବନ୍ ଇଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶଙ୍କୁ ପଚାରିବାରେ ପୂର୍ତ ବିଭାଗ ଅଧୀନରେ ରହିଛି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ ଗୁଡିକ, ସମ୍ପୃକ୍ତ ବିଭାଗକୁ ଲିଖିତ ଅବଗତ କରିବା ପରେ ଏ ଦିଗରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଦାଶ ସୂଚନା ଦେଇଛନ୍ତି।

ଜଙ୍ଗଲରୁ ଗଳିତ ମୃତଦେହ ଜବତ

ନୟାଗଡ଼,୨୩।୭(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ନୟାଗଡ଼ ରେଲୱେ ଓଭର୍ ବ୍ରିଜରୁ ବାମପାର୍ଶ୍ୱରେ ଯାଇଥିବା ରାସ୍ତାର ଶେଷ ଆଡ଼କୁ ନିର୍ମାଣ ଚାଲିଥିବା ଇସ୍କନ ମଠ ପରିସରରୁ ରବିବାର ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଅଖିଳ ପାଇକରାୟ। ଘର ବଡ଼ଗୋଠ ଗାଁରେ। ଜଙ୍ଗଲରେ ମୃତଦେହ ପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ଅଖିଳ ଋଣ କରଜରେ ବୁଡ଼ି ରହିଥିଲେ। ଅବସ୍ଥା ସ୍ୱଚ୍ଛଳ ନ ହେବାରୁ ଟଙ୍କା ଅସୁଲ କରିବାକୁ ଆସୁଥିବା ଲୋକଙ୍କୁ ଭୟ କରି ଅନେକ ଦିନ ବାହାରେ ଲୁଚି ବୁଲୁଥିଲେ। ୪ ଦିନ ହେବ ଘରୁ ସେ କେଉଁଆଡ଼େ ଚାଲି ଯାଇଥିଲେ। ତେବେ ମୃତଦେହ ପଡ଼ିଥିବା ସ୍ଥାନରେ ବାଇକ୍ ଥୁଆ ହୋଇଥିବା ଖବରପାଇ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବିଧାର ଘଟଣାସ୍ଥଳକୁ ଯାଇଥିଲେ। ଗାଡ଼ି ଥୁଆ ହୋଇଥିବା ସ୍ଥାନକୁ ପଚା ଗନ୍ଧ ଆସିବାରୁ ସେ ଖାନତଲାସୀ କରି ନିର୍ମାଣାଧୀନ ମଠ ପରିସରରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ସଦର ଥାନା ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ମୃତଦେହକୁ ଜବତ କରିଛନ୍ତି।

ଫତେଗଡ଼ ଥାନାରେ ଆମ ପୋଲିସ ସମିତି ବୈଠକ

ଫତେଗଡ଼ ଥାନାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଛନ୍ତି ଜନସାଧାରଣ।

ଭାପୁର,୨୩।୭ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସୁଜିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାପୁର ବ୍ଲକର ୨୦ଟି ପଞ୍ଚାୟତର ବୁଦ୍ଧିଜୀବୀ, ଭାପୁର ବରିଷ୍ଠ ନାଗରିକ ସଂଘର ସଦସ୍ୟ, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ଥାନା ଅଞ୍ଚଳରେ ଗାଁ ଗହଳିର ସମସ୍ୟା ଉପରେ ଆଲୋଚନା କରିଥିଲେ। ଆମେ ନିଜେ ଆମର ସୁରକ୍ଷା ନେଲେ ପୋଲିସ ସମିତିର ଆବଶ୍ୟକତା ନାହିଁ ବୋଲି ମତପ୍ରକାଶ ପାଇଥିଲା। ଜନ ଗହଳି ସ୍ଥାନରେ ଅଯଥା ପାର୍କିଂ ନ କରିବା, ଦିନକୁ ଦିନ ସାଇବର ଅପରାଧ ବଢି ଚାଲିଥିବାରୁ ଏଥିପ୍ରତି ସଚେତନ ହେବା, ଗାଁ ଗହଳିରେ ଚାଲିଥିବା ଅସାମାଜିକ କାର୍ଯ୍ୟ ଉପରେ ପୋଲିସକୁ ସୂଚନା ଦେବା, ବିଭିନ୍ନ ସ୍ଥାନରେ ଚାଲୁଥିବା ଚୋରି, ଡକାୟତି ଓ ରାହାଜାନି ରୋକାଯିବା ପାଇଁ ପେଟ୍ରୋଲିଂ କଡାକଡି କରିବା, ଫତେଗଡ ଥାନା ଅଞ୍ଚଳର ଗାଁ ଗହଳିରେ ବ୍ରାଉନସୁଗାର, ଗଞ୍ଜେଇ, ଚୋରା ମଦ କାରବାର ଉପରେ ରୋକ ଲଗାଇବା ଉପରେ ଉପସ୍ଥିତ ବୁଦ୍ଧିଜୀବୀ ମତପ୍ରକାଶ କରିଥିଲେ। ଶିକ୍ଷାବିତ୍ ଲକ୍ଷ୍ମୀଧର ସାମନ୍ତରାୟ, ଫତେଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈକୁଣ୍ଠ ପ୍ରଧାନ, ଖବରନାତା ଗୀତିକାନ୍ତ ପଣ୍ଡା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ରମେଶ ଚନ୍ଦ୍ର ବରାଡ଼ ପ୍ରମୁଖ ଭାପୁର ଅଞ୍ଚଳରୁ ନିଶା କାରବାର ଉପରେ ଅଙ୍କୁଶ ଲଗାଇ ପାରିଲେ ବ୍ଲକରେ ଶାନ୍ତି ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଫତେଗଡ ଅଞ୍ଚଳର ସ୍ଥାନୀୟ ସମସ୍ୟା, ପୋଲିସ, ଜନସମ୍ପର୍କ ଆଦି ବିଷୟରେ ବିଶଦ ଚର୍ଚ୍ଚା ଓ ଆଲୋଚନା କରାଯାଇଥିଲା। ଯେକୌଣସି ସମୟରେ ଫତେଗଡ ଥାନାଧିକାରୀ ଓ ସବ୍ ଇନ୍ସପେକ୍ଟରଙ୍କ ସହ ଯୋଗାଯୋଗ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଥାନାର ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ ସଭା ପରିଚାଳନା କରିଥିବା ବେଳେ ଥାନାର ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

ଏଏସ୍‌ଆଇଙ୍କ ବଦଳି ନ ହେବାରୁ ଧାରଣା ଚେତାବନୀ

ପ୍ରମୁଖ ଶାସନ ସଚିବଙ୍କୁ ଫେରଦ୍ ହେଲେ ଚାନ୍ଦପୁର ବାସିନ୍ଦା

ରଣପୁର,୨୩।୭ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ପୋଲିସ ଜିଲାର ଚାନ୍ଦପୁର ଥାନା ଏଏସ୍‌ଆଇ ରମେଶ ବେହେରାଙ୍କ ବିରୋଧରେ ନାନା ପ୍ରକାରର ଅଭିଯୋଗ ଥିଲେ ମଧ୍ୟ ତାଙ୍କର ବଦଳି ହେଉ ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଏସ୍‌ଆଇଙ୍କର ବଦଳି କରା ନ ଗଲେ ଚାନ୍ଦପୁର ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ପ୍ରମୁଖ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଉପଆରକ୍ଷୀ ମହାନିର୍ଦ୍ଦେଶକ, ଆରକ୍ଷୀ ମହାନିର୍ଦ୍ଦେଶକ ଦୁର୍ନୀତି ନିବାରଣ ବିଭାଗକୁ ଅବଗତ କରାଯାଇଛି। ଚାନ୍ଦପୁର ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଚାନ୍ଦପୁର କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥ କଡରେ ଲୁହା ରଡ କାରବାର ଏବଂ କନ୍ଧ ନୂଆଗଡଠାରୁ ଆରମ୍ଭ କରି ଶ୍ରୀକୃଷ୍ଣପୁର ଅଞ୍ଚଳରେ ହେଉଥିବା ବେଆଇନ କିରୋସିନ ଓ ଡିଜେଲ କାରବାର କରୁଥିବା ଦୋକାନୀମାନଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଥାନାକୁ ଅଭିଯୋଗ କରିବାକୁ ଗଲେ ଅଭିଯୋଗକାରୀଙ୍କୁ ନାନା ପ୍ରକାରର ଧମକଚମକ ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି ଏଏସ୍‌ଆଇ। ସେହିପରି ସମ୍ପୃକ୍ତ ଏସ୍‌ଏଆଇଙ୍କର ଫତେଗଡ ଥାନାକୁ ବଦଳି ହୋଇଥିଲେ ମଧ୍ୟ ବଦଳି ବାତିଲ ହୋଇଛି। ଏଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି।

କବି ଗୌରାଙ୍ଗ ସ୍ତମ୍ଭକାର, ରାଜନେତା ଥିଲେ

ଶରଣକୁଳ, ୨୩।୭(ଦୀପକ କର)

ଖ୍ୟାତନାମା କବି, ସାହିତ୍ୟିକ, ସ୍ତମ୍ଭକାର, ଖବରଦାତା ତଥା ଜନପ୍ରିୟ ରାଜନେତା କବି ଗୌରାଙ୍ଗ ପ୍ରଧାନ(କନ୍ଦର୍ପ)ଙ୍କର ୮ମ ଶ୍ରାଦ୍ଧବାର୍ଷିକୀ ସଭା ରବିବାର ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆସ୍ଥ ଆଶ୍ରୟ ସମ୍ମିଳନୀ କକ୍ଷରେ କବି ଗୌରାଙ୍ଗ ପ୍ରଧାନ ସ୍ମୃତି ପରିଷଦ ଓ ଶରଣକୁଳ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଅନ

ତହସିଲ କାର୍ଯ୍ୟାଳୟ, ଟାଙ୍ଗୀ ଚୌଦ୍ୱାର

ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ)

ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ (ଗ୍ରୀନ୍‌ଫିଲ୍ଡ ହାଇୱେ), ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା-କଟକ

ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ 5829 (Act 48 of 1956)ର ଧାରା-୩ (G) ଉପଧାରା-(୩) ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. 2857(E) ତା ୩୦ ଜୁନ୍ ୨୦୨୩ ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା 2734, ତା. ୩୦.୬.୨୦୨୩ରିଖ ପ୍ରୋକ୍ତ ଆଇନର ଧରା-୩ (A)ରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର କଟକ ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ଚୌଦ୍ୱାର ତହସିଲର ଗ୍ରୀନ୍‌ଫିଲ୍ଡ ହାଇୱେର ସଂପ୍ରସାରଣ ପାଇଁ ଧାରା-୩ (D) ର ଉପଧାରା-୧ ମୁତାବକ ନିମ୍ନ ତପସିଲଭୁକ୍ତ ପ୍ଲଟ୍ ଅଧୀସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରିକୃତ କରି ଅଧିସୂଚନା ଜାରି ହୋଇଅଛି । ଯେହେତୁ ପ୍ରୋକ୍ତ ଆଇନର ଧାରା-୩ (G) ଉପଧାରା ୧, ୨, ୩, ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିତିକୃତ ହୋଇଥିବା ତପସିଲଭୁକ୍ତ ପ୍ଲଟ୍ ଅନୁସୂଚୀ ନିମିତ ସତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ (ବିକ୍ରି କବଳା, ଭାଗବଂଟରା, ଦାଖଲ ଖାରଜ, ଖଜଣାପାଉତି ଓ କିସମ ପରିବର୍ତ୍ତନ) ନିଜେ କିମ୍ବା ନିଜର ବିଧି ପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିବେ, ନଚେତ୍ ନିୟମନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ ।

ସ୍ୱା/- ତହସିଲଦାର ତଥା ଭୂଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ,
ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ), ଗ୍ରୀନ୍‌ଫିଲ୍ଡ ହାଇୱେ, ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା-କଟକ

MINISTRY OF ROAD TRANSPORT AND HIGHWAYS

NOTIFICATION

New Delhi, the 30th June, 2023

S.O. 2857(E).—Whereas by the notification of the Government of India in the Ministry of Road Transport and Highways, , published in the Gazette of India, Extraordinary, Part II, Section 3, Sub-section (ii) issued under sub- section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intension to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of Greenfield Highway in the stretch of land from Km. 94.052 to Km. 111.162 (At-Nimpur, PO-Jagatpur,Dist-Cuttack,) in the district of Cuttack in the state of ODISHA

And whereas the substance of the said notification has been published in "Dharitri" and "Pragatibadi" both dated 13.08.2022; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief description of the land to be acquired, with or without structure, falling within the Greenfield Highway in the stretch of land from Km. 94.052 to Km. 111.162 (At-Nimpur, PO-Jagatpur, Dist-Cuttack) in the district of Cuttack in the state of ODISHA.

ରାଜ୍ୟ : ଓଡ଼ିଶା ଜିଲ୍ଲା : କଟକ

କ୍ର. ନଂ.	ସର୍ଭେ ନମ୍ବର	ଜମିର ପ୍ରକାର	ଜମିର କିସମ	ଜମିର ରକବା (ହେକ୍ଟରରେ)	ଜମିର ମାଲିକ / ଆଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
ତହସିଲ : ଟାଙ୍ଗୀ ଚୌଦ୍ୱାର					
ଗ୍ରାମ : ଛତାବର					
୧	୩୦୩	ବେସରକାରୀ	ଶାରଦ ୨	୦.୦୦୮୧	ଗୋପିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପି. ବାସୁଦେବ ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ଅନାଦି ସ୍ୱାଇଁ, ଜାତି- ଓଡ ପଧାନ, ଗ୍ରାମ ନିଜଗାଁ ୩୦୩
୨	୩୦୪	ବେସରକାରୀ	ଶାରଦ ୨	୦.୦୨୭୬	ରାମ ସ୍ୱାଇଁ, କୃଷ୍ଣ ସ୍ୱାଇଁ, ପି. ବୃନ୍ଦାବନ ସ୍ୱାଇଁ, କେଳୁଚି ଦେଇ, ପି. ହରି ସ୍ୱାଇଁ, ହୃଦାନନ୍ଦ ସ୍ୱାଇଁ, ପି. ଦାମୋ ସ୍ୱାଇଁ, ଗୋରାଙ୍ଗ ସ୍ୱାଇଁ, ପି. ବିଶି ସ୍ୱାଇଁ, ପାଲଟୁ ସ୍ୱାଇଁ, ପି. ଦିନବନ୍ଧୁ ସ୍ୱାଇଁ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୩୦୪
୩	୩୦୫	ବେସରକାରୀ	ଶାରଦ ୨/୨	୦.୦୧୨	ଇନ୍ଦ୍ରମଣି ଜଟ, ପି. ସୁଧୀର ଜଟ, ନରହରି ଜଟ, ମାୟାଧର ଜଟ, ପି. ଚିନ୍ତାମଣୀ ଜଟ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୩୦୫
୪	୩୩୧	ବେସରକାରୀ	ଶାରଦ ୨	୦.୩୪୯	ସୁକାନ୍ତ ବାରିକ, ପ୍ରଶାନ୍ତ କୁମାର ବାରିକ, ପି. ଅନନ୍ତ ବାରିକ, ଜାତି- ଭଣ୍ଡାରୀ, ଗ୍ରାମ- ନିଜଗାଁ ୩୩୧
୫	୩୫୮	ବେସରକାରୀ	ଶାରଦ ୨	୦.୦୦୩୨	ଦିଗ ସାମଲ, ପି. ବନ୍ଧୁ ସାମଲ, ନାଥ ସାମଲ, ପି. ନିଧୀ ସାମଲ, ମଣି ସାମଲ, ପି. ସିନ୍ଧୁ ସାମଲ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୩୫୮
୬	୩୫୯	ବେସରକାରୀ	ଘରବାରି	୦.୦୨୨୩	ଗୋପିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପି. ବାସୁଦେବ ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ପି. ଅନାଦି ସ୍ୱାଇଁ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୩୫୯
୭	୩୬୩	ବେସରକାରୀ	ଶାରଦ ୨/୪	୦.୦୦୪	ଗୋପିନାଥ ଜଟ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ, ସୁଶୀଳା ଦେଇ, ପି. ବିଦ୍ୟାଧର ଜଟ, ଜାତି- ଓଡ ପ୍ରଧାନ, ଗ୍ରାମ- ଗୁରୁଜଙ୍ଗ ୩୬୩
୮	୩୬୪	ବେସରକାରୀ	ଶାରଦ ୨	୦.୦୫୯୬	ହିରେନ୍ଦ୍ରନାଥ ମଣ୍ଡଳ, ପି. ସୁରେନ୍ଦ୍ରନାଥ ମଣ୍ଡଳ, ଜାତି- ସୁବର୍ଣ୍ଣ ବଣିକ, ଗ୍ରାମ କହ୍ନେଇପୁର ୩୬୪
୯	୪୦୨	ବେସରକାରୀ	ଶାରଦ ୨/୨	୦.୦୮୦୯	ଗୋବିନ୍ଦ ଜଟ, ମାନୁ ଜଟ, ବାମନ ଜଟ, ଚକ୍ରଧର ଜଟ, ପି. ରାଧୁ ଜଟ, ପଦ୍ମନାଭ ଜଟ, ଶଙ୍କର୍ଷଣ ଜଟ, ଗଙ୍ଗାଧର ଜଟ, ପି. ରାହାସ ଜଟ, ଧୋବେଇ ଜଟ, ନଭେଇ ଜଟ, ପି. ମାଧୋଇ ଜଟ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୪୦୨
ଗ୍ରାମ : ବେଗୁନିଆଡିହ					
୧୦	୨୭୯	ବେସରକାରୀ	ଶାରଦ ୨	୦.୨୬୬	ବଂଶାଧର ଜଟି, ପି. ଭଞ୍ଜ ଜଟି, ପି- କୁମ୍ଭାର, ଗ୍ରାମ- ମାଧପୁର, ଥାନା- ସଲଗାଁ, ଗ୍ରାମ- କଟକ ୨୭୯/୫୯୧
୧୧	୪୫୧	ସରକାରୀ	ଗୋଚର	୦.୦୯୬୮	ରକ୍ଷିତ ୪୫୧
୧୨	୪୫୨	ସରକାରୀ	ରାସ୍ତା	୦.୦୬୩୮	ସର୍ବସାଧାରଣ ୪୫୨
୧୩	୪୭୪	ସରକାରୀ	ଗୋଚର	୦.୦୫୪୪	ରକ୍ଷିତ ୪୭୪
୧୪	୪୭୫	ବେସରକାରୀ	ଘରବାରି	୦.୦୦୨	ରଘୁ ସାହୁ, ପି. ଯୋଗି ସାହୁ, ପୁରୀ ସାହୁ, ପି. ଭାଗୀ ସାହୁ, ଜାତି- ତେଲି, ଗ୍ରାମ- ଜୟପୁର ୪୭୫
୧୫	୮୭	ବେସରକାରୀ	ଶାରଦ ୨	୦.୧୬୩୯	ପ୍ରବୋଧ କୁମାର ମହାପାତ୍ର, ପି. ବୁଦ୍ଧନାଥ ମହାପାତ୍ର, ଜାତି- ବ୍ରାହ୍ମଣ, ଗ୍ରାମ- ମହାନଦୀବିହାର, ଥାନା- ଚାଉଳିଆଗଞ୍ଜ, ଜିଲ୍ଲା- କଟକ ୮୭
ଗ୍ରାମ : ମାଧପୁର					
୧୬	୧୦୫୩/୧୦୯୦	ସରକାରୀ	ଗ୍ରାମ୍ୟ ଜଙ୍ଗଲ	୦.୦୦୨୫	ରକ୍ଷିତ ୧୦୫୩/୧୦୯୦
୧୭	୧୦୫୪	ସରକାରୀ	ଗ୍ରାମ୍ୟ ଜଙ୍ଗଲ	୦.୦୨୮୫	ରକ୍ଷିତ ୧୦୫୪
୧୮	୧୪୯	ବେସରକାରୀ	ଶାରଦ ୨	୦.୦୮୪	ଗୋପିନାଥ ତ୍ରିପାଠୀ, ପି. ଯୁଜିଷ୍ଠି ତ୍ରିପାଠୀ, ଜାତି- ବ୍ରାହ୍ମଣ, ଗ୍ରାମ- ସଖରା, ପିଦେଇ ଦିବ୍ୟ, ସ୍ୱା. କପିଳ ପଣ୍ଡା, ଜାତି- ବ୍ରାହ୍ମଣ, ଗ୍ରାମ- ନିଜଗାଁ ୧୪୯
୧୯	୧୬୩	ବେସରକାରୀ	ଶାରଦ ୨	୦.୦୦୬	ପୂର୍ଣ୍ଣଚନ୍ଦ୍ର ଶତପଥୀ, ପି. ରାଧାନାଥ ଶତପଥୀ, ଗ୍ରାମ- ମାଧପୁର, ଜିଲ୍ଲା- କଟକ, ମାତା ମହତିଶ ଶାନ୍ତି ଦେବୀ ୧୬୩
୨୦	୨୦୨	ବେସରକାରୀ	ଶାରଦ ୩	୦.୦୬୩୨	ମୁରଲିଧର ସାହୁ, ପି. ଭୋଳି ସାହୁ, ଜାତି- ତେଲି, ଗ୍ରାମ- ଜଇପୁର ୨୦୨
୨୧	୨୦୩	ସରକାରୀ	ରାସ୍ତା	୦.୦୮୪	ସର୍ବସାଧାରଣ ୨୦୩
୨୨	୨୦୪	ବେସରକାରୀ	ପତିତ	୦.୦୦୫୫	ମନୋଜ କୁମାର ପଣ୍ଡା, ପି. ଜୟରାମ ପଣ୍ଡା, ଜାତି- ବ୍ରାହ୍ମଣ, ଗ୍ରାମ- ବିଦ୍ୟାଧରପୁର, ଥାନା- ଚାଉଳିଆଗଞ୍ଜ, ଜିଲ୍ଲା- କଟକ ୨୦୪
୨୩	୪୯୫	ସରକାରୀ	ନାଳ	୦.୦୦୨	ରକ୍ଷିତ ୪୯୫
୨୪	୯୦୬	ସରକାରୀ	ନାଳ	୦.୦୧୪୨	ରକ୍ଷିତ ୯୦୬
୨୫	୯୦୭	ବେସରକାରୀ	ଶାରଦ ୨	୦.୦୧୪୫	ଘନଶ୍ୟାମ ଜେନା, ଗୁଣ ଜେନା, ପି. ଅନୁ ଜେନା, କାହ୍ନୁ ଜେନା, ଚିନ୍ତେଇ ଜେନା, ପି. ଆରି ଜେନା, କନିକା ଦେଇ, ବନିକା ଦେଇ, ପି. ବୁରୁନନୁ ଜେନା, ଜାତି- ଓଡ ପଧାନ, ଗ୍ରାମ: ନିଜଗାଁ ୯୦୭
୨୬	୯୮୩	ବେସରକାରୀ	ଶାରଦ ୨	୦.୦୦୮	ଘନଶ୍ୟାମ ଜେନା, ଗୁଣ ଜେନା, ପି. ଅନୁ ଜେନା, କାହ୍ନୁ ଜେନା, ଚିନ୍ତେଇ ଜେନା, ପି. ଆରି ଜେନା, କନିକା ଦେଇ, ବନିକା ଦେଇ, ପି. ବୁରୁନନୁ ଜେନା, ଜାତି- ଓଡ ପଧାନ, ଗ୍ରାମ: ନିଜଗାଁ ୯୮୩
୨୭	୯୮୪	ବେସରକାରୀ	ଶାରଦ ୨	୦.୦୦୪	ଘନଶ୍ୟାମ ଜେନା, ଗୁଣ ଜେନା, ପି. ଅନୁ ଜେନା, କାହ୍ନୁ ଜେନା, ଚିନ୍ତେଇ ଜେନା, ପି. ଆରି ଜେନା, କନିକା ଦେଇ, ବନିକା ଦେଇ, ପି. ବୁରୁନନୁ ଜେନା, ଜାତି- ଓଡ ପଧାନ, ଗ୍ରାମ: ନିଜଗାଁ ୯୮୪
୨୮	୯୮୫	ବେସରକାରୀ	ଶାରଦ ୩	୦.୦୦୬୮	ଘନଶ୍ୟାମ ଜେନା, ଗୁଣ ଜେନା, ପି. ଅନୁ ଜେନା, କାହ୍ନୁ ଜେନା, ଚିନ୍ତେଇ ଜେନା, ପି. ଆରି ଜେନା, କନିକା ଦେଇ, ବନିକା ଦେଇ, ପି. ବୁରୁନନୁ ଜେନା, ଜାତି- ଓଡ ପଧାନ, ଗ୍ରାମ: ନିଜଗାଁ ୯୮୫
୨୯	୯୯୭	ବେସରକାରୀ	ଶାରଦ ୨/୩	୦.୦୧୪୩	କୃଷ୍ଣ ବେହେରା, ପି. ନିତ୍ୟାନନ୍ଦ ବେହେରା, ଜମ୍ବୁ ବେହେରା, ପି. ବନମାଳୀ ବେହେରା, କ୍ଷେତ୍ରବାସୀ ବେହେରା, ପି. ବାଳୁ ବେହେରା, ଗୌରାଙ୍ଗ ବେହେରା, ପି. ଶ୍ୟାମ ବେହେରା, ଗଙ୍ଗାଧର ବେହେରା, ପି. ଆନନ୍ଦ ବେହେରା, ବାର ବେହେରା, ପି. ରାଜୁ ବେହେରା, ବାବାଜୀ ବେହେରା, ପି. ଫଗୁ ବେହେରା, ଜାତି- କୈବର୍ତ୍ତ, ଗ୍ରାମ- ନିଜଗାଁ ୯୯୭
୩୦	୯୯୮	ବେସରକାରୀ	ଶାରଦ ୩	୦.୦୦୫	ରଘୁ ସେନାପତି, ପି. କୁଶୁନ ସେନାପତି, ଜାତି- କୁମ୍ଭାର, ଗ୍ରାମ- ବିଡାନାସୀ ୯୯୮
ଗ୍ରମା : ଝାନମିରା					
୩୧	୧୧୨	ବେସରକାରୀ	ଶାରଦ ୨/୫	୦.୦୧୬୩	କଣ୍ଟୁରି ଦାସ, ପି. ସଦେଇ ଦାସ, ଗ୍ରାମ- ବ୍ରାହ୍ମଣ, ଗ୍ରାମ- କହ୍ନେଇପୁର ୧୧୨
୩୨	୧୧୩	ବେସରକାରୀ	ଶାରଦ ୨/୫	୦.୦୫୧	ସୁନି ଦେଓ, ସ୍ୱା. ବନମାଳୀ ବାଲ, ଜାତି- ମାଟିଶୁଳ ତନ୍ତି, ଗ୍ରାମ- କହ୍ନେଇପୁର ୧୧୩
ଗ୍ରାମ: ତେଲିଆପଡା					
୩୩	୧୫	ସରକାରୀ	ଗୋଚର	୦.୦୦୨	ରକ୍ଷିତ ୧୫
୩୪	୨	ବେସରକାରୀ	ଚକ	୦.୧୨୧	ଚିନ୍ମୟୀ ମୁଦୁଲି, ସ୍ୱା. ସୁକାନ୍ତ ମୁଦୁଲି, ଜାତି- ଖଣ୍ଡାୟତ, ଗ୍ରାମ- ମଙ୍ଗଳାମନ୍ଦିର, ଖୁଣିପଦା, ବ୍ରାହ୍ମଣଗାଁ, ପୋଷ୍ଟ- ତ୍ରିଶୁଳିଆ, ଥାନା- ବାରଙ୍ଗ, ଜିଲ୍ଲା- କଟକ- ୭୫୪୦୦ ୫୨
୩୫	୩୨	ବେସରକାରୀ	ଶାରଦ ୨	୦.୦୨୯୯	ବଟକୃଷ୍ଣ ଦେହୁରୀ, ପି. ଗୋପି ଦେହୁରୀ, ଜାତି- ସବରା, ଗ୍ରାମ- ନିଜଗାଁ ୩୨
୩୬	୬୩	ବେସରକାରୀ	ଶାରଦ ୨	୦.୦୩୭୮	ନଟବର ସ୍ୱାଇଁ, ପି. ଭୋଳାନାଥ ସ୍ୱାଇଁ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୬୩
ଗ୍ରାମ : ଚିନ୍ତାମଣୀପୁର					
୩୭	୧୨୨୪	ବେସରକାରୀ	ଘରବାରି	୦.୧୩୯୫	ମୁରଲିଧର ସାମଲ, ପି. ବୀରବର ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- କଣ୍ଡରକଣା, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୧୨୨୪
ଗ୍ରାମ : ହାଡୁଓଡା					
୩୮	୧୩୫	ବେସରକାରୀ	ଶାରଦ ୩	୦.୦୧୨୬	ହିରେନ୍ଦ୍ରନାଥ ମଣ୍ଡଳ, ପି. ସୁରେନ୍ଦ୍ରନାଥ ମଣ୍ଡଳ, ଜାତି- ସୁବର୍ଣ୍ଣ ବଣିଆ, ଗ୍ରାକ କହ୍ନେଇପୁର ୧୩୫
୩୯	୩୭୭	ବେସରକାରୀ	ଶାରଦ ୨	୦.୧୫୪୪	ପଦ୍ମାବତୀ ମିଶ୍ର, ସ୍ୱା. ନୀଳକଣ୍ଠ ମିଶ୍ର, ଜାତି- ବ୍ରାହ୍ମଣ, ଗ୍ରାମ- ନିମେଇସାପୁର, ପୋଷ୍ଟ- ଭାଗତପୁର, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୩୭୭
ଗ୍ରାମ : ବନ୍ଧାଳ					
୪୦	୧୧୯୭/୨୧୯୭	ସରକାରୀ	ନୟନଜୋରି	୦.୦୬୩	ପି ଡବ୍ଲ୍ୟୁ ଡି ୧୧୯୭/୨୧୯୭
୪୧	୧୩୮୩	ସରକାରୀ	ନୟନଜୋରି	୦.୦୫୯	ପି ଡବ୍ଲ୍ୟୁ ଡି ୧୩୮୩
ଗ୍ରାମ : କୋଟାସାହି					
୪୨	୧୦୧୬	ବେସରକାରୀ	ଘରବାରି	୦.୨୪୯୭	ମୁରଲିଧର ସାମଲ, ପି. ବୀରବର ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- କଣ୍ଡରକଣା, ପୋଷ୍ଟ- କୋଟାସାହି, ଥାନା- ଟାଙ୍ଗୀ, ଜିଲ୍ଲା- କଟକ - ୭୫୪୦୨୨ ୧୦୧୬
୪୩	୧୦୧୮	ବେସରକାରୀ	ଘରବାରି	୦.୦୪୨୫	ସରସ୍ୱତୀ ସାହୁ, ସ୍ୱା. କୃତିବାସ ସାହୁ, ଜାତି- ପାଟରା, ଗ୍ରାମ- ନିଜଗାଁ ୧୦୧୮
୪୪	୧୦୨୧	ବେସରକାରୀ	ଚକ	୦.୭୮୧୪	ଲୋକନାଥ ସାହୁ, ପି. ହରେକୃଷ୍ଣ ସାହୁ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୧୦୨୧
୪୫	୧୦୨୩	ବେସରକାରୀ	ଚକ	୦.୨୫୦୯	ଗୋଲେଖ ଚନ୍ଦ୍ର ସାହୁ, ପି. ପଞ୍ଚାନନ ସାହୁ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୧୦୨୩
୪୬	୧୦୨୬	ବେସରକାରୀ	ଘରବାରି	୦.୦୫୨	ମୁରଲିଧର ସାମଲ, ପି. ବୀରବର ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- କଣ୍ଡରକଣା, ପୋଷ୍ଟ- କୋଟାସାହି, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୧୦୨୬
୪୭	୧୦୨୭	ବେସରକାରୀ	ଚକ	୦.୧୪୯	ବିଷ୍ଣୁ ସାହୁ, ମହେଶ୍ୱର ସାହୁ, କୃତିବାସ ସାହୁ, ପି. ବାସୁ ସାହୁ, ଜାତି- ପାଟରା, ଗ୍ରାମ- ନିଜଗାଁ ୧୦୨୭

କ୍ର. ନଂ.	ସର୍ଭେ ନମ୍ବର	ଜମିର ପ୍ରକାର	ଜମିର କିସମ	ଜମିର ରକବା (ହେକ୍ଟରରେ)	ଜମିର ମାଲିକ / ଆଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
୪୮	୫୫୦/୧୨୧୪	ବେସରକାରୀ	ଚକ	୦.୦୬୧	ପ୍ରତିପ୍ରଜ୍ଞା ମିଶ୍ର, ସ୍ୱା. ଦେବଦର ମିଶ୍ର, ଜାତି- ବ୍ରାହ୍ମଣ, ଗ୍ରାମ- ବ୍ରାହ୍ମଣପୁର, ପୋଷ୍ଟ- ଝିଙ୍କିରିଆ, ଥାନା- କଟକ ସଦର, ଜିଲ୍ଲା - କଟକ - ୭୫୪୧୧୨ ୫୫୦/୧୨୧୪
୪୯	୬୪୧	ବେସରକାରୀ	ଶାରଦ ୩	୦.୦୩୨୪	ଭାରତ କୁମାର ସାହୁ, ଲୋକନାଥ ସାହୁ, ମଥୁରାନନ୍ଦ ସାହୁ, ସନ୍ତୋଷ କୁମାର ସାହୁ, ପି. ଭୀମସେନ ସାହୁ, ଜାତି- ତେଲି, ଗ୍ରାମ ରାମଗଡ ୬୪୧
୫୦	୬୫୧	ବେସରକାରୀ	ଘରବାରି	୦.୦୦୬	ସବିତା ନାଏକ, ସ୍ୱା. ରଞ୍ଜନ କୁମାର ନାଏକ, ଜାତି- ଖଣ୍ଡାୟତ, ଗ୍ରାମ- ବନ୍ଦାଳ, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୬୫୧
୫୧	୭୦୪	ବେସରକାରୀ	ଘରବାରି	୦.୦୦୭	ତୁଷାର ରଞ୍ଜନ ସ୍ୱାଇଁ, ତାପସ ରଞ୍ଜନ ସ୍ୱାଇଁ, ପି. ରମେଶ ଚନ୍ଦ୍ର ସ୍ୱାଇଁ, ଜାତି- ଖଣ୍ଡାୟତ, ଗ୍ରାମ- ଟିକରପଡା, ଥାନ- ଟାଙ୍ଗୀ, ଜିଲ୍ଲା- କଟକ ୭୦୪
୫୨	୮୧୭	ବେସରକାରୀ	ଘରବାରି	୦.୦୩୭୩	ଭୁବନାନନ୍ଦ ଦାସ, ଲକ୍ଷ୍ମୀନାରାୟଣ ଦାସ, ପ୍ରଶାନ୍ତ କୁମାର ଦାସ, ସୁଶାନ୍ତ କୁମାର ଦାସ, ମିନତି ଦାସ ଓରଫ ପଟନାୟକ ପି. ରାଘବାନନ୍ଦ ଦାସ, ଜାତି- କରଣ, ଗ୍ରାମ- ନିଜଗାଁ ୮୧୭
୫୩	୯୧୫	ବେସରକାରୀ	ଘରବାରି	୦.୦୯୧	ଅନୁନୟା ଡେଭଲ୍‌ପରର୍ସ ପ୍ରା. ଲି. ତରଫରୁ ଡାଇରେକ୍ଟର ମନୋଜ କୁମାର ସିଂହ, ପି. ଫକୀର ଚରଣ ସିଂହ, ଜାତି- ଖଣ୍ଡାୟତ, ଧନଞ୍ଜୟ ମିଶ୍ର, ପି. ଅର୍ଦ୍ଧେନ୍ଦୁ ଶେଖର ମିଶ୍ର, ଜାତି- ବ୍ରାହ୍ମଣ, ଗ୍ରାମ- ଡାଗରପଡା, ଥାନା- ଲାଲବାଗ, ଜିଲ୍ଲା- କଟକ ୯୧୫
୫୪	୯୭୦	ବେସରକାରୀ	ଘରବାରି	୦.୧୮୫୫	ମୂରଲାଧର ସାମଲ, ପି. ବୀରବର ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- କଣ୍ଡରକଣା, ପୋ- କୋଟାସାହି, ଥାନା- ଟାଙ୍ଗୀ, ଜିଲ୍ଲା - କଟକ ୯୭୦
୫୫	୯୨୧	ବେସରକାରୀ	ଘରବାରି	୦.୦୨୩୪	ସୂଚାସ୍ମିତା ଶତପଥୀ, ସ୍ୱା. ସଂଜୟ କୁମାର ଶତପଥୀ, ଜାତି- ବ୍ରାହ୍ମଣ, ଗ୍ରାମ- ଗଣେଶ୍ୱରପୁର, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ହାଲ ସା. କୋଟସାହି, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୯୨୧
୫୬	୯୨୬	ବେସରକାରୀ	ଘରବାରି	୦.୦୫୨୯	ମୂରଲାଧର ସାମଲ, ପି. ବୀରବର ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- କଣ୍ଡରକଣା, ପୋ- କୋଟାସାହି, ଥାନା- ଟାଙ୍ଗୀ, ଜିଲ୍ଲା - କଟକ - ୭୫୪୦୨୨ ୯୨୬
ଗ୍ରାମ : କହ୍ନେଇପୁର					
୫୭	୧୧୩୭	ବେସରକାରୀ	ଘରବାରି	୦.୦୧୭୫	ସୁବ୍ରତ କୁମାର ରଥ, ପି. ହୃଦାନନ୍ଦ ରଥ, ଜାତି- ବ୍ରାହ୍ମଣ, ଗ୍ରାମ- କିଆରପାରି, ଥାନା- ଟାଙ୍ଗୀ, ଜିଲ୍ଲା- କଟକ ୧୧୩୭
୫୮	୧୧୪୩	ବେସରକାରୀ	ଶାରଦ ୧	୦.୦୦୭	ରତ୍ନାକର ଷଡଙ୍ଗୀ, ପି. ବାଞ୍ଛାନିଧି ଷଡଙ୍ଗୀ, ଜାତି- ବ୍ରାହ୍ମଣ, ଗ୍ରାମ- ନିଜଗାଁ ୧୧୪୩
୫୯	୧୧୪୫	ବେସରକାରୀ	ଘରବାରି	୦.୦୦୫୫	ବେଣୁଧର ଷଡଙ୍ଗୀ, ଶଙ୍କର୍ଷଣ ଷଡଙ୍ଗୀ, ପି. ବଳରାମ ଷଡଙ୍ଗୀ, ଜାତି- ବ୍ରାହ୍ମଣ, ଗ୍ରାମ- ନିଜଗାଁ ୧୧୪୫
୬୦	୧୧୫୫	ବେସରକାରୀ	ଶାରଦ ୧	୦.୦୦୫	ଚନ୍ଦ୍ରଶେଖର ଷଡଙ୍ଗୀ ପି. କୃଷ୍ଣ ବିହାରୀ ଷଡଙ୍ଗୀ, ଜାତି- ବ୍ରାହ୍ମଣ, ଗ୍ରାମ- ନିଜଗାଁ ୧୧୫୫
୬୧	୧୧୫୬	ବେସରକାରୀ	ଶାରଦ ୧	୦.୦୦୩	ପଦ୍ମଲାଭ ଶତପଥୀ, ପି. ବଳରାମ ଶତପଥୀ, ଜାତି- ବ୍ରାହ୍ମଣ, ଗ୍ର

ଲେଭଲ କ୍ରସିଂରେ ଅଟକିଲା ମାଲ୍‌ବାହୀ ଟ୍ରେନ୍

ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କଲେ ଲୋକେ

ଯାଜପୁର ରୋଡ୍, ୨୩।୭(ପବିତ୍ର ମହାନ୍ତି):

ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ପୂର୍ବପଟ ଲେଭଲ କ୍ରସିଂରେ ଶନିବାର ସକାଳ ସମୟରେ ଏକ ମାଲ୍ ବୋଝେଇ ଟ୍ରେନ୍ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିବା ଯୋଗୁ ଯାତାୟାତ ପ୍ରଭାବିତ ହୋଇଛି। ଲୋକଙ୍କୁ ଗୋଟିଏ ପଟରୁ ଅନ୍ୟପଟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଟ୍ରେନ୍ ଲାଇନ୍ ଉପରେ ଯାଇଥିବା ବିଦ୍ୟୁତ୍ (ଟ୍ରାକ୍ସନ)ତାରରେ ଏକ ଲୁଗା ଉଡ଼ିଆସି ଗୁଡ଼ାଇ ହୋଇ ପାୱାର ସପ୍ଲାଇ ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରେଲୱେର ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଆସି ଲୁଗା କାଢ଼ିବା ପରେ ଟ୍ରେନ୍ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଛି।

ବିପଦପୂର୍ଣ୍ଣ ଭାବେ ଟ୍ରେନ ମଝିରେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଛନ୍ତି।

ଉକ୍ତ ମାଲ୍‌ବାହୀ ଟ୍ରେନଟି ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରୁ ଭଦ୍ରକ ଆଡ଼କୁ ଯାଉଥିଲା। ଷ୍ଟେଶନର ମାତ୍ର କେଇମିଟର ଆଗକୁ ଯାଇ ଲେଭଲ କ୍ରସିଂ ନିକଟରେ ଅଟକି ଯାଇଥିଲା। ଫଳରେ ରେଳଲାଇନ ପାର ହୋଇ ବ୍ୟାସନଗର ସହରର ଗୋପବନ୍ଧୁ ଛକଠାରୁ ଡାକବଙ୍ଗଳା ଯାଉଥିବା ରାସ୍ତାଟି ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବନ୍ଦ ହୋଇଯାଇଥିଲା। ଲେଭଲ କ୍ରସିଂର ଦୁଇ ପଟ ଦେଇ ବିଭିନ୍ନ କାର୍ଯ୍ୟରେ ଯିବାକୁ ଥିବା ଲୋକେ ବହୁ ସମୟ ଧରି ଅଟକି ରହିଥିଲେ। ଚାଲିକି ଯାଉଥିବା କେତେଜଣ ଲୋକ ଅପେକ୍ଷା ନ କରି ଟ୍ରେନ୍ ତଳେ ଓ ଦୁଇ ଡବା ମଝିରେ ପଶି ଗୋଟିଏ ପଟରୁ ଅନ୍ୟପଟକୁ ବିପଦପୂର୍ଣ୍ଣ ଅବସ୍ଥାରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ଲେଭଲ କ୍ରସିଂରେ ନିୟୋଜିତ କର୍ମଚାରୀଜଣକ ଲୋକମାନଙ୍କୁ ଏପରି କରିବାକୁ ବାରଣ କରିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଘଟଣାଟି ଷ୍ଟେଶନର ଅନତି ଦୂରରେ ହୋଇଥିଲେ ମଧ୍ୟ ସେଠାକୁ କୌଣସି ଷ୍ଟେଶନ ଅଧିକାରୀ କିମ୍ବା ରେଲୱେ ପୋଲିସ କର୍ମଚାରୀ ଆସି ନ ଥିଲା। ଘଟଣା ସମ୍ପର୍କରେ ଲେଭଲ କ୍ରସିଂ ଗେଟ୍‌ରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ସେ କହିଥିଲେ, ଟ୍ରେନ୍ ଲାଇନ ଉପରେ ଯାଇଥିବା ବିଦ୍ୟୁତ୍ (ଟ୍ରାକ୍ସନ)ତାରରେ ଏକ ଲୁଗା ଉଡ଼ିଆସି ଗୁଡ଼ାଇ ହୋଇଥିବା ହେତୁ ପାୱାର ସପ୍ଲାଇ ଫେଲ୍ ହୋଇଥିଲା। ତେଣୁ ଟ୍ରେନ୍ ଅଟକି ରହିଥିଲା। ତେବେ ଏହି ସମୟରେ ଯଦି କୌଣସି ଅଘଟଣ ଘଟିଥାନ୍ତା ତେବେ ସେଥିପାଇଁ କିଏ ଦାୟୀ ରହିଥାନ୍ତେ ବୋଲି ପ୍ରଶ୍ନ ଉଠୁଛି।

ଅନ୍ୟପକ୍ଷରେ କିଛିଦିନ ତଳେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ଚୂନଭାଟିଠାରେ ଏକ ଦୁର୍ଘଟଣା ଘଟିଥିଲା। ଲକିଂ ହୋଇ ନ ଥିବା ଏକ ଇଞ୍ଜିନବିହୀନ ମାଲବାହୀ ବଗି ଗଡ଼ିଯିବା ଦ୍ୱାରା ବର୍ଷା ପବନରୁ ରକ୍ଷା ପାଇବା ପାଇଁ ଉକ୍ତ ବଗି ତଳେ ଆଶ୍ରୟ ନେଇଥିବା ୬ ଶ୍ରମିକ ପ୍ରାଣ ହରାଇଥିଲେ। ରେଲୱେର ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ସାଧାରଣରେ ମତପ୍ରକାଶ ପାଇଛି।

ଲୋକଙ୍କ ଦୁଃଖ ପାଲଟିଛି ଅଶୃଙ୍ଖଳା ସ୍ଲୁଇସ୍ ଗେଟ୍

- କବାଟରେ ପାଣି ରୋକୁନି କି ଦଳ ପାଇଁ ପାଣି ଛାଡୁନି
- ଖର୍ଚ୍ଚ କୋଟିଏରୁ ଊର୍ଦ୍ଧ୍ୱ, ଚାଷୀଙ୍କ କାମରେ ଆସୁନି

କେନ୍ଦ୍ରାପଡ଼ା, ୨୩।୭ (ଜଗନ୍ନାଥ ଧଳ)

ଜଳ ନିଷ୍କାସନ ପାଇଁ ସ୍ଲୁଇସ୍ ଗେଟ୍ ଉପରକୁ ଟେକିଲେ ପାଣିକୁ ଦଳ ରୋକୁଛି। ଜଳସେଚନ ପାଇଁ ଗେଟ୍ ତଳକୁ କଲେ କବାଟର ଉପର ଭାଗ ଅଞ୍ଚଳରେ ଜଳକୁ ରୋକି ହେଉନି। କେନ୍ଦ୍ରାପଡ଼ା ଜିଲା ଡ୍ରେନେଜ ବିଭାଗ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ନଚ୍ଛିପଡ଼ାସ୍ଥିତ ଅଶୃଙ୍ଖଳା ପାଟନାଳୀ ଉପରେ ଥିବା ସ୍ଲୁଇସ୍ ଗେଟ୍ ଚାଷୀଙ୍କ ଦୁଃଖର କାରଣ ହୋଇଛି। ଏହି ପ୍ରକଳ୍ପ ପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ନିକଟସ୍ଥ ୨ ହଜାରରୁ ଅଧିକ ହେକ୍ଟର ଜମିରେ ଫସଲ ଉତ୍ପାଦନ କରିବା କଷ୍ଟକର ହୋଇଛି। ଚାଷ ଓ ଚାଷୀଙ୍କ ଏହି ସମସ୍ୟାର ନିରାକରଣ ପାଇଁ ବିଭାଗୀୟ ପଦସ୍ଥ କର୍ମଚାରୀଙ୍କ ଦୃଷ୍ଟିଗୋଚରକୁ ବାରମ୍ବାର ଅଣାଯାଉଛି। ତେବେ ଏହାର ସୁଫଳ ମିଳୁ ନ ଥିବା ସ୍ଥାନୀୟ ଅଞ୍ଚଳର ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପ୍ରମୋଦ ସ୍ୱାଇଁ, ଗଗନ ଗୋଚ୍ଛାୟତ, ପ୍ରଶାନ୍ତ ସ୍ୱାଇଁ, ଯଦୁମଣି ପରିଡା, ସୁଶାନ୍ତ କୁମାର ପରିଡା ପ୍ରମୁଖ

ସ୍ଲୁଇସ୍ ଗେଟ୍‌ରେ ଦଳ ଭର୍ତ୍ତି ହୋଇଛି।

କହିଛନ୍ତି, ସ୍ଲୁଇସ୍ ଗେଟ ପାଇଁ ସ୍ଥାନୀୟ ଅଞ୍ଚଳର ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଚାଷ କରି ଆର୍ଥିକ ପରିସ୍ଥିତି ସୁଧାରିବା ଏକ ସ୍ୱପ୍ନ ପାଲଟିଛି। ଅଶୃଙ୍ଖଳା ପାଟନାଳୀର ଜଳ ପରିଚାଳନା ପାଇଁ ବହୁ ଚାଷୀ ଚାଷ ଜମିକୁ ପଡ଼ିଆ ପକାଉ ଥିଲେ। ସମସ୍ୟାର ନିରାକରଣ ପାଇଁ ୨୬ ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲଙ୍କ ଉଦ୍ୟମ ପରେ ଏହି ସ୍ଲୁଇସ୍ ଗେଟ ନିର୍ମାଣ ହେଲା। ଏଥିରେ ଥିବା ବନ୍ଧ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ସହ ଉତ୍ପାଦିତ ଫସଲର ପରିବହନ ସୁଯୋଗ ମିଳିଲା। ତେବେ ସ୍ଲୁଇସ ଗେଟ୍‌ର ନିର୍ମାଣଗତ ତ୍ରୁଟି ଯୋଗୁ ପାଟନାଳୀର ଜଳ ପରିଚାଳନା ହୋଇପାରୁନାହିଁ। ପାଣି ରୋକିବାକୁ ଗେଟ୍ ପାଇଁ ଲାଗିଥିବା କବାଟକୁ ତଳକୁ କଲେ ପାଟନାଳୀ ଶଯ୍ୟାର ପ୍ରାୟ ୨ ଫୁଟ ଉପରକୁ ରହୁଛି। ସେହିପରି ଜଳ ନିଷ୍କାସନ ପାଇଁ କବାଟକୁ ଉପରକୁ ଟେକିଲେ ନାଳରେ ଥିବା ଦଳ ଜଳକୁ ରୋକୁଛି। ଫଳରେ ଚାଷ ପାଇଁ ଆବଶ୍ୟକ ଜଳ ମିଳୁନାହିଁ ଓ ଉଦ୍‌ବୃତ୍ତ ଜଳକୁ ନିଷ୍କାସନ କରି ହେଉନାହିଁ। ଫସଲ ପାଇଁ ଆବଶ୍ୟକ ମୁତାବକ ପାଣି ଯୋଗାଇ ହେଉ ନ ଥିବାରୁ ଆଶାନୁରୂପକ ଆମଦାନୀ ହେଉନାହିଁ। ଏ ସମ୍ପର୍କରେ ଡ୍ରେନେଜ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ନିରାକରଣ ହେଉ ନ ଥିବାରୁ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ବାଙ୍କବିହାରୀ ସାମଲଙ୍କୁ ପଚାରିବାରେ ମେକାନିକାଲ ସେକ୍ସନରେ ତ୍ରୁଟି ଅଛି। ଏ ନେଇ ସେକ୍ସନକୁ ଅବଗତ କରାଯିବ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

ମହିଳାଙ୍କୁ ହତ୍ୟା ଅଭିଯୋଗ

ଧର୍ମଶାଳା, ୨୩।୭(ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କୁ ତାଙ୍କ ସ୍ୱାମୀ ପିଟି ମାରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଅଭିଯୋଗ ପାଇବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଗ୍ରାମର ରମା ମଳିକ କଲଣ ଗ୍ରାମର କୁସୁମ ମଳିକ(୩୮)ଙ୍କୁ ୨୦ ବର୍ଷ ପୂର୍ବେ ବୈଦିକ ରିତିରେ ବିବାହ କରିଥିଲେ। ସେମାନଙ୍କର ୨ଟି ପୁଅ ଅଛନ୍ତି। ଗତ ୨୦ ତାରିଖ ଦିନ କୁସୁମଙ୍କୁ ତାଙ୍କ ସ୍ୱାମୀ ପିଟିବାରୁ ସେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। କୁସୁମଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ଭାଇ କାଶୀନାଥ ଆସି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୧୮୫/୨୩ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳ ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବାମନ

@ ଚିନ୍ମୟ

@ ସନ୍ଦୀପ

@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

କ୍ରମ. ନଂ.	ଖତେ ନମ୍ବର	ଜମିର ପ୍ରକାର	ଜମିର ବିସ୍ତାର	ଜମିର ପରିମାଣ (ହେକ୍ଟରରେ)	ଜମିର ମାଲିକ / ଅନୁଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
୫୨୬	୩୮	ବେପରବାହା	ଶ୍ରେଣୀ ୨	୦.୦୧୬୭	ପଦ୍ମଲୋଚନ ଭୋଇ, ପି. ଦଇତାରି ଚନ୍ଦ୍ର ଭୋଇ, ଜାତି- ଦାଉରା, ଗ୍ରାମ- ଶ୍ରୀକୃଷ୍ଣପ୍ରସାଦ ବେରାଟି, ଥାନା- ଜଟନି ସହର, ଜିଲ୍ଲା- ଜଟନି ୩୮
୫୨୭	୮	ବେପରବାହା	ଶ୍ରେଣୀ ୩	୦.୦୦୩୮	ଲକ୍ଷ୍ମୀମଣି ସାହୁ, ପି. ମାଧବ ସାହୁ, ଜାତି- ଗୁଡ଼ିଆ, ଗ୍ରାମ- ଟିକରୀ
ଗ୍ରାମ : ମଙ୍ଗଳାଜପୁର					
୫୯୮	୨୨	ବେପରବାହା	ଶ୍ରେଣୀ ୩	୦.୦୧୦୬	ଜଟବର ବେହେରା, ପି. ବେଣୀଧର ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୨୨
୭୩୮	୨୪	ବେପରବାହା	ଶ୍ରେଣୀ ୩/୧୦	୦.୦୧୩୮	ଅମୀରକାନ୍ତ ବେହେରା, ଷ୍ଟ. ଗୋବିନ୍ଦ ଗୋପୀନାଥ ଦାସ, ଜାତି- ଚାଷୀଶ, ଗ୍ରାମ- ଜଗନ୍ନାଥ ବଲ୍ଲଭ ଜଟବର ୨୪
୭୩୦	୩୧	ବେପରବାହା	ଶ୍ରେଣୀ ୩/୩	୦.୦୭୫୩	ବିଶ୍ୱେଶ୍ୱର ବେହେରା, ଶ୍ରୀଧର ବେହେରା, ସିଦ୍ଧିଧରା ବେହେରା, ଏକାଦଶୀ ବେହେରା, କାଳିନ୍ଦି ବେହେରା, ପି. ବଳେଇ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୩୧
୭୩୧	୩୭	ବେପରବାହା	ଶ୍ରେଣୀ ୩/୨	୦.୦୩୫୫	ଲାଉରା ବେହେରା, ପି. ବମ୍ବୁ ବେହେରା, କୃଷ୍ଣ ବେହେରା, ପି. ବିଶେଷ ବେହେରା, ବେଣୁଧର ବେହେରା, ଅଚ୍ୟୁତାନନ୍ଦ ବେହେରା, ପି. ପଦମ ବେହେରା, ସାଧୁ ବେହେରା, ପଦମ ବେହେରା, ପି. ଲାଗା ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୩୭
୭୩୭	୩୩	ଘରବାହା	ଗଛ	୦.୦୫୪୫	ଜିଲ୍ଲା ଜମିଟି ୩୩
୭୩୩	୩୫	ବେପରବାହା	ଶ୍ରେଣୀ ୩/୭	୦.୦୧୪୫	ଏକାଦଶୀ ସାମଲ, ପି. ସଦେଇ ସାମଲ, ଜାତି- ଶଣ୍ଡରେ, ଗ୍ରାମ- ଟିକରୀ ୩୫
୭୩୪	୪୪	ବେପରବାହା	ଶ୍ରେଣୀ ୩/୧୦	୦.୦୩୯୫	ବିଶ୍ୱେଶ୍ୱର ବେହେରା, ଶ୍ରୀଧର ବେହେରା, ସିଦ୍ଧିଧରା ବେହେରା, ଏକାଦଶୀ ବେହେରା, କାଳିନ୍ଦି ବେହେରା, ପି. ବଳେଇ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୪୪
୭୩୫	୪୫	ବେପରବାହା	ଶ୍ରେଣୀ ୩	୦.୦୧୭୩	ଲାଉରା ବେହେରା, ପି. ବମ୍ବୁ ବେହେରା, କୃଷ୍ଣ ବେହେରା, ପି. ବିଶେଷ ବେହେରା, ବେଣୁଧର ବେହେରା, ଅଚ୍ୟୁତାନନ୍ଦ ବେହେରା, ପି. ପଦମ ବେହେରା, ସାଧୁ ବେହେରା, ପଦମ ବେହେରା, ପି. ଲାଗା ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୪୫
୭୩୬	୪୬.୭	ବେପରବାହା	ଶ୍ରେଣୀ ୩/୩	୦.୦୭୩୮	ବିଶ୍ୱେଶ୍ୱର ବେହେରା, ଶ୍ରୀଧର ବେହେରା, ସିଦ୍ଧିଧରା ବେହେରା, ଏକାଦଶୀ ବେହେରା, କାଳିନ୍ଦି ବେହେରା, ପି. ବଳେଇ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୪୬.୭
୭୩୭	୪୭	ବେପରବାହା	ଶ୍ରେଣୀ ୩/୫	୦.୦୦୯୩	ବିଶ୍ୱେଶ୍ୱର ବେହେରା, ଶ୍ରୀଧର ବେହେରା, ସିଦ୍ଧିଧରା ବେହେରା, ଏକାଦଶୀ ବେହେରା, କାଳିନ୍ଦି ବେହେରା, ପି. ବଳେଇ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୪୭
୭୩୮	୪୮	ଘରବାହା	ଚାରଚାଳ ଘର	୦.୦୦୭୫	ଲଖିତ ୪୮
୭୩୯	୫୪	ଘରବାହା	ଗଛ	୦.୦୫୩	ଜିଲ୍ଲା ଜମିଟି ୫୪
୭୪୦	୫୫	ବେପରବାହା	ଶ୍ରେଣୀ ୩/୬	୦.୦୦୫୫	ଦଣ୍ଡପାଣି ପାଣ୍ଡବ ପି. ଅଚ୍ୟୁତ ପାଣ୍ଡବ, ଭାମ୍ବା ପାଣ୍ଡବ, ପି. ମାଧବ ପାଣ୍ଡବ, ଯୋଗେଶ ବେଗୁ, ଷ୍ଟ. ଭଗା ପାଣ୍ଡବ, ବିଜ ପାଣ୍ଡବ, ବେଣୁ ପାଣ୍ଡବ ପି. ଅନାଦି ପାଣ୍ଡବ, ମାଲାଧର ପାଣ୍ଡବ ପି. ନରସିଂହ ପାଣ୍ଡବ, ଗୋପୀନାଥ ପାଣ୍ଡବ, ବାଳକୃଷ୍ଣ ପାଣ୍ଡବ, ପି. ଅନନ୍ତି ପାଣ୍ଡବ, ଭିଖାରି ପାଣ୍ଡବ, ପି. ବୈଦ୍ୟନାଥ ପାଣ୍ଡବ, ବମ୍ବୁ ପାଣ୍ଡବ, ପି. ଶ୍ରୀଧର ପାଣ୍ଡବ, ମାଧବ ପାଣ୍ଡବ, ସାନାଦ ପାଣ୍ଡବ ପି. ମହେଶ୍ୱର ପାଣ୍ଡବ, ଭଗା ପାଣ୍ଡବ, ଲମ୍ବର ପାଣ୍ଡବ, ପି. ଉତ୍ତର ପାଣ୍ଡବ, ଅନୁଚି ପାଣ୍ଡବ, ପି. ଗଣ୍ଡୁ ପାଣ୍ଡବ, ଜାତି- ଖୋଡାଇ, ଗ୍ରାମ- ଟିକରୀ ୫୫
୭୪୧	୫.୭	ଘରବାହା	ଗଛ	୦.୦୦୭	ସର୍ବସାଧାରଣ ୫.୭
୭୪୨	୫୭	ବେପରବାହା	ଶ୍ରେଣୀ ୩/୭	୦.୦୭	ବିଶ୍ୱେଶ୍ୱର ବେହେରା, ଶ୍ରୀଧର ବେହେରା, ସିଦ୍ଧିଧରା ବେହେରା, ଏକାଦଶୀ ବେହେରା, କାଳିନ୍ଦି ବେହେରା, ପି. ବଳେଇ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୫୭
୭୪୩	୫୮	ବେପରବାହା	ଶ୍ରେଣୀ ୩/୭	୦.୧୦୦୫	ଅଭେଦ୍ୟ ବେହେରା, ଅର୍ଜୁନ ବେହେରା, ଫକିର ବେହେରା, ପି. କାଳିନ୍ଦି ବେହେରା, ନିଳାମଣି ବେହେରା, ଷ୍ଟ. କାଳିନ୍ଦି ବେହେରା, ପୁରୁଷୋତ୍ତମ ବେହେରା, ବଳରାମ ବେହେରା, ପି. ଜଗି ବେହେରା, ଜାତି- ଖୋଡାଇ, ଗ୍ରାମ- ଗୋବିନ୍ଦପୁର, ଥାନା- ଚୌଦ୍ୱାର, ଜିଲ୍ଲା- ଜଟନି ୫୮
୭୪୪	୮୧	ବେପରବାହା	ଶ୍ରେଣୀ ୩/୬.୭	୦.୦୩୩୩	ଗୁପ୍ତି ବେହେରା, ଦେବାଳ ବେହେରା, ପି. ଭଗବାନ ବେହେରା, ରାମ ବେହେରା, ଗଣ୍ଡୁ ବେହେରା, ଦିନ ବେହେରା, ପି. ନାଗ ବେହେରା, ପଦମ ବେହେରା, ପି. ଭାଗେ ବେହେରା, ଶଙ୍କର ବେହେରା, ବାଗ ବେହେରା, ପି. ସିଣ୍ଡୁ ବେହେରା, ଜାତି- ଖୋଡାଇ, ଗ୍ରାମ- ଟିକରୀ ୮୧

କ୍ରମ. ନଂ.	ଖତେ ନମ୍ବର	ଜମିର ପ୍ରକାର	ଜମିର ବିସ୍ତାର	ଜମିର ପରିମାଣ (ହେକ୍ଟରରେ)	ଜମିର ମାଲିକ / ଅନୁଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
ଗ୍ରାମ : ମହିଷାକଣ୍ଡ					
୧୪୫	୬୧୫	ବେପରବାହା	ଶ୍ରେଣୀ ୨/୧୧	୦.୦୧୦୭	ଲକ୍ଷ୍ମୀମଣି ଗଣ୍ଡତ, ପି. ବିଶ୍ୱାନନ୍ଦ ଗଣ୍ଡତ, ଜାତି- ଓଡ଼ ପ୍ରଧାନ, ଗ୍ରାମ- ଟିକରୀ ୬୧୫
୧୪୬	୬୧୯	ବେପରବାହା	ଶ୍ରେଣୀ ୨	୦.୦୪୫୮	ମନୋଜ ମହାପାତ୍ର ଷ୍ଟ. ବିଶ୍ୱାସ କୁମାର ମହାପାତ୍ର, ଜାତି- କୁଡ଼ୁମି, ଗ୍ରାମ- ପୁରୁଣାଗଡ଼ି, ସ୍ତର ନଂ-୫, ଥାନା- ଗୋପୀଗୋପୁର, ଗ୍ରାମ- ମଧ୍ୟପଡ଼ିଆ ୬୧୯
୧୪୭	୬୨୧	ବେପରବାହା	ଶ୍ରେଣୀ ୨	୦.୦୧୦୭	ଜିତିମ ସାହୁ, ଷ୍ଟ. ବିଜୟରାଜ ସାହୁ, ଜାତି- ଗୁଡ଼ିଆ, ଗ୍ରାମ- ବଡ଼ବେଦେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୧
୧୪୮	୬୨୨	ସରକାରୀ	ରାସ୍ତା	୦.୦୯୪୭	ସର୍ବସାଧାରଣ ୬୨୨
୧୪୯	୬୨୭	ବେପରବାହା	ଶ୍ରେଣୀ ୨/୩	୦.୦୦୮୭	ଜିତିମ ସାହୁ, ଷ୍ଟ. ବିଜୟରାଜ ସାହୁ, ଜାତି- ଗୁଡ଼ିଆ, ଗ୍ରାମ- ବଡ଼ବେଦେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୭
ଗ୍ରାମ : ଜମ୍ବୁଦେଇପୁର					
୧୫୦	୩୭/୧୫୨	ବେପରବାହା	ଶ୍ରେଣୀ ୩	୦.୦୯୩୧	ଦେବିକାରା ସାମଲ, ଦେବିକାରା ସାମଲ, ପି. ଗୁରୁଚରଣ ସାମଲ, ଗୁରୁବାରି ଦେଓ, ଷ୍ଟ. ଭରତରାମ ସାମଲ, ଜାତି- ଓଡ଼ ପ୍ରଧାନ, ଗ୍ରାମ- ଶଙ୍କରପୁର ୩୭/୧୫୨
ଗ୍ରାମ : ଜଟ୍ଟେ					
୧୫୧	୧୧	ସରକାରୀ	ମହଲା	୦.୦୦୨	ଲଖିତ ୧୧
୧୫୨	୨୧୦	ବେପରବାହା	ଶ୍ରେଣୀ ୩	୦.୦୧୪	ଅଖେଳ କୁମାର ମହାନ୍ତି, ପି. ଦେବୁ ଚରଣ ମହାନ୍ତି, ଜାତି- ଜରଣ, ଗ୍ରାମ-ଟିକରୀ ୨୧୦
୧୫୩	୭୭	ବେପରବାହା	ଶ୍ରେଣୀ ୨	୦.୦୪୬୬	ଯୋଗେନ୍ଦ୍ର ମାଝି ପି. ଭୁତ୍ତ ମାଝି, ଜାତି- ଖଣ୍ଡାୟତ, ଗ୍ରାମ- ଜେମାବେଡ଼ପୁର ୭୭
୧୫୪	୯୧	ସରକାରୀ	ମହଲା	୦.୦୫୯	ଲଖିତ ୯୧
ଗ୍ରାମ : ବାଣ୍ଡୁଣିପୁର					
୧୫୫	୧୭୭୫	ବେପରବାହା	ଶ୍ରେଣୀ ୨/୫	୦.୦୭	ଦଦବନ୍ଧୁ ସାହୁ, ନବଦର ସାହୁ, ପି. ଗଣି ସାହୁ, ଜାତି- ଖଣ୍ଡାୟତ, ଗ୍ରାମ- ଟିକରୀ ୧୭୭୫
୧୫୬	୬୨୧	ବେପରବାହା	ଶ୍ରେଣୀ ୨/୫	୦.୦୯୫୫	ଶ୍ରୀ ଭବତାରିଣ ମହାପାତ୍ରଙ୍କୁ ଦିଆଯେ, ପୁରା ମାଟିଟି ଶ୍ରୀ ଭବତାରିଣ ମନ୍ଦିର ପରିଚାଳନା କମିଟି, ପୁରା ୬୨୧
୧୫୭	୬୫୪	ବେପରବାହା	ଶ୍ରେଣୀ ୨/୨	୦.୦୦୩	ଶ୍ରୀ ଭବତାରିଣ ମହାପାତ୍ରଙ୍କୁ ଦିଆଯେ, ପୁରା ମାଟିଟି ଶ୍ରୀ ଭବତାରିଣ ମନ୍ଦିର ପରିଚାଳନା କମିଟି, ପୁରା ୬୫୪
୧୫୮	୬୪.୭	ବେପରବାହା	ଶ୍ରେଣୀ ୨	୦.୦୦୩୫	ଗୋବିନ୍ଦ ଖଣ୍ଡରା, ପି. ଦେବିକାରାଣ ଖଣ୍ଡରା, ଜାତି- ଗୁଡ଼ିଆ, ଗ

ରକ୍ତ ପ୍ୟାକେଟ୍‌କୁ ୧୫୦୦ ଟଙ୍କାରେ ବିକ୍ରି

- ଦଲାଲ ଡୋନର ଜରିଆରେ କରୁଛନ୍ତି ବ୍ୟବସାୟ
- ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ନେଇ ଅଭିଯୋଗ
- ରକ୍ତଭଣ୍ଡାରର ସିସିଟିଭି କ୍ୟାମେରା କରାଯାଉନି ସଚଳ

ନୟାଗଡ଼,୨୩।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରୁ ରକ୍ତ ରୋଗୀ ପାଉ ନ ଥିବାବେଳେ ଦଲାଲ ନେଉଥିବା ଅଭିଯୋଗ ହୋଇଆସୁଛି। କେତେଜଣ ଦଲାଲ ଡୋନର ସଂଗ୍ରହ କରି ରକ୍ତ ପ୍ୟାକେଟକୁ ୧୫ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଶନିବାର ଅପରାହ୍ନରେ ଜଣେ କ୍ୟାନସର ରୋଗୀଙ୍କ ସମ୍ପର୍କୀୟ ଦଲାଲଙ୍କଠାରୁ ୧୫୦୦ ଟଙ୍କାରେ ରକ୍ତ କିଣିଥିବା ଅଭିଯୋଗ ମିଳିଛି। ରକ୍ତ ବିକ୍ରି ଘଟଣାରେ ରକ୍ତଭଣ୍ଡାରର କର୍ମଚାରୀ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ରକ୍ତଭଣ୍ଡାରର ସିସିଟିଭି କାମ କରୁ ନ ଥିବାରୁ ଏଠାରେ ଘଟୁଥିବା ଅନିମିୟିତତା ଲୁଚି ଯାଉଛି। ରକ୍ତଭଣ୍ଡାରର ସିସିଟିଭି ଅଚଳ ହୋଇଛି ନାଁ ଜାଣି ଶୁଣି ଅଚଳ କରାଯାଇଛି ତାହା ତଦନ୍ତସାପେକ୍ଷ। ଏ ନେଇ ରାମଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ରକ୍ତଭଣ୍ଡାରରେ ରକ୍ତ ରୋଗୀଙ୍କୁ ମିଳୁନି। ତେବେ ଦଲାଲ କିପରି ରକ୍ତ ବିକ୍ରି କରୁଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ରକ୍ତ ବିକ୍ରି ପଛରେ ଏକ ର୍ୟାକେଟ କାମ କରୁଛି। ବିନା ଟେନସନରେ ଭଲ ରୋଜଗାର ହେଉଥିବାରୁ ରକ୍ତ ବିକ୍ରିକୁ ରୋକି ହେଉନି।

ରକ୍ତଭଣ୍ଡାରରେ ୧୦ ୟୁନିଟ୍ ରକ୍ତ

ଓଡ଼ିଶା ରେଡକ୍ରସ ରକ୍ତ ଭଣ୍ଡାର ନୟାଗଡ଼ରେ ୧୦ ୟୁନିଟ୍ ରକ୍ତ ଗଚ୍ଛିତ ଥିବା ଫଳକ କହୁଛି। ଏ ପଜିଟିଭ୍ ୧, ବି ପଜିଟିଭ ୭ଟି, ଓ ନେଗେଟିଭ ୨ଟି ଥିବା ଜଣାପଡ଼ିଛି। ତେବେ ରକ୍ତ ଭଣ୍ଡାରକୁ ଗଲେ ସବୁବେଳେ ଶୁଣିବାକୁ ମିଳୁଛି ରକ୍ତ ନାହିଁ। ଅଧିକାଂଶ ରୋଗୀ କଟକ, ଭୁବନେଶ୍ୱର ରେଫର ହେଉଛନ୍ତି। ଆଉ କିଛି ଦଲାଲଙ୍କ ବାଧ୍ୟବାଧକତାରେ ରକ୍ତ କିଣୁଛନ୍ତି। ଏ ନେଇ ସ୍ୱେଚ୍ଛାସେବୀ ବିଭୂତି ପଟ୍ଟନାୟକ କୁହନ୍ତି, ରକ୍ତଦାନ ଶିବିର ହେଉଛି। କିଛି ଲୋକ ଆଗଭର ହୋଇ ରକ୍ତଦାନ ଶିବିର କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଲୋକଙ୍କ ମନରେ ସଚେତନ ସୃଷ୍ଟି କରାଇ ରକ୍ତଦାନ ଶିବିର କରାଯାଉନି। ଏଣୁ ରକ୍ତର ଅଭାବ ପ୍ରାୟ ସବୁଦିନ ଲାଗି ରହୁଛି। ରକ୍ତଦାନ ଶିବିର ସମୟରେ ରକ୍ତ କିଛିଦିନ ପାଇଁ ସୁବିଧାରେ ମିଳୁଛି। ଅନ୍ୟପକ୍ଷେ ରକ୍ତ ବିକ୍ରି ଅଭିଯୋଗରେ ଲଗାମ ଲଗାଇବା ନିହାତି ଦରକାର। ଏହାକୁ ପ୍ରଶାସନ ପକ୍ଷରୁ ଅସ୍ୱୀକାର କରାଯାଉଥିଲେ ହେଁ ଦଲାଲ ରକ୍ତ ବିକ୍ରି କରୁଛନ୍ତି। ସେହିପରି ରକ୍ତଭଣ୍ଡାରର ସିସିଟିଭିକୁ ସଚଳ କରାଯିବା ଦରକାର। ଏହା ସଚଳ ହେଲେ ରକ୍ତ ବିକ୍ରି ଧରିବାରେ କିଛି ସହଯୋଗ ମିଳିପାରନ୍ତା ବୋଲି କହିଛନ୍ତି।



ରକ୍ତଭଣ୍ଡାରରେ ଲାଗିଥିବା ବିଭିନ୍ନ ଗ୍ରୁପ୍‌ର ରକ୍ତ ତାଲିକା।

କିଏ ସେ ପାଣ୍ଡିଆନ

ରକ୍ତ ଭଣ୍ଡାରରରେ ଡୋନର ଦ୍ୱାରା ରକ୍ତ ସଂଗୃହିତ କରି ରକ୍ତ ବିକ୍ରି କରୁଥିବା ଦଲାଲର ନାଁ ପାଣ୍ଡିଆନ ଓରଫ ପାଣ୍ଡିଆ ବୋଲି ଚର୍ଚ୍ଚା ହେଉଛି। ପାଣ୍ଡିଆନ ପାଖରେ ପହଞ୍ଚିଲେ ରକ୍ତଭଣ୍ଡାରରେ ରକ୍ତ ନ ଥିଲେ ମଧ୍ୟ ରକ୍ତ ସୁବିଧାରେ ମିଳି ଯାଉଛି। କେତେଜଣ ଔଷଧ ଦୋକାନୀ ପାଣ୍ଡିଆନର ଠିକଣା ଦେଇ ରୋଗୀଙ୍କ ସମ୍ପର୍କୀୟଙ୍କୁ ତାଙ୍କ ପାଖକୁ ପଠାଉଛନ୍ତି। ପ୍ରଶ୍ନ ଉଠୁଛି କିଏ ସେ ପାଣ୍ଡିଆନ। କାହା ପ୍ରୋତ୍ସାହନ ବା ଇଙ୍ଗିତରେ ବେଆଇନ ଭାବେ ରକ୍ତ ବିକ୍ରି ହୋଇ ଆସୁଛି। ଏ ନେଇ ରକ୍ତଭଣ୍ଡାର ଅଧିକାରୀ ଅଜୟ କୁମାର ବାହିନିପତିଙ୍କୁ ପଚାରିବାରେ ରକ୍ତ ବିକ୍ରି ଘଟଣାର ଅଭିଯୋଗ ମିଳି ନ ଥିଲା। ତେବେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଜେଲ ଗଲେ ୪ ଅଭିଯୁକ୍ତ

ପୋଲିସ ଜବତ କରିଥିବା ମାରଣାସ୍ତ୍ର ଓ ଗିରଫ ଅଭିଯୁକ୍ତମାନେ।

ନୟାଗଡ଼,୨୩।୭ (ଲୋକନାଥ ମିଶ୍ର)

ସାଲୁଣି ଗାଁରେ ଫାଙ୍କା ଗୁଳିଚାଳନା ଓ ଗୁଣ୍ଡାଗିରି ଘଟଣାରେ ଇଟାମାଟି ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନାଗୁଗାଁର ଆଲୋକ ପରିଡା, ପ୍ରଫୁଲ୍ଲ ସାହୁ, ଭାଗୀରଥି ପ୍ରଧାନ ଓ ରାଜେଶ ନାୟକଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଦେଶୀ ବନ୍ଧୁକ, ୨ ବାଇକ୍, ଲାଠି ଓ ଖଣ୍ଡା ଜବତ କରାଯାଇଛି। ଅଭିଯୋଗ ଅନୁସାରେ, ନାଗୁଗାଁର ଆଲୋକ, ପ୍ରଫୁଲ୍ଲ, ଭାଗୀରଥି ଓ ରାଜେଶ ୨ଟି ବାଇକ୍ ଯୋଗେ ଗାଁକୁ ଆସି

ଫାଙ୍କା ଗୁଳିଚାଳନା, ଗୁଣ୍ଡାଗିରି ମହଙ୍ଗା ପଡ଼ିଲା

ପ୍ରତାପ ଚନ୍ଦ୍ର ବେହେରାଙ୍କୁ ନଂ. ଓଡି ୩୩ ସି ୫୩୩୬ କାରକୁ ଅଟକାଇ ୫୦ ହଜାର ଟଙ୍କା ଦାଦା ଚାନ୍ଦା ମାଗିଲେ। ଟଙ୍କା ଦେବାକୁ ମନା କରିବା ପରେ ଫାଙ୍କା ଗୁଳିଚାଳନା କରି ପ୍ରତାପଙ୍କୁ ଭୟଭୀତ କରାଇବାକୁ ଉଦ୍ୟମ କରିଥିଲେ। କାର ଚକାକୁ ଗୁଳି କରି ପଞ୍ଚର କରି ଦେଇଥିଲେ। କାରକୁ ଭଙ୍ଗାରୁଜା କରି ଦେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୧୬୩/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣା | ଜେଲ ଗଲେ ଶିକ୍ଷକ, ତଦନ୍ତ କରିବ ସିଡବ୍ଲ୍ୟୁସି

ନୟାଗଡ଼,୨୩।୭(ଲୋକନାଥ ମିଶ୍ର)

ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଅଟକ ଥିବା ନୟାଗଡ଼ ଟାଉନ ଥାନା ଅଞ୍ଚଳର ଏକ ସ୍କୁଲର ଇଂରାଜି ଶିକ୍ଷକ ଜ୍ଞାନ ରଞ୍ଜନ ନାୟକ(୪୬)ଙ୍କୁ ରବିବାର ଜେଲ ଯିବାକୁ ପଡିଛି। ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ଧୁଷୁରି ଥାନା ଧୂଷୁରୀ ଗାଁର ଜ୍ଞାନ ରଞ୍ଜନ ଏକ ସ୍କୁଲରେ ଶିକ୍ଷକ ଭାବେ କାମ କରୁଥିଲେ। ସେ ଜଣେ ୯ମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ନଂ. ୧୨୬/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ସିଡବ୍ଲ୍ୟୁସିର ସଦସ୍ୟମାନେ ଘଟଣାର ତଦନ୍ତ କରିବେ ବୋଲି ଜଣାପଡ଼ିଛି।

କୋରଡ଼ା-ମୀନାଗାଡ଼ିଆ ରାସ୍ତା ଶୋଚନୀୟ

ନୂଆଗାଁ, ୨୩।୭ (ଧନେଶ୍ୱର ସାହୁ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେବ ବୋଲି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପୂର୍ବରୁ ନିର୍ମାଣ କରାଯାଇଥିବା କୋରଡ଼ାଠାରୁ ମୀନାଗାଡ଼ିଆ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି। ଖାଲଖମା, ପାଣି କାଦୁଅରେ ଲୋକମାନେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନ ପରେ ରାସ୍ତା ମରାମତି କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡ଼ାଠାରୁ ମୀନାଗାଡ଼ିଆ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। ଫଳରେ ଲୋକମାନେ ଯାତାୟାତରେ ଅସୁବିଧା ଭୋଗୁଥିଲେ। ଏ ନେଇ ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୩ ବର୍ଷ ପୂର୍ବେ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ପରେ ୨୫।୫।୨୨ଠାରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମୀନାଗାଡ଼ିଆଠାରୁ ରଗଡ଼ମଡ଼ା ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର କରି ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୀନାଗାଡିଆଠାରୁ ରଗଡିମଡ଼ା ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଭାରିଯାନ ଯୋଗେ କୋରଡା- ମୀନାଗାଡିଆ ରାସ୍ତା ଦେଇ ନିଆଯାଉଥିଲା। ଫଳରେ ପୂର୍ବରୁ ନିର୍ମାଣ ହୋଇଥିବା ରାସ୍ତାରୁ ପିଚ୍, ମେଟାଲ ଆଦି ଉଠିବା ସହ ଖାଲଖମା ହୋଇ

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବ

ସେଥିରେ ପାଣି ଜମି ରହିଛି। ଫଳରେ ଲୋକମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିବା କୋରଡାଠାରୁ ମୀନାଗାଡିଆ ରାସ୍ତାର ରକ୍ଷଣାବେକ୍ଷଣ ୫ ବର୍ଷ ପର୍ଯ୍ୟନ୍ତ ଠିକାଦାର କରିବାର ନିୟମ ରହିଥିବା ବେଳେ ଠିକାଦାର ତାହା କରୁ ନାହାନ୍ତି। ତେବେ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରେ କୋରଡାଠାରୁ ମୀନାଗାଡିଆ ରାସ୍ତାରେ ଭାରିଯାନ ଯିବା ଆସିବା କାରଣରୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି; ଯାହା କି ରକ୍ଷଣାବେକ୍ଷଣ ପାଇଁ ରହିଥିବା ଅନୁଦାନରେ ଠିକାଦାର କରିବା ସମ୍ଭବ ହେବନି। ତେଣୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମୀନାଗାଡ଼ିଆଠାରୁ ରଗଡ଼ମଡା ରାସ୍ତା ନିର୍ମାଣ କରୁଥିବା ଠିକାଦାର ଖରାପ ରାସ୍ତାର ମରାମତି କରିବାକୁ କୁହାଯାଇଛି। କିନ୍ତୁ ବର୍ଷାଦିନ ଯୋଗୁ କାମ କରିବା ସମ୍ଭବ ନୁହେଁ। ବର୍ଷାଦିନ ପରେ ଖରାପ ରାସ୍ତାର ମରାମତି କରାଯିବ ବୋଲି ସେ କହିଛନ୍ତି।

କୋରଡ଼ା-ମୀନାଗାଡିଆ ରାସ୍ତା ଖାଲଖମାରେ ଭର୍ତ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବାମନ

@ ଚିନ୍ମୟ

@ ସନ୍ଦୀପ

@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

କ୍ର. ନଂ.	ସର୍ଭେ ନମ୍ବର	ଜମିର ପ୍ରକାର	ଜମିର କିସମ	ଜମିର ରକବା (ହେକ୍ଟରରେ)	ଜମିର ମାଲିକ / ଆଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
୧୨୬	୩୯	ବେସରକାରୀ	ଶାରଦ ୨	୦.୦୧୬୭	ପଗୁନାଥ ଭୋଇ, ପି. ନରେଶ ଚନ୍ଦ୍ର ଭୋଇ, ଜାତି- ବାଉରୀ, ଗ୍ରାମ- ଖଡିବୁଆନ ଦେଉଳି, ଥାନା- କଟକ ସଦର, ଜିଲ୍ଲା- କଟକ ୩୯
୧୨୭	୯	ବେସରକାରୀ	ଶାରଦ ୩	୦.୦୦୩୮	ଇନ୍ଦ୍ରମଣି ସାହୁ, ପି. ମହାନ୍ତ ସାହୁ, ଜାତି- ଗୁଡିଆ, ଗ୍ରାମ- ନିଜଗାଁ
ଗ୍ରାମ : ମଙ୍ଗରାଜପୁର					
୧୨୮	୨୨	ବେସରକାରୀ	ଶାରଦ ୩	୦.୦୧୦୬	ନଟବର ବେହେରା, ପି. କେଳେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୨୨
୧୨୯	୨୪	ବେସରକାରୀ	ଶାରଦ ୩/୧୦	୦.୦୧୨୯	ଅମରାବତୀ ଦେବୀ, ସ୍ୱା. ରାମଚନ୍ଦ୍ର ରାମାନୁଜ ଦାସ, ଜାତି- ବ୍ରାହ୍ମଣ, ଗ୍ରାମ- ଜଗନ୍ନାଥ ବଲ୍ଲଭ କଟକ ୨୪
୧୩୦	୩୧	ବେସରକାରୀ	ଶାରଦ ୩/୩	୦.୦୨୫୩	ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୩୧
୧୩୧	୩୨	ବେସରକାରୀ	ଶାରଦ ୩/୨	୦.୦୩୨୫	ଭାରତୀ ବେହେରା, ପି. ବାସୁ ବେହେରା, କୁଞ୍ଜ ବେହେରା, ପି. ଚିନ୍ତେଇ ବେହେରା, ବେଣୁଧର ବେହେରା, ଅରକ୍ଷିତ ବେହେରା, ପି. ପଦନା ବେହେରା, ସାଧୁ ବେହେରା, ପଠାନୀ ବେହେରା, ପି. ଭାଗୀ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୩୨
୧୩୨	୩୩	ସରକାରୀ	ରାସ୍ତା	୦.୦୬୪୫	ଜିଲ୍ଲା କମିଟି ୩୩
୧୩୩	୩୫	ବେସରକାରୀ	ଶାରଦ ୩/୭	୦.୦୧୪୫	ଏକାଦଶୀ ସାମଲ, ପି. ସନେଇ ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୩୫
୧୩୪	୪୪	ବେସରକାରୀ	ଶାରଦ ୩/୧୦	୦.୦୨୯୫	ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୪
୧୩୫	୪୫	ବେସରକାରୀ	ଶାରଦ ୩	୦.୦୧୭୩	ଭାରତୀ ବେହେରା, ପି. ବାସୁ ବେହେରା, କୁଞ୍ଜ ବେହେରା, ପି. ଚିନ୍ତେଇ ବେହେରା, ବେଣୁଧର ବେହେରା, ଅରକ୍ଷିତ ବେହେରା, ପି. ପଦନା ବେହେରା, ସାଧୁ ବେହେରା, ପଠାନୀ ବେହେରା, ପି. ଭାଗୀ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୫
୧୩୬	୪୬	ବେସରକାରୀ	ଶାରଦ ୩/୩	୦.୦୨୧୮	ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୬
୧୩୭	୪୭	ବେସରକାରୀ	ଶାରଦ ୩/୫	୦.୦୦୯୩	ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୭
୧୩୮	୪୮	ସରକାରୀ	ଚବଭସ ନାଳ	୦.୦୦୨୫	ରକ୍ଷିତ ୪୮
୧୩୯	୫୪	ସରକାରୀ	ରାସ୍ତା	୦.୦୫୩	ଜିଲ୍ଲା କମିଟି ୫୪
୧୪୦	୫୫	ବେସରକାରୀ	ଶାରଦ ୩/୬	୦.୦୦୫୫	ବାଳା ପାଣ୍ଡବ ପି. ଆନନ୍ଦ ପାଣ୍ଡବ, ଭୀମା ପାଣ୍ଡପ, ପି. ମଦନ ପାଣ୍ଡବ, ଧୋବଣି ବେଓ୍ୱା, ସ୍ୱା. କାଶୀ ପାଣ୍ଡବ, ଦିଜ ପାଣ୍ଡବ, ବରଜୁ ପାଣ୍ଡବ ପି. ଆକୁଳି ପାଣ୍ଡବ, ବାଉରୀବନ୍ଧୁ ପାଣ୍ଡବ ପି. ନରସିଂହ ପାଣ୍ଡବ, ଗୋପୀନାଥ ପାଣ୍ଡବ, କାଳନ୍ଦୀ ପାଣ୍ଡବ, ପି. ଅନାଦି ପାଣ୍ଡବ, ଭିକାରି ପାଣ୍ଡବ, ପି. ଦୈତାରୀ ପାଣ୍ଡବ, ବାସୁ ପାଣ୍ଡବ, ପି. ଶ୍ରୀଧର ପାଣ୍ଡବ, ମଦନା ପାଣ୍ଡବ, ସାନନ୍ଦ ପାଣ୍ଡବ ପି. ମହେଶ୍ୱର ପାଣ୍ଡବ, କାଶୀ ପାଣ୍ଡବ, ଭାସ୍କର ପାଣ୍ଡବ, ପି. ଈଶ୍ୱର ପାଣ୍ଡବ, ଆକୁଳି ପାଣ୍ଡବ, ପି. ପଞ୍ଚୁ ପାଣ୍ଡବ, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୫୫
୧୪୧	୫୬	ସରକାରୀ	ରାସ୍ତା	୦.୦୦୨	ସର୍ବସାଧାରଣ ୫୬
୧୪୨	୫୭	ବେସରକାରୀ	ଶାରଦ ୩/୭	୦.୦୨	ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୫୭
୧୪୩	୫୮	ବେସରକାରୀ	ଶାରଦ ୩/୭	୦.୧୯୦୫	ଅଲେଖ ବେହେରା, ଅର୍ଜୁନ ବେହେରା, ସଂଜୟ ବେହେରା, ପି. କାର୍ତ୍ତିକ ବେହେରା, ନିଶାମଣୀ ବେହେରା, ସ୍ୱା. କାର୍ତ୍ତିକ ବେହେରା, ପୁରୁଷୋତ୍ତମ ବେହେରା, ବଳରାମ ବେହେରା, ପି. ହରି ବେହେରା, ଜାତି- ଗୋପାଳ, ଗ୍ରାମ- ଗୋଡିପାଟଣା, ଥାନା- ଚୌଦ୍ୱାର, ଜିଲ୍ଲା- କଟକ ୫୮
୧୪୪	୮୯	ବେସରକାରୀ	ଶାରଦ ୩/୬	୦.୦୮୧୬	ରୁଷି ବେହେରା, କେଶବ ବେହେରା, ପି. ଭଗବାନ ବେହେରା, ରାମ ବେହେରା, ରାଜୁ ବେହେରା, ଦିଜ ବେହେରା, ପି. ନାଥ ବେହେରା, ପାଟନା ବେହେରା, ପି. ଗାଡେ ବେହେରା, ଶ୍ୟାମ ବେହେରା, ଦାମ ବେହେରା, ପି. ସିନ୍ଧୁ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୮୯

କ୍ର. ନଂ.	ସର୍ଭେ ନମ୍ବର	ଜମିର ପ୍ରକାର	ଜମିର କିସମ	ଜମିର ରକବା (ହେକ୍ଟରରେ)	ଜମିର ମାଲିକ / ଆଗ୍ରହୀ ବ୍ୟକ୍ତି
୧	୨	୩	୪	୫	୬
ଗ୍ରାମ : ମହିସାଲଣ୍ଡା					
୧୪୫	୬୧୫	ବେସରକାରୀ	ଶାରଦ ୨/୧୧	୦.୦୧୦୨	ଇନ୍ଦୁମତୀ ରାଉତ, ପି. ନିତ୍ୟାନନ୍ଦ ରାଉତ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୬୧୫
୧୪୬	୬୧୯	ବେସରକାରୀ	ଶାରଦ ୨	୦.୦୪୫୮	ମମତା ମାହାନ୍ତା ସ୍ୱା. ଦିଲ୍ଲୀପ କୁମାର ମାହାନ୍ତା, ଜାତି- କୁଡୁମି, ଗ୍ରାମ- ପୁରୁଣାଘାଟି, ୱାର୍ଡ ନଂ-୫, ଥାନା- ରାଇରଙ୍ଗପୁର, ଗ୍ରାମ- ମୟୂରଭଞ୍ଜ ୬୧୯
୧୪୭	୬୨୧	ବେସରକାରୀ	ଶାରଦ ୨	୦.୦୧୦୨	ଲିଲିମା ସାହୁ, ସ୍ୱା. ଲିଙ୍ଗରାଜ ସାହୁ, ଜାତି- ଗୁଡିଆ, ଗ୍ରାମ- ବଡବେରେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୧
୧୪୮	୬୨୨	ସରକାରୀ	ରାସ୍ତା	୦.୦୯୪୭	ସର୍ବସାଧାରଣ ୬୨୨
୧୪୯	୬୨୬	ବେସରକାରୀ	ଶାରଦ ୨/୩	୦.୦୦୮୬	ଲିଲିମା ସାହୁ, ସ୍ୱା. ଲିଙ୍ଗରାଜ ସାହୁ, ଜାତି- ଗୁଡିଆ, ଗ୍ରାମ- ବଡବେରେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୬
ଗ୍ରାମ : ଚମ୍ପାଦେଇପୁର					
୧୫୦	୩୭/୧୫୨	ବେସରକାରୀ	ଶାରଦ ୩	୦.୦୯୭୧	ଦୈତାରୀ ସାମଲ, ଦୈତାରୀ ସାମଲ, ପି. ସୁଦର୍ଶନ ସାମଲ, ତୁଳସୀ ବେଓ୍ୱା, ସ୍ୱା. ଜୟରାମ ସାମଲ, ଜାତି- ଓଡ ପ୍ରଧାନ, ଗ୍ରାମ- ଶଙ୍କରପୁର ୩୭/୧୫୨
ଗ୍ରାମ : ବନ୍ତୋ					
୧୫୧	୧୧	ସରକାରୀ	ମାହାରା	୦.୦୦୨	ରକ୍ଷିତ ୧୧
୧୫୨	୧୧୦	ବେସରକାରୀ	ଶାରଦ ୩	୦.୦୧୪	ଅଶୋକ କୁମାର ମହାନ୍ତି, ପି. ବେଣୁ ଚରଣ ମହାନ୍ତି, ଜାତି- କରଣ, ଗ୍ରାମ-ନିଜଗାଁ ୧୧୦
୧୫୩	୭୭	ବେସରକାରୀ	ଶାରଦ ୨	୦.୦୪୬୨	ଧୋବେଇ ନାୟକ ପି. କୁରୁପ ନାୟକ, ଜାତି- ଖଣ୍ଡାୟତ, ଗ୍ରାମ- ଜେମା

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସମ୍ଭବ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ମିଲ୍‌ଖା, ଉଷାଙ୍କୁ ଏସ୍‌ଜେଏଫ୍‌ଆଇ ପଦକ

■ ବାର୍ଷିକ ସାଧାରଣ ବୈଠକରେ ନିର୍ବାଚନ ଅନୁଷ୍ଠିତ
■ କାର୍ଯ୍ୟକାରୀ କମିଟିରେ ଓସ୍‌ଜାର ସୁରେଶ ସାମିଲ

ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ)ର ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଅହବଦାବାଦରେ ଅନୁଷ୍ଠିତ ହୋଇଯାଇଛି। ଫ୍ଲାଇଂ ଶିଖ୍ ମିଲ୍‌ଖା ସିଂ ଏବଂ ଟ୍ରାକ୍ ଷ୍ଟାର ପି.ଟି. ଉଷାଙ୍କୁ ସମ୍ମାନଜନକ ଏସ୍‌ଜେଏଫ୍‌ଆଇ ପଦକ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ମିଲ୍‌ଖାଙ୍କୁ ମରଣୋତ୍ତରଭାବେ ଏହି ପଦକ ପ୍ରଦାନ କରାଯିବ। ପୂର୍ବରୁ ବିଜୟ ଅମୃତରାଜ, ପ୍ରକାଶ ପାଦୁକୋନେ ଓ ସୁନୀଲ ଗାଭାସ୍କର ଏହି ପଦକ ପାଇଥିଲେ। ୨୦୨୩ରୁ ୨୦୨୫ପାଇଁ ଅନୁଷ୍ଠିତ ନିର୍ବାଚନରେ ତୁଷାର ତ୍ରିବେଦୀ ସଭାପତି ଓ ପ୍ରଶାନ୍ତ କେନି ସମ୍ପାଦକ ମନୋନୀତ ହୋଇଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ଏସ୍‌ଜେଏଫ୍‌ଆଇର କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇଛନ୍ତି।

ଏସ୍‌ଜେଏଫ୍‌ଆଇର ନବନିର୍ବାଚିତ କର୍ମକର୍ତ୍ତା।

ନବନିର୍ବାଚିତ ସଦସ୍ୟ: ସଭାପତି: ତୁଷାର ତ୍ରିବେଦୀ, ଉପସଭାପତି: ବିକାଶ ପାଣ୍ଡେ, ମନୁଜା ଭୀରାପ୍ପା, ସରଜୁ ଚକ୍ରବର୍ତ୍ତୀ, ପରିତୋଶ ପରମାଣିକ, ସମ୍ପାଦକ: ପ୍ରଶାନ୍ତ କେନି, ଯୁଗ୍ମ ସମ୍ପାଦକ ରମେଶ ଭରିକୁପ୍ପାଲା, କୋଷାଧ୍ୟକ୍ଷ: ପାର୍ଥ ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ କମିଟି: ସୁରେଶ କୁମାର ସ୍ୱାଇଁ, ରିପ୍‌ଲେ ଚିରିଷ୍ଟେ, କେ. କୀର୍ତ୍ତିବାସନ, ସୁପ୍ରଭାତ ଦେବନାଥ, ବିଦ୍ୟୁତ କାଲିଟା, ନିଲେଶ ଦେଶପାଣ୍ଡେ, ସବି ହୁସେନ ନକ୍‌ଭି।

ବିପର୍ଯ୍ୟୟ: ଦହିୟାଙ୍କୁ ହରାଇଲେ ଟୋଡ୍‌କର

ନୂଆଦିଲ୍ଲୀ, ୨୩।୭ (ପି.ଟି.): ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ୫୭କେଜି ଶ୍ରେଣୀ ପୁରୁଷ ବାଉଟ୍‌ରେ ଅଲିମ୍ପିକ ରୌପ୍ୟ ବିଜେତା ରବି ଦହିୟାଙ୍କୁ ଅପ୍ରତ୍ୟାଶିତ ଭାବେ ହରାଇ ଦେଇଛନ୍ତି ମହାରାଷ୍ଟ୍ରର ଆତିଶ ଟୋଡ୍‌କର। କିନ୍ତୁ ଅମନ ଶେରାୱତ ୫୭କେଜି ଟ୍ରାଏଲ୍ସ ଜିତି ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଚଣ୍ଡ ଶକ୍ତି ଓ ସାମର୍ଥ୍ୟ ପାଇଁ ଦହିୟାଙ୍କୁ ଅନେକେ 'ମେଶିନ୍' ବୋଲି କହିଥାନ୍ତି। ଯେଉଁମାନେ ଦହିୟାଙ୍କ କୁସ୍ତି ଦେଖିଛନ୍ତି, ସେମାନେ କହିଛନ୍ତି, କୌଣସି ଭାରତୀୟ ରେସ୍‌ଲର ଦହିୟାଙ୍କଠାରୁ ୨ ପଏଣ୍ଟ ନେବା ଏକ କଠିନ ବ୍ୟାପାର। ସୂଚନାଯୋଗ୍ୟ, ଦହିୟାଙ୍କ ଡାହାଣ ଆଣ୍ଠୁରେ ଏସିଏଲ୍ (ଅଣ୍ଟେରିଅର୍ କ୍ରୁସିଏଟ୍ ଲିଗାମେଣ୍ଟ) ଓ ଏମ୍‌ସିଏଲ୍ (ମେଡିଆଲ୍ କୋଲାଟରାଲ ଲିଗାମେଣ୍ଟ) ଇଞ୍ଜୁରି ଯୋଗୁ ଚଳିତବର୍ଷ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲେ। ବିଶାଲ କାଲିରମନ ୬୫କେଜି ଟ୍ରାଏଲ ଜିତି ଏହି କାଟେଗୋରିରେ ଭାରତରୁ ପ୍ରତିନିଧିତ୍ୱ କରିବା ଲାଗି ହକ୍‌ଦାର ହୋଇପାରିଛନ୍ତି। ମାତ୍ର ବଜରଙ୍ଗ ପୁନିଆ ପୂର୍ବରୁ ସିଧାସଳଖ ଏଣ୍ଟ୍ରି ପାଇ ସାରିଛନ୍ତି। ବଜରଙ୍ଗଙ୍କୁ ଟ୍ରାଏଲ୍ସରୁ ଛାଡ଼ କରାଯିବାକୁ ନେଇ ଏହି କାଟେଗୋରିର ଅନ୍ୟତମ କୁସ୍ତିଯୋଦ୍ଧା ସୁଜିତ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ବିଫଳ ହୋଇଥିଲେ। ଟ୍ରାଏଲ୍ସରେ ସେ କିନ୍ତୁ ଅଭିଜ୍ଞ ରୋହିତଙ୍କଠାରୁ ହାରିଯାଇଛନ୍ତି। ବିଶାଲ କହିଛନ୍ତି, ସେ ରବିବାର ଯେମିତି ହେଲେ ଟ୍ରାଏଲ ଜିତିବାକୁ ଚାହିଁଥିଲେ। ସେ ସଫଳ ହେଲେ ମଧ୍ୟ। ରବିବାର ଯଦି ବଜରଙ୍ଗ ତାଙ୍କ ସହିତ ମୁକାବିଲା କରିଥାନ୍ତେ ସେ ମଧ୍ୟ ହାରିଯାଇଥାନ୍ତେ, ଏହି ଦୃଢ଼ ବିଶ୍ୱାସ ତାଙ୍କର ରହିଛି। ବଜରଙ୍ଗଙ୍କ ସଫଳତାକୁ ଆମେ ସମ୍ମାନ ଦେଉଛୁ, ହେଲେ ସେମାନେ ଜୁନିୟର ଖେଳାଳିଙ୍କ କ୍ୟାରିୟର ନଷ୍ଟ କରିଦେଇପାରନ୍ତି ବୋଲି ବିଶାଲ କହିଛନ୍ତି। ୬୫କେଜି ଟ୍ରାଏଲ୍ସ ଜିତିବା ପରେ ଆମକୁ ଷ୍ଟାଣ୍ଡ ବାଏ କରାଯିବା ଗ୍ରହଣଯୋଗ୍ୟ ନୁହେଁ। ଏହି ପ୍ରସଙ୍ଗରେ ଆମେ ଲଢେଇ କରିବୁ। ଆବଶ୍ୟକହେଲେ ସୁପ୍ରିମ୍‌କୋର୍ଟ ଯିବୁ। ବଜରଙ୍ଗଙ୍କୁ ସିଧାସଳଖ ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି।

ଓଡ଼ିଶାରୁ ଭାଗନେବେ ୧୮ ଆଥ୍‌ଲେଟ

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମନୋନୀତ ଓଡ଼ିଶାର ପ୍ରତିଯୋଗୀ ଓ ଅଫିସିଆଲଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର, ୨୩।୭
(ତପନ ସ୍ୱାଇଁ)

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚାଇନାର ଚେଙ୍ଗଡୁଠାରେ ଚଳିତ ମାସ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ ୩୨୫ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ଓଡ଼ିଶାର ୨୯ ଜଣ ସାମିଲ। ଓଡ଼ିଶା ପ୍ରତିନିଧି ଦଳ ମଧ୍ୟରେ ୧୮ ଖେଳାଳି ଓ ୧୧ ଅଫିସିଆଲ ରହିବେ। ଖେଳାଳିଙ୍କ ମଧ୍ୟରୁ ୧୪ ଜଣ କିଟ୍, ୩ ଜଣ ସମ୍ବଲପୁର ଓ ଜଣେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିବେ। ଏମାନଙ୍କ ମଧ୍ୟରେ ୯ ମହିଳା ଓ ୯ ପୁରୁଷ ଖେଳାଳି ସାମିଲ। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ନିଯୁକ୍ତ ହୋଇଛନ୍ତି।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ମୋଟ ୧୮ଟି ଗେମ୍‌ର ୨୬୯ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ୪୯ଟି ଭେନ୍ୟୁକୁ ପ୍ରସ୍ତୁତ କରାଯାଇଛି। ଏହା ମଧ୍ୟରେ ଗୋଟିଏ ଉଦ୍‌ଘାଟନୀ ସମାରୋହ ଭେନ୍ୟୁ, ୨୭ଟି ପ୍ରତିଯୋଗିତା, ୧୮ଟି ଟ୍ରେନିଂ ଏବଂ ୩ଟି ବ୍ୟାକ୍‌ଅପ୍ ଭେନ୍ୟୁ ସାମିଲ। ଭାରତୀୟ ପ୍ରତିନିଧି ଦଳରେ ଯେଉଁ ୩୨୫ ସାମିଲ ରହିବେ ସେମାନଙ୍କ ମଧ୍ୟରେ ଅଛନ୍ତି ୨୬୫ ଆଥଲେଟ୍ ଏବଂ ୬୦ ଅଫିସିଆଲ ଓ କୋଚ୍। ପ୍ରତିଯୋଗିତାରେ ମୋଟ ୭୦ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବେ। ଭାରତୀୟ ଆଥଲେଟ୍‌ମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଏକୋଣ୍ଡୋ, ଟେନିସ, ଭଲିବଲ, ଉଷୁ ଆଦି ୧୨ଟି ଗେମ୍‌ରେ ଅଂଶଗ୍ରହଣ କରିବେ। ଆଥଲେଟିକ୍ସରେ ସର୍ବାଧିକ ୪୦ ଏବଂ ଟେନିସ ଓ ଉଷୁରେ ୪ ଜଣ ଲେଖାଏ ପ୍ରତିଯୋଗୀ ଭାଗ୍ୟ ପରୀକ୍ଷା କରିବେ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅଫିସିଆଲଙ୍କ ମଧ୍ୟରେ ଗଗନେନ୍ଦୁ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ହୋଇଥିବାବେଳେ ଶୈଳେନ୍ଦ୍ର କୁମାର ଜେନା ଆଥଲେଟିକ୍ସ ମ୍ୟାନେଜର, କୈଳାସ ଚନ୍ଦ୍ର ଦାସ ଓ ସୁଶାନ୍ତ କୁମାର ଦାଶ ପ୍ରଶାସନିକ ଅଧିକାରୀ, ସନ୍ତୋଷ କୁମାର ଦାଶ ବ୍ୟାଡ୍‌ମିଣ୍ଟନ ସ୍ପୋର୍ଟ୍ସ ଅଫିସିଆଲ ଏବଂ ସଞ୍ଜୟ ଗଡ଼ନାୟକ କୋଚ୍‌ଭାବେ ଦାୟିତ୍ୱ ତୁଲାଇବେ।

ପୁରୁଷ ଟ୍ରାପ୍‌ରେ ଭାରତକୁ ରୌପ୍ୟ

ନୂଆଦିଲ୍ଲୀ, ୨୩।୭ (ପି.ଟି): କୋରିଆର ଚାଙ୍ଗଓନ୍‌ରେ ଅନୁଷ୍ଠିତ ଜୁନିୟର ଶୁଟିଂ ବିଶ୍ୱକପର ପୁରୁଷ ଟ୍ରାପ୍ ଇଭେଣ୍ଟରେ ଭାରତକୁ ରୌପ୍ୟ ପଦକ ମିଳିଛି। ରବିବାର ଭାରତୀୟ ଦଳରୁ ବଖତ୍ୟାରୁଦ୍ଦିନ ମାଲେକ୍, ଶାର୍ଦ୍ଦୁଲ ଭିହାନ୍ ଓ ଆର୍ଯ୍ୟବଂଶ ତ୍ୟାଗୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଭାରତ ୩୪୬ ପଏଣ୍ଟ ସ୍କୋର କରିଥିବା ବେଳେ ଇଟାଲୀ ୩୫୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା। ପ୍ରଥମ ଥର ପାଇଁ କୌଣସି ଭାରତୀୟ ଟ୍ରାପ୍ ଶୁଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ପଦକ ହାସଲ କରି ଇତିହାସ ରଚିଛନ୍ତି। ମହିଳା ବର୍ଗରେ ଅସୀମା ଅହ୍ଲାୱତ ଟପ୍-୬ ଫିନିଶ୍ କରିଥିଲେ ହେଁ ସମାନ ପୋଜିଶନ୍‌ରେ ରହିଥିଲେ।

ଶୁଟିଂ: ଖୋର୍ଦ୍ଧା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୩।୭
(ବିଜୟ ରଣା)

ରାଜ୍ୟ ଶୁଟିଂ ପ୍ରତିଯୋଗିତାର ଦ୍ୱାଦଶ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ରାଇଫଲ ସଂଘ ତରଫରୁ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହିପ୍ରତିଯୋଗିତା ଉଭୟ କଳିଙ୍ଗ ଷ୍ଟାଡିୟମ ଓ ଉତ୍କଳ କରାଟେ ସ୍କୁଲରେ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ସର୍ବାଧିକ ୧୧ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଅନୁଗୋଳ ୪ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ କଟକ ଦୁଇ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନରେ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଶିଷ ସାମନ୍ତରାୟ, ଆଶିଷ ନାୟକ, ବଳଭଦ୍ର ଦାସ, ଗୌରୀ ମହାନ୍ତି, ରୋମିଓକାନ୍ତ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ରାକେଶ ମହାନ୍ତି, ସୋନୁ ପଣ୍ଡା, ଅରବିନ୍ଦ ସାହୁ ଏବଂ ସଂଘର ସମ୍ପାଦକ ଡ. ହରିପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ଶୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଏକାଦଶ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା

ଦର୍ଶନ ଆଚାର୍ଯ୍ୟ (ସମ୍ଭବ)
ଜନ୍ମ ତାରିଖ: ତା୨୪।୦୭।୨୦୧୨
ଲୋକେଶ୍ୱରପୁର, ଖୋର୍ଦ୍ଧା
ତୋର ଏକାଦଶ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଶ୍ରୀଜିଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ନନା, ବୋଉ, ଅଜା, ଆଈ, ମାମୁ, ମାଈଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମା ନାନୀ ।
୪-୦୮୮

ଭୋନାରେଭାଙ୍କୁ ପୋଲାଣ୍ଡ ମନା

ଡବ୍ଲ୍ୟୁଟିଏ ୨୫୦ ଟୁର୍ନାମେଣ୍ଟ

ୱାରସ (ପୋଲାଣ୍ଡ), ୨୩।୭ (ଏ.ପି.): ରୁଷୀୟ ଟେନିସ ଖେଳାଳି ଭେରା ଭୋନାରେଭାଙ୍କୁ ପୋଲାଣ୍ଡ ପ୍ରବେଶରେ ବାରଣ କରାଯାଇଛି। ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୋନାରେଭାଙ୍କର ୱାରସରେ ଏକ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା। ବିଶ୍ୱର ପୂର୍ବତନ ଦୁଇ ନମ୍ବର ଖେଳାଳି ଏକ ଫ୍ରେଞ୍ଚ୍ ଭିଜା ସହାୟତାରେ ବେଲଗ୍ରେଡ୍‌ରୁ ଯାତ୍ରା କରିଥିଲେ। ସୀମା ସୁରକ୍ଷା କର୍ମଚାରୀମାନେ ତାଙ୍କୁ ଅଟକାଇ ଦେଇଥିଲେ। ଭୋନାରେଭା ୱାରସ ଟ୍ରାଞ୍ଜିଟ୍ ଜୋନ୍‌ରେ ରହଣି କରିବା ପରେ ବିମାନ ଯୋଗେ ମଣ୍ଟେନିଗ୍ରୋର ପଡ୍‌ଗ୍ରୋସିଆକୁ ପଳାଇଛନ୍ତି। ଭୋନାରେଭା ବର୍ତ୍ତମାନ ୬୦ତମ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ସେ ସୋମବାରଠାରୁ ଆରମ୍ଭ ହେବାକୁଥିବା ପିଏନ୍‌ବି ପାରିବାସ ୱାରସ ଓପନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତେ।

ଉପେନ୍ଦ୍ର ସ୍ମାରକୀ ସ୍କୁଲ୍ସ ଚେସ୍: ଲଳିତ ଚାମ୍ପିୟନ

ଭୁବନେଶ୍ୱର, ୨୩।୭
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନ ମନ୍ଦିର ପରିସରରେ ରବିବାର ୩ୟ ଉପେନ୍ଦ୍ର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ୍‌ର ଲଳିତ ରଞ୍ଜନ ସାହୁ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। କେଦାରଗୌରୀ ଜେଣ୍ଟ ଜାଭିଅର ହାଇସ୍କୁଲର ନମସ୍ୟ ନଳିନୀ ଓ ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲର ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରିହନ ମିଶ୍ର, ରିଶିତ ଦେବନାଥ, ପ୍ରିୟଦର୍ଶନ ରାୟ, ଅକ୍ଷୟ ଅଗ୍ରୱାଲ, ସତ୍ୟ ନାରାୟଣ ସ୍ୱାଇଁ, ଅଭନେଶ ସାମନ୍ତରାୟ ଓ ଆୟୁଷ ପରିଡ଼ା ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉପେନ୍ଦ୍ର ନାୟକଙ୍କ ଝିଅ ପ୍ରିୟଦର୍ଶିନୀ ନାୟକ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଭବିଷ୍ୟତରେ ପୁରସ୍କାର ଯୋଜନା

ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ସଂଘର ବାର୍ଷିକ ବୈଠକ

ଭୁବନେଶ୍ୱର, ୨୩।୭
(ତପନ ସ୍ୱାଇଁ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ ପ୍ରଶାସନିକ ଓ ବୈଷୟିକ ଅଧିକାରୀ ସଂଘର ବାର୍ଷିକ ବୈଠକ ରବିବାର ପୁରୀସ୍ଥିତ ଯୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପରାମର୍ଶଦାତା ବୋର୍ଡ ଗଠନ କରାଯାଇଛି। ଏଥିରେ ହରିପ୍ରସାଦ ଶତପଥୀ, କିଶୋର ମାଣିଆ, ଅରୁଣ ଦାସ ଓ ପଙ୍କଜ ସାହୁ ରହିଛନ୍ତି। ଗଠିତ ଆଡ୍‌ହକ୍ କମିଟିର ସଭାପତି ଗିରିଜା ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଆର.ଏନ୍. ସେନାପତି, ଓ କୋଷାଧ୍ୟକ୍ଷ ଭାବେ ଆର.କେ. ମଣ୍ଡଳ ମନୋନୀତ ହୋଇଛନ୍ତି। ଜୋନାଲ ସମ୍ପାଦକଭାବେ ଏନ୍.କେ. ମିଶ୍ର, ବି.ଡି. ପ୍ରଧାନ, କୁମାର ପଣ୍ଡା, ଅକ୍ଷୟ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟଭାବେ ଜଇରାଜ ପଟ୍ଟନାୟକ, ଜ୍ଞାନ ରଞ୍ଜନ ପରିଡ଼ା, ଅଭୟ ପଟ୍ଟନାୟକ, ସନାତନ ସାହୁ, ଆର.ପି. ପାଣି ରହିଛନ୍ତି। ନିଜ ଅଭିଜ୍ଞତାକୁ ପାଥେୟ କରି ସଂଘର କର୍ମକର୍ତ୍ତାମାନେ କ୍ରୀଡ଼ା ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅବସରରେ ସେମାନଙ୍କ ମତାମତ ରଖିବେ। ସଂଘର ସଦସ୍ୟଙ୍କ ସହଯୋଗରେ ବର୍ଷର ପ୍ରତି କ୍ୱାର୍ଟରରେ ନ୍ୟୁଜଲେଟର ପ୍ରକାଶ କରିବା ସହିତ ଭବିଷ୍ୟତରେ ଜଣେ ଏମର୍ଜିଂ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି।

ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ।

Classified Everyday
0674-2580101, 2549949

REAL ESTATE

SALE

Puri location Charinala near Jena Sahi 1200sqft. plot for sale. Contact- Phone. 8018702198, 9090917149. D-69090

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ ବିକ୍ରିହେବ, **9439832956, 9337513276.** D-0833

**"600sqft. commercial space for sale

ଭିଟାମିନ୍ ବି-୧୨

ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବା ଲାଗି ଆମେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ନିହାତି ଦରକାର। କାରଣ ଏଗୁଡ଼ିକର ପରିମାଣ ଅସନ୍ତୁଳିତ ରହିଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ଠିକ୍ ସେହିପରି ଆମ ଶରୀରରେ ଭିଟାମିନ୍ ବି-୧୨ ପରିମାଣ ସନ୍ତୁଳିତ ରହିବା ଆବଶ୍ୟକ। ଏହାର ଅଭାବରେ କେତେକ ଶାରୀରିକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ବିଶେଷଭାବରେ ଏହାର ଅଭାବ ମାନସିକ ଅବସ୍ଥା ଉପରେ ପଡ଼େ। ଏହା ଠିକ୍ ରହିଲେ ମୁଡ୍ ସକାରାତ୍ମକ ରହିଥାଏ। ଏପରି ଭିଟାମିନ୍ ଅସନ୍ତୁଳିତ ରହିଲେ ତାହା ଷ୍ଟ୍ରେସ୍‌ଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏହାଠାରୁ ଦୂରେଇ ରହିବା ଲାଗି ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହାର ଅଭାବ ଆଉ ଏକ ଗୁରୁତର ସମସ୍ୟା ସୃଷ୍ଟି କରେ। ଏହାର ପରିମାଣ ଯଦି ଠିକ୍ ନ ରହେ ତେବେ ଶରୀର ଭିତରେ ରକ୍ତର ପରିମାଣ କମିଯାଇଥାଏ। ଏହାଦ୍ୱାରା ଅଳ୍ପ କାମ କଲେ ଥକ୍କା ଲାଗିବା, ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଦିଏ।



ଭିଟାମିନ୍ ବି-୧୨ର ଅଭାବ ଆଉ ଏକ ଅଙ୍ଗ ଉପରେ ମଧ୍ୟ ପଡ଼ିଥାଏ। ତାହା ହେଲା ଅସ୍ଥି। ଉକ୍ତ ଭିଟାମିନ୍‌ର ଅଭାବରେ ଅସ୍ଥି ଦୁର୍ବଳ ହୋଇଯାଏ। ଭିଟାମିନ୍ ବି-୧୨ର ପ୍ରମୁଖ ଉତ୍ସଗୁଡ଼ିକ ହେଲା, ମାଛ, ମାଂସ, ଅଣ୍ଡା, ପାଚିଲା କଦଳୀ ଏବଂ ଦୁଗ୍ଧଜାତୀୟ ଖାଦ୍ୟ।

ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ ଦହି

ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ନିୟମିତ ଦହି ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ। ତା'ସହ ଶରୀରକୁ ଶକ୍ତି ପ୍ରଦାନ କରେ। ଏଥିରେ ଥିବା କ୍ୟାଲ୍‌ସିୟମ୍ ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜ୍‌ଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରୋସିସ୍ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଏଥିସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ତା' ସହ ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ଲାକ୍‌ଟିକ୍ ଏସିଡ୍ ଯୋଗୁ କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ଦହିରେ ଲାକ୍‌ଟିକ୍ ଏସିଡ୍ ତତ୍ତ୍ୱ ଫଙ୍ଗାଲ ସମସ୍ୟା ଦୂର କରିଥାଏ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ଖାଦ୍ୟରେ କିଛି ପରିମାଣରେ ଦହି ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ ଦହି। ଶରୀରରେ ହରମୋନ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ରକ୍ତରେ ଶର୍କରାର

ପରିମାଣକୁ ଏହା ସନ୍ତୁଳିତ ରଖେ ଯାହା ହୃଦ୍‌ଜନିତ ଏବଂ ଡାଇବେଟିସ୍ ଭଳି ସମସ୍ୟାରୁ ରକ୍ଷା କରେ।

ମାନବୀୟ ଅଭିବୃଦ୍ଧିରେ ଜୈବ ପ୍ରଯୁକ୍ତିବିଜ୍ଞାନ

ଡ. ମାନସ ରଞ୍ଜନ ଶତପଥୀ

"ଜୈବ ପ୍ରଯୁକ୍ତିବିଜ୍ଞାନଭିତ୍ତିକ ଉଦ୍ୟୋଗ ବିଶେଷ ପୁଞ୍ଜି ଆବଶ୍ୟକତା ଦୃଷ୍ଟିରୁ କୌଣସି ବିକାଶଶୀଳ ରାଷ୍ଟ୍ରରେ ସ୍ଥାନୀୟ ପ୍ରତିଭାଙ୍କୁ ବିନିଯୋଗ କରି ବିନା ସରକାରୀ ସହାୟତାରେ ଜୀବିତ ରହିବା କଷ୍ଟକର ବ୍ୟାପାର। ସେଥିପାଇଁ ଆବଶ୍ୟକସ୍ଥଳେ ଅନେକ ଉଦ୍ୟୋଗ ବାହ୍ୟ ସୂତ୍ରରୁ ଏପରିକି ବିକଶିତ ରାଷ୍ଟ୍ରଙ୍କ ଠାରୁ ଆର୍ଥିକ ସହାୟତା ଗ୍ରହଣ କରନ୍ତି। ତେଣୁ ଏପରି ଉଦ୍ୟୋଗ, ଜ୍ଞାନକୌଶଳ ତଥା ପରିସଂସ୍ଥା ସ୍ଥାନୀୟ ବଜାର ପରିସ୍ଥିତିରେ ବଞ୍ଚିରହିବା ନିମନ୍ତେ ସରକାରୀ ପ୍ରୋତ୍ସାହନ ଏବଂ ତତ୍‌ସଂଲଗ୍ନ ଆବଶ୍ୟକ ନୀତି ନିତାନ୍ତ ଆବଶ୍ୟକ।"

ବିଜ୍ଞାନର ଏକ ନୂତନ ଆଲୋଡ଼ନକାରୀ ସମ୍ଭାବନା ଭାବେ ଜୈବ ପ୍ରଯୁକ୍ତିବିଜ୍ଞାନ (ବାୟୋଟେକ୍ନୋଲୋଜି) ସମଗ୍ର ପୃଥିବୀରେ ଉଭା ହୋଇଅଛି, ଯାହା ମୌଳିକ ବିଜ୍ଞାନର ବିଭିନ୍ନ ଶାଖା ଯଥା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଭଳି ଅନ୍ୟାନ୍ୟ ବିଜ୍ଞାନକୁ ସମାହିତ କରି ଏକ ଯୁଗ୍ମ ଔଦ୍ୟୋଗିକ ପ୍ରକ୍ରିୟା ନିର୍ଦ୍ଧାରିତ କରିପାରିବାରେ ସକ୍ଷମ। ଏପରି ଭିନ୍ନ ଶୈଳୀର ବିଜ୍ଞାନରେ ଯେକୌଣସି ଜୀବକୋଷ ବା କୋଷରେ ଥିବା ଡି.ଏନ୍.ଏ., ଆର୍.ଏନ୍.ଏ., ପ୍ରୋଟିନ୍ ଇତ୍ୟାଦିକୁ ମାନବୀୟ ଆବଶ୍ୟକତା ଅନୁସାରେ ଭାଙ୍ଗି ଯୋଡ଼ି ବା ରୂପାନ୍ତରିତ କରି ସଙ୍କର କୋଷ ସୃଷ୍ଟି କରିବା କ୍ଷମତା ଥିବାରୁ ଏହାକୁ ପ୍ରଯୁକ୍ତ ବିଜ୍ଞାନର ଆଖ୍ୟା ଦିଆଯାଇଛି। ବିକଶିତ ରାଷ୍ଟ୍ରମାନେ ପୂର୍ବରୁ ଏହାର ବହୁଳ ଉପଯୋଗ କରି କୃଷି, ଖାଦ୍ୟ ଉପାର୍ଜନ, ସ୍ୱାସ୍ଥ୍ୟସେବା, ପରିବେଶ ନିୟନ୍ତ୍ରଣ ତଥା ଜନହିତକାରୀ କ୍ଷେତ୍ରଗୁଡ଼ିକରେ ବୈପ୍ଳବିକ ସଫଳତା ପାଇ ଲାଭବାନ ହେଉଥିବା ବେଳେ ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ଏହାକୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଦରି ପାରିନାହାନ୍ତି। କିନ୍ତୁ ବିଜ୍ଞାନର ଏହି ନୂତନ ଆଲୋଡ଼ନ ଦ୍ୱାରା ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କ ନିଜର ପରିବେଶ ତଥା ସାମାଜିକ ଆବଶ୍ୟକତା ଅନୁଯାୟୀ ନୂତନ ପ୍ରୟୋଗ ବିଜ୍ଞାନକୁ ଆଦରି ନେବାର ଅଙ୍ଗୀକାରବଦ୍ଧତା ସୁଯୋଗ ସୃଷ୍ଟି କରି ଆର୍ଥିକ ଅଗ୍ରଗତି, ନିଯୁକ୍ତି, ଉନ୍ନତ ସ୍ୱାସ୍ଥ୍ୟ, ପୋଷଣୀୟ ବିକାଶ ତଥା ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ବେଶ ଲାଭବାନ ହୋଇପାରନ୍ତେ। ଏହା କହିବା ବାହୁଲ୍ୟ ଯେ ଜୈବ ପ୍ରଯୁକ୍ତିବିଜ୍ଞାନ ସମାଜରେ ଭିନ୍ନ ସୁଯୋଗ ସୃଷ୍ଟି କରିବା ସହିତ ବହୁ କଷ୍ଟକର ଓ ଉଦ୍ଦୀପକ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରେ ଯେଉଁଗୁଡ଼ିକୁ ଅତ୍ୟନ୍ତ ସମ୍ବେଦନଶୀଳତା ସହ ଭରଣା କରିପାରିଲେ ଏହାର ସଫଳ ରୂପାୟନ ସମ୍ଭବ। ବିକାଶଶୀଳ ରାଷ୍ଟ୍ରରେ କୌଣସି ଜୈବ ପ୍ରଯୁକ୍ତିବିଜ୍ଞାନ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବିକଶିତ



ଜ୍ଞାନକୌଶଳ, ଠିକ୍ ଓ ନିରାପଦ ଉତ୍ପାଦ, ନିରୀକ୍ଷଣକାରୀ ଏବଂ ପ୍ରବର୍ତ୍ତନକ୍ଷମ ନିୟାମକ ସଂସ୍ଥାନ ମାନ ନିତାନ୍ତ ଆବଶ୍ୟକ ନଚେତ ଯେ କୌଣସି ଉଦ୍ୟୋଗ ନିୟମିତ ଭାବେ ପ୍ରବର୍ତ୍ତନ ନିୟମ ଓ ଆର୍ଥିକ ଚାପ ବଶବର୍ତ୍ତୀ ହୋଇ ପରିଚାଳନାଗତ ତ୍ରୁଟିର ସମ୍ମୁଖୀନ ହେବା ବିଧେୟ।

ଜୈବ ପ୍ରଯୁକ୍ତିବିଜ୍ଞାନଭିତ୍ତିକ ଉଦ୍ୟୋଗ ବିଶେଷ ପୁଞ୍ଜି ଆବଶ୍ୟକତା ଦୃଷ୍ଟିରୁ କୌଣସି ବିକାଶଶୀଳ ରାଷ୍ଟ୍ରରେ ସ୍ଥାନୀୟ ପ୍ରତିଭାଙ୍କୁ ବିନିଯୋଗ କରି ବିନା ସରକାରୀ ସହାୟତାରେ ଜୀବିତ ରହିବା କଷ୍ଟକର ବ୍ୟାପାର। ସେଥିପାଇଁ ଆବଶ୍ୟକସ୍ଥଳେ ଅନେକ ଉଦ୍ୟୋଗ ବାହ୍ୟ ସୂତ୍ରରୁ ଏପରିକି ବିକଶିତ ରାଷ୍ଟ୍ରଙ୍କଠାରୁ ଆର୍ଥିକ ସହାୟତା ଗ୍ରହଣ କରନ୍ତି। ତେଣୁ ଏପରି ଉଦ୍ୟୋଗ, ଜ୍ଞାନ କୌଶଳ ତଥା ପରିସଂସ୍ଥା ସ୍ଥାନୀୟ ବଜାର ପରିସ୍ଥିତିରେ ବଞ୍ଚିରହିବା ନିମନ୍ତେ ସରକାରୀ ପ୍ରୋତ୍ସାହନ ଏବଂ ତତ୍‌ସଂଲଗ୍ନ ଆବଶ୍ୟକ ନୀତି ନିତାନ୍ତ ଆବଶ୍ୟକ। ଗବେଷଣାକୁ ଅଧିକ ଶାଣିତ କରିବା ପାଇଁ ସରକାରୀ ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକ ଥିବାବେଳେ ସରକାରଙ୍କ ସହାୟତାରେ ଅତ୍ୟାଧୁନିକ ଇନ୍‌କ୍ୟୁବେସନ କେନ୍ଦ୍ର ପ୍ରତିଷ୍ଠା, କ୍ଲିନିକାଲ ଟ୍ରାଏଲ ନିମନ୍ତେ ନିରାପଦ ସ୍ଥାନ ତଥା ନିୟାମକ ଆଧୁନିକୀକରଣ ଭଳି ପଦକ୍ଷେପ ଅତ୍ୟାବଶ୍ୟକ। ଏପରିକି, ଏହି ଉଦ୍ୟୋଗ ପାଇଁ ଆବଶ୍ୟକ ସାମଗ୍ରୀଗୁଡ଼ିକୁ ଦେଶୀୟ ଉତ୍ପାଦ ଭାବେ ସ୍ଥାନୀୟ ବଜାରରେ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ମଧ୍ୟ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। କାରଣ ବାହ୍ୟ ଦେଶର ଏପରି ସାମଗ୍ରୀ ଅତ୍ୟନ୍ତ ମହଙ୍ଗା ହୋଇଥିବାରୁ ନୂତନ ଭାବେ ଗଢ଼ିଉଠୁଥିବା ଉଦ୍ୟୋଗ ପାଇଁ ମହଙ୍ଗା ଉପକରଣ ଘାତକ ହେବା ସମ୍ଭାବନା ଅଧିକ।

ଭାରତରେ ଜୈବ ପ୍ରଯୁକ୍ତିବିଜ୍ଞାନ ଯୁବପିଢ଼ି ତଥା ସରକାରଙ୍କ ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟିକାରୀ ଭାବେ ଆଗାମୀ ବର୍ଷଗୁଡ଼ିକରେ ୩୦,୦୦୦ କୋଟି ଆମେରିକୀୟ ଡଲାର ଅର୍ଥନୀତି ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଅଛି। ୨୦୨୨ ମସିହାରେ ଏହି ଉଦ୍ୟୋଗଗୁଡ଼ିକର ଆୟ ୮୦୦୦ କୋଟି ଡଲାର ଛୁଇଁଥିବା ବେଳେ ଭାରତବର୍ଷ ଆନ୍ତର୍ଜାତିକ ସ୍ତରରେ ୧୨ତମ ଶ୍ରେଷ୍ଠ ଗବେଷଣା ଗନ୍ତବ୍ୟସ୍ଥଳୀ ଭାବେ ବିବେଚିତ ହେଉଅଛି। କିନ୍ତୁ ଏସିଆ ମହାଦେଶରେ ଏହା ତୃତୀୟ ଭାବେ ପରିଚିତ। ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରାଳୟ ଅଧୀନରେ ଜୈବ ପ୍ରଯୁକ୍ତିବିଜ୍ଞାନ ବିଭାଗ ୧୯୮୬ ମସିହାରୁ କାର୍ଯ୍ୟରତ, ଯାହା ମାଧ୍ୟମରେ ସରକାର ଏ ସମ୍ବନ୍ଧୀୟ କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରିଥା'ନ୍ତି। ଏକ ଜାତୀୟ ମିଶନ ରୂପେ ଭାରତ ସରକାର ଏହି କୌଶଳର ସୁବିନିଯୋଗ କରି ଉନ୍ନତ ଗବେଷଣା, ବିକାଶ ଓ ବ୍ୟବସାୟ ମାଧ୍ୟମରେ ଦେଶରେ ବିଶାଳ ଜୈବ ଅର୍ଥନୀତି ଗଠନ କରିବାକୁ ଆଗାମୀ ଦିନରେ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ରୀୟ ବଜେଟ ୨୦୨୨-୨୩ରେ ପ୍ରାୟ ୨,୬୮୪ କୋଟି ଟଙ୍କାର ପ୍ରାବଧାନ କରି ଭାରତରେ ଗବେଷଣା ଓ ବିକାଶ କାର୍ଯ୍ୟ ପ୍ରତି ସରକାରୀ ପ୍ରତିବଦ୍ଧତା ପ୍ରମାଣିତ କରିଛନ୍ତି। ଆକଳନରୁ ଜଣାଯାଏ ଅଦ୍ୟାବଧି ୧୭୫ ଗୋଟି ଜୈବ ପ୍ରଯୁକ୍ତି ଉଦ୍ୟୋଗ ଭାରତରେ ସ୍ଥାପିତ ହୋଇ ସଫଳତାର ସହ କାର୍ଯ୍ୟକ୍ଷମ ଥିବାବେଳେ ଏହାର ଶତକଡ଼ା ୩୦ ପ୍ରତିଶତ କର୍ନାଟକର ବେଙ୍ଗାଲୁରୁଠାରେ ଅବସ୍ଥିତ।

ଓଡ଼ିଶା ସରକାର ମଧ୍ୟ ନିଜର ଜୈବ ପ୍ରଯୁକ୍ତିବିଜ୍ଞାନ ବିଭାଗ ସ୍ଥାପନ କରି 'ଓଡ଼ିଶା ବାୟୋଟେକ୍ନୋଲୋଜି ପଲିସି-୨୦୧୮' ପ୍ରଣୟନ ପରେ ବଛା ବଛା ଅତି ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ଗବେଷଣାକୁ ଅଗ୍ରାଧିକାର ଦେଇ ଉଦ୍ୟୋଗ-ଅଧ୍ୟାପନା ମଣ୍ଡଳୀ-ସାମାଜିକ କ୍ଷେତ୍ର ସହଯୋଗରେ ସର୍ବୋତ୍ତମ ପ୍ରୟୋଗାତ୍ମକ କୌଶଳ ବିକାଶ କରିବା ଲକ୍ଷ୍ୟ ରଖିଛନ୍ତି। ଉକ୍ତ ପଲିସି ମାଧ୍ୟମରେ ସରକାର ଏହି ଉଦ୍ୟୋଗର ବିକାଶ ନିମନ୍ତେ ଆର୍ଥିକ, ଅଣଆର୍ଥିକ ସହାୟତା ତଥା ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ରାଜ୍ୟ ସରକାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଯଥା ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ଜୈବ ପ୍ରଯୁକ୍ତି ଉଦ୍ୟୋଗ କିମ୍ବା ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ନିମନ୍ତେ ଉତ୍ସାହିତ କରୁଛନ୍ତି। ଉଦ୍ୟୋଗୀମାନଙ୍କ ଅନ୍ତରସ୍ଥ ଦକ୍ଷତା ବିକାଶ ଓ ବାଣିଜ୍ୟିକ ପ୍ରତିଯୋଗିତା ବଢ଼ାଇବା ଉଦ୍ଦେଶ୍ୟରେ ସ୍ୱଳ୍ପ ମିଆଦୀ କୋର୍ସ ଭିନ୍ନ ଭିନ୍ନ ବ୍ୟବସାୟିକ ଦିଗରେ ଯଥା ବିଜନେସ ମ୍ୟାନେଜମେଣ୍ଟ, ଏଣ୍ଟରପ୍ରିନିୟରଶିପ ଡେଭେଲପମେଣ୍ଟ, ବାୟୋସେଫ୍‌ଟି, ବାୟୋଏଥିକ୍‌ସ, ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟ୍ସ ଇତ୍ୟାଦି ପ୍ରଚଳିତ କରାଉଛନ୍ତି। ସରକାର ନିଜସ୍ୱ କିମ୍ବା ବେସରକାରୀ ସହଭାଗିତାରେ ଔଦ୍ୟୋଗିକ ବାତାବରଣ ବୃଦ୍ଧି ନିମନ୍ତେ ଏକାଧିକ ଇନକ୍ୟୁବେଟର ପ୍ରତିଷ୍ଠା ଲାଗି ମଧ୍ୟ ପ୍ରୟାସ କରୁଛନ୍ତି। ଜୈବ ପ୍ରଯୁକ୍ତି କ୍ଷେତ୍ରର ସମ୍ପ୍ରସାରଣ ନିମନ୍ତେ ଗବେଷଣା ଓ ବିକାଶ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଦିଗ ଯଥା କୃଷି, ଔଷଧୀୟ ଶାସ୍ତ୍ର, ପ୍ରାଣୀ ବିଜ୍ଞାନ, ଜୀବ ବିଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ପରିବେଶ ବିଜ୍ଞାନ, ଇତ୍ୟାଦି ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ରାଶିର ବ୍ୟବସ୍ଥା କରନ୍ତୁ। ଏହି ବିଦ୍ୟାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମ୍ମିଳନୀ, ଆଲୋଚନା ଚକ୍ର, କର୍ମଶାଳା ଇତ୍ୟାଦି ଆୟୋଜନ କରିବା ପାଇଁ ସୁଯୋଗ ଏବଂ ଆର୍ଥିକ ସହଯୋଗ ଯୋଗାଇ ଦେଉଛନ୍ତି। (କ୍ରମଶଃ...)

-ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଉଦ୍ଭିଦ ବିଜ୍ଞାନ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ : ୯୪୩୭୪୭୯୦୪୫

ଦାନ୍ତ ସମସ୍ୟା ଓ ମସ୍ତିଷ୍କ

ଆମେ ସକାଳେ ଏବଂ ରାତ୍ର ଭୋଜନ ପରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ପରିଷ୍କାର ପରିଚ୍ଛନ୍ନ ରହିଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ। ଯଦି ଦାନ୍ତମୂଳରେ ଖାଦ୍ୟର ଅବଶିଷ୍ଟାଂଶ ରହିଲା ତେବେ ତାହା ଅନେକ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରେ। ଏପରି କି ଏହା ଗୁରୁତର ଅବସ୍ଥା ଧାରଣ କଲେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ତେବେ ଦାନ୍ତ ସମସ୍ୟା ସହ ଆଉ ଏକ କଥାକୁ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଯୋଡ଼ିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଦାନ୍ତଜନିତ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଲେ ତାହାର ପ୍ରଭାବ ମସ୍ତିଷ୍କ ବା ବ୍ରେନ୍ ଉପରେ ପଡ଼ିବାର

ଆଶଙ୍କା ରହିଛି। ଏହାଦ୍ୱାରା ମସ୍ତିଷ୍କ ଭିତରେ ଥିବା ହିପ୍ପୋକେମ୍ପସ ତତ୍ତ୍ୱ ପ୍ରଭାବିତ ହୋଇଥାଏ। ତେଣୁ ଦାନ୍ତ ଯେପରି ସବୁବେଳେ ପରିଷ୍କାର ରହେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ମୁଣ୍ଡ ବିନ୍ଧୁଥିଲେ...

ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବିନ୍ଧିଥାଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମୁଣ୍ଡ ବ୍ୟଥାରୁ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାର ରହିଛି। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ମୁଣ୍ଡବ୍ୟଥା

କମାଇବାରେ ସାହାଯ୍ୟ କରେ। ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ପ୍ରତଦିନ ରାତରେ ପ୍ରାୟ ୬-୭ ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ରହିଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ମୁଣ୍ଡବ୍ୟଥାରୁ ଅନେକାଂଶର ଉପଶମ ଦେଇଥାଏ। ହର୍‌ବାଲ୍ ଉପଚାରକୁ ମଧ୍ୟ ଏଥିପାଇଁ ଆପଣେଇ ପାରନ୍ତି। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଏହି ସମୟରେ ଅଦା ମିଶ୍ରିତ ଚା' ପିଇଲେ ତାହା ମୁଣ୍ଡ ବନ୍ଧାରୁ ସାମୟିକ ଉପଶମ ଦେଇଥାଏ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇଲେ ତାହା ସେତେ ଭଲ। ମୁଣ୍ଡବିନ୍ଧାର ଅନ୍ୟତମ କାରଣ ହେଲା ଟେନ୍‌ସନ୍। ଏହାଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ମୁଣ୍ଡବିନ୍ଧା ଯଦି ଦୀର୍ଘ ଦିନ ଧରି ଲାଗି ରହେ ତେବେ ଏଭଳି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।

ଡିପ୍ରେସନ୍ ଦୂର କରିବାର ସହଜ ଉପାୟ

କୁହାଯାଏ ଶରୀରକୁ ସୁସ୍ଥ ଓ ମଜ୍‌ଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଗମୁକ୍ତ ତଥା ସୁସ୍ଥ ଜୀବନ ପାଇଁ ଖାଦ୍ୟର ଭୂମିକା କେତେ ଅଛି ତାହା କହିବା ବାହୁଲ୍ୟ। ତେଣୁ

ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଗ୍ଲିନିଆସିସ୍ ଗ୍ଲୋବାଲ ହସ୍ପିଟାଲ୍ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଆମେ ଖାଦ୍ୟପେୟକୁ ସନ୍ତୁଳିତ ରଖିବା ତେବେ ଡିପ୍ରେସନ ଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା। 'ଡିପ୍ରେସନ ଏବଂ ଖାଦ୍ୟପେୟ' ଶୀର୍ଷକ ବିଷୟକୁ ନେଇ ଏହି ହସପିଟାଲ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କଠାରେ ଡିପ୍ରେସନ ସମସ୍ୟା କମ୍ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସ୍ୱାସ୍ଥ୍ୟ ସୂଚନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୨୪/୨୦୨୩ Bhubaneswar, Monday, July 24/ 2023

ସାତ୍ୱିକ-ଚିରାଗଙ୍କୁ ଡବଲ୍ସ ଟାଇଟଲ

ୟୋସୁ, ୨୩।୭(ପି.ଟି)

କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଭାରତୀୟ ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଯୋଡି ଇଣ୍ଡୋନେସିଆର ଫଜର ଆଲଫିଆନ୍ ଓ ମହମ୍ମଦ ରିଆନ୍ ଆର୍ଡିଆଣ୍ଟୋଙ୍କୁ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରିଛନ୍ତି ଭାରତୀୟ ଯୋଡି। ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଆଲଫିଆନ୍-ଆର୍ଡିଆଣ୍ଟୋଙ୍କ ଯୋଡିକୁ ୧୭-୨୧, ୨୧-୧୩ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି ଚିରାଗ-ସାତ୍ୱିକ। ଚଳିତ ବର୍ଷ ଭାରତୀୟ ଯୋଡିଙ୍କର ଏହା ଚତୁର୍ଥ ଟାଇଟଲ। ପୂର୍ବରୁ ଉଭୟ

ମ୍ୟାଚ୍ ପରେ ପପ୍ ସଙ୍ଗ ଗଙ୍ଗନମ୍ ଷ୍ଟାଇଲରେ ନୃତ୍ୟରତ ଚିରାଗ-ସାତ୍ୱିକ।

କୋରିଆ ଓପନ

ସ୍ୱିସ୍ ଓପନ, ଏସିଆନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଓ ଇଣ୍ଡୋନେସିଆ ଓପନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ରବିବାରର ବିଜୟ ସହିତ ଚିରାଗ-ସାତ୍ୱିକ କ୍ରମାଗତ ୧୦ମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।

ପ୍ରଥମ ସେଟ୍‌ରେ ସାତ୍ୱିକ-ଚିରାଗଙ୍କ ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ଏକଦା ୧୦-୧୯ରେ ପଛୁଆ ରହିଥିବା ବେଳେ କ୍ରମାଗତ ୪ ପଏଣ୍ଟ ଅର୍ଜନ କରିଥିଲେ। ଏହାପରେ ୧୭-୨୦ରେ ପହଞ୍ଚିଥିଲେ ମଧ୍ୟ ଆଲଫିଆନ୍-ଆର୍ଡିଆଣ୍ଟୋ୨୧-୧୭ରେ ପ୍ରଥମ ସେଟ୍‌କୁ ଜିତି ନେଇଥିଲେ। ମାତ୍ର ପରବର୍ତ୍ତୀ ଦୁଇ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହିତ ଟାଇଟଲ କବ୍‌ଜା କରିଥିଲେ ଚିରାଗ-ସାତ୍ୱିକ। ଇଣ୍ଡୋନେସିଆ ଓପନ ପରେ ଏହା ଉଭୟ ଖେଳାଳିଙ୍କ ପାଇଁ କ୍ରମାଗତ ଟାଇଟଲ। ପ୍ରଥମ ସେଟ୍‌ରେ ଆମର ଆରମ୍ଭ ଭଲ ରହି ନ ଥିଲା। ମାତ୍ର ଦ୍ୱିତୀୟ ସେଟ୍ ପରଠାରୁ ଆମର ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଥିଲା। କ୍ରମାଗତ ଟାଇଟଲ୍ ହାସଲ ପାଇଁ ଆମେ ବେଶ୍ ଖୁସି ଅଛୁ ବୋଲି ମ୍ୟାଚ୍ ପରେ କହିଥିଲେ ଚିରାଗ। ଚଳିତ ସପ୍ତାହରେ ଆମେ ଉତ୍ତମ କ୍ୱାଲିଟିର ବ୍ୟାଡ୍‌ମିଣ୍ଟନ ଖେଳିଛୁ। ସମାନ ପ୍ରଦର୍ଶନ ଆମେ ଆସନ୍ତା ସପ୍ତାହର ଜାପାନ ଓପନରେ ଦୋହରାଇବାକୁ ପ୍ରୟାସ କରିବୁ ବୋଲି କହିଛନ୍ତି ସାତ୍ୱିକ। ମ୍ୟାଚ୍ ପରେ କୋରିଆର ପପ୍ ସଙ୍ଗ ଗଙ୍ଗନମ୍ ଷ୍ଟାଇଲରେ ଉଭୟ ଖେଳାଳି ନୃତ୍ୟ କରି ସେଲିବ୍ରେଶନ୍ କରିଥିଲେ। ଚିରାଗ ଓ ସାତ୍ୱିକ ସାଥୀ ହୋଇ ଖେଳିବା ପରଠାରୁ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ, ଥୋମାସ୍ କପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ବ୍ୟତୀତ ସୁପର-୩୦୦ ସିରିଜ ସୟଦ ମୋଦି ଓ ସୁଇସ୍ ଓପନ ବିଜେତା ରହିଛନ୍ତି। ସୁପର ୫୦୦ ବର୍ଗରେ ଥାଇଲାଣ୍ଡ, ଇଣ୍ଡିଆ ଓପନ, ସୁପର ୭୫୦ ବର୍ଗରେ ଫ୍ରେଞ୍ଚ ଓପନ ଓ ସୁପର ୧୦୦୦ ବର୍ଗରେ ଇଣ୍ଡୋନେସିଆ ଓପନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି।

ନ୍ୟୁଜିଲାଣ୍ଡ ଖେଳାଳିଙ୍କ ହୋଟେଲରେ ଅଗ୍ନିକାଣ୍ଡ

ଅକଲାଣ୍ଡ ୨୩।୭ (ପି.ଟି.): ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ଆଉ ଏକ ଅଘଟଣ ଦେଖିବାକୁ ମିଳିଛି। ନ୍ୟୁଜିଲାଣ୍ଡ ଖେଳାଳି ଅବସ୍ଥାନ କରୁଥିବା ହୋଟେଲରେ ନିଆଁ ଲାଗିବା କାରଣରୁ ସମସ୍ତ ଖେଳାଳିଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ୩୪ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କୁ ସୋମବାର କୋର୍ଟରେ ହାଜର କରାଯିବ। ଏହା ପୂର୍ବରୁ ମଧ୍ୟ ନରୱେ ଖେଳାଳି ଅବସ୍ଥାନ କରୁଥିବା ହୋଟେଲ ନିକଟରେ ଏକ ଗୁଳିକାଣ୍ଡ ଘଟିଥିଲା। ଏଥିରେ ଦୁଇ ଜଣ ସାଧାରଣ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ଆତତାୟୀ ପୋଲିସ ଗୁଳିରେ ପ୍ରାଣ ହରାଇଥିଲା। ତେବେ ଉଭୟ ଘଟଣା ମଧ୍ୟରେ କୌଣସି ସମ୍ପର୍କ ଅଛି କି ନାହିଁ ତାହାର ତଦନ୍ତ ଜାରି ରହିଛି।

ଫେଲପ୍ସଙ୍କ ରେକର୍ଡ ଭାଙ୍ଗିଲେ ମର୍ଚାଣ୍ଡ

ଫୁକୁଓକା (ଜାପାନ), ୨୩।୭ (ଏପି): ଫ୍ରାନ୍ସର ୨୨ ବର୍ଷୀୟ ଲିଅନ୍ ମର୍ଚାଣ୍ଡ ପୁରୁଷ ୪୦୦ମିଟର ବ୍ୟକ୍ତିଗତ ମିଡ୍‌ଲେରେ ୪ ମିନିଟ ୨.୫୦ ସେକେଣ୍ଡ ଟାଇମିଂରେ ମାଇକେଲ ଫେଲପ୍ସଙ୍କ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପୂର୍ବରୁ ଫେଲପ୍ସ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୪:୦୩.୮୪ ଟାଇମିଂରେ ରେକର୍ଡ ପ୍ରତିଷ୍ଠା କରିଥିଲେ। ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସ ପରେ ଅବସର ନେଇଥିବା ଫେଲପ୍ସଙ୍କର ଏହାଥିଲା ଶେଷ ବ୍ୟକ୍ତିଗତ ରେକର୍ଡ। ମର୍ଚାଣ୍ଡ ଆରିଜୋନା ଷ୍ଟେଟ୍‌ରେ ସନ୍ତରଣ କରିଥାନ୍ତି। ଆମେରିକା ଟିମ୍‌ର କୋଚ୍ ବବ୍ ବାଓମ୍ୟାନଙ୍କଠାରୁ ସେ କୋଚିଂ ନେଉଛନ୍ତି।

ସିରାଜଙ୍କୁ ୫ ଉଇକେଟ ସଫଳତା

ପୋର୍ଟ ଅଫ୍ ସ୍ପେନ୍, ୨୩।୭

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚରେ ଭାରତର ମହମ୍ମଦ ସିରାଜଙ୍କୁ ୫ ଉଇକେଟ ସଫଳତା। କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ସିରାଜ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଘରୋଇ ଦଳ ପ୍ରଥମ ଇନିଂସରେ ୨୫୫ ରନ୍‌ରେ ସୀମିତ ରହିଛି। ଜବାରେ ଚତୁର୍ଥ ଦିନର ପ୍ରଥମ ସେସନ୍ ସୁଦ୍ଧା ଭାରତ ୨୮୧ ରନ୍‌ରେ ଅଗ୍ରଣୀ ରହିଛି।

ଚତୁର୍ଥ ଦିନର ଦୁଇ ଅପରାଜିତ ବ୍ୟାଟର ଆଲିକ୍ ଆଠନାଜେ ଓ ଜୋସୁଆ ଡି ସିଲ୍‌ଭା ଖେଳ ଆରମ୍ଭ କରିଥିଲେ। ଆଠନାଜେଙ୍କୁ ଆଉଟ କରି ମୁକେଶ କୁମାର ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ପରେ ମହମ୍ମଦ ସିରାଜ ଅଗ୍ନିବର୍ଷୀ ବୋଲିଂ କରିବା ସହିତ କ୍ୟାରିୟରର ଶ୍ରେଷ୍ଠ ବୋଲିଂ

ଦ୍ୱିତୀୟ ଟେଷ୍ଟ

ଫିଗର ହାସଲ କରିଥିଲେ। ରବିବାର ସିରାଜ ନିଜ ସ୍ପେଲରେ ଜୋସୁଆ ଡି ସିଲ୍‌ଭା(୧୦), ଜାସନ୍ ହୋଲ୍ଡର(୧୫), ଆଲଜାରି ଯୋଶେଫ୍(୪), କେମାର ରୋଚ୍(୪) ଓ ଶାନନ୍ ଗାବ୍ରିଏଲ(୦)ଙ୍କୁ ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଧିନାୟକ କ୍ରେଗ୍ ବ୍ରାଥୱେଟ ସର୍ବାଧିକ ୭୫ ରନ୍ କରିଥିବା ବେଳେ ଆଲିକ୍ ଆଠନାଜେ ୩୭ ଓ ଟାଗେନାରିନ୍ ଚନ୍ଦ୍ରପାଲ ୩୩ ରନ୍ ସ୍କୋର କରିଥିଲେ। ୫/୬୦ର ଫିଗର ସହିତ ମହମ୍ମଦ ସିରାଜ୍ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ବେଳେ ମୁକେଶ କୁମାର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୮୩ ରନ୍‌ରେ ଆଗୁଆ ରହିବା ପରେ ଭାରତ ଏହାର ଦ୍ୱିତୀୟ ଇନିଂସ ଦୃଢ ଭାବେ ଆରମ୍ଭ କରିଥିଲା। ପ୍ରଥମ ସେସନର ଖେଳ ଶେଷ ହେବା ସୁଦ୍ଧା ଭାରତ ୧ ଉଇକେଟ ହରାଇ ୯୮ ରନ୍ କରିଛି। ରୋହିତ ଶର୍ମା ୫୭ ରନ୍‌ରେ ଆଉଟ ହୋଇଛନ୍ତି। ଯଶସ୍ୱୀ ଜୟସ୍ୱାଲ ୩୭ ଓ ଶୁବମାନ ଗିଲ୍ ୦ କ୍ରିଜରେ ଅଛନ୍ତି।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ ୪୩୮। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୧୧୫.୪ ଓଭରରେ ୨୫୫/୧୦(କ୍ରେଗ୍ ବ୍ରାଥୱେଟ-୭୫, ଆଲିକ୍ ଆଠନାଜେ-୩୭, ଟାଗେନାରିନ୍ ଚନ୍ଦ୍ରପାଲ-୩୩, ମହମ୍ମଦ ସିରାଜ୍-୫/୬୦, ରବୀନ୍ଦ୍ର ଜାଡେଜା- ୨/୩୭, ମୁକେଶ କୁମାର-୨/୪୮)।

ଭାରତ ଦ୍ୱିତୀୟ ଇନିଂସ ୧୨ ଓଭରରେ ୯୮/୧(ରୋହିତ ଶର୍ମା-୫୭, ଯଶସ୍ୱୀ ଜୟସ୍ୱାଲ-୩୭, ଶାନନ ଗାବ୍ରିଏଲ-୧/୧୧)।

ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ